Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 204
Wednesday, 30 Setember 2026
Balasore, Page : 8, ₹ 2/
ବାଲେଶ୍ୱର, ବୁଧବାର, ୩୦ ସେପ୍ଟେମ୍ବର, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା,
ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା
ବିପତ୍ତି ତା'ର କ'ଣ କରିବ ?
ଜଗତ୍‌ବାସୀ ତାହା ବିରୋଧରେ
ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର
କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ପିଲାମାନଙ୍କୁ ସ୍କୁଲ କିଟ୍ ବାଂଟିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୯/୯ (ଆ.ପ୍ର) : ଭୁବନେଶ୍ୱର ବରମୁଣ୍ଡାସ୍ଥିତ ଅଙ୍ଗନବାଡି କେନ୍ଦ୍ରଠାରେ ଆୟୋଜିତ ରାଜ୍ୟ ସ୍ତରୀୟ 'ଆଙ୍ଗନ୍ କା ଉତ୍ସବ' ଏବଂ '୯ମ ରାଷ୍ଟ୍ରୀୟ ପୋଷଣ ମାସ' ପାଳିତ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସେ କହିଥିଲେ ଯେ, ଏକ ସୁ-ପୋଷିତ ଓଡ଼ିଶା ଗଠନ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ । ମହିଳା ଓ ଶିଶୁମାନଙ୍କ ପୋଷଣରେ ଉନ୍ନତି ଆଣିବା ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଅଙ୍ଗନବାଡି ଓ ସ୍କୁଲ ଜରିଆରେ ଅନେକ ପୋଷଣ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏଥିରେ ଆହୁରି ଉନ୍ନତି ଆଣିବା ପାଇଁ ପୁରା ପରିବାରଙ୍କୁ ସାମିଲ କରାଯାଉଛି । ପରିବାରର ମହିଳାମାନଙ୍କ ସହିତ ପୁରୁଷମାନଙ୍କୁ ମଧ୍ୟ ଶିଶୁର ପୌଷ୍ଟିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ସଂଶ୍ଳିଷ୍ଟ କରାଯାଉଛି । ସଚେତନତା ଓ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଜରିଆରେ ଆମ ଓଡ଼ିଶାକୁ ନିଶ୍ଚିତ ଭାବରେ ଏକ ସୁ-ପୋଷିତ ଓଡ଼ିଶା ଭାବେ ପ୍ରତିଷ୍ଠିତ କରାଯିବ । ସେ ପୁଣି କହିଥିଲେ ଯେ, ପୋଷଣ ମାସ ପାଳନ ଅବସରରେ ରାଜ୍ୟବ୍ୟାପୀ ୪୬ ଲକ୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଛି ଏବଂ ଆଧାର ଯାଂଚ କ୍ଷେତ୍ରରେ ଓଡ଼ିଶା ସାରା ଦେଶରେ ପ୍ରଥମ ସ୍ଥାନ ହାସଲ କରିଛି । ଶିଶୁର ପ୍ରଥମ ୧୦୦୦ ଦିନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ, ଶିଶୁଙ୍କ ସୁଚାରୁ ଲାଳନପାଳନରେ ମା'ମାନଙ୍କ ସହ ପିତା ଓ ପରିବାରର ଅନ୍ୟ

ସଦସ୍ୟମାନଙ୍କ ସହଭାଗିତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ଏକ ସୁସ୍ଥ, ସୁନ୍ଦର ଓ ବିକଶିତ ଓଡ଼ିଶା ଗଠନ ପାଇଁ ସମସ୍ତେ ସହଯୋଗର ହାତ ବଢ଼ାଇବାକୁ ସେ ଆହ୍ୱାନ ଦେଇ କହିଥିଲେ ଯେ, ଏକ ସୁପୋଷିତ ଓଡ଼ିଶା ପାଇଁ ସରକାର ପ୍ରତିବଦ୍ଧ । ସେ ଆହୁରି କହିଛନ୍ତି ଯେ, ତୃଣମୂଳ ସ୍ତରରେ ନିଃସ୍ୱାର୍ଥପର ସେବା ପ୍ରଦାନ କରି ରାଜ୍ୟରେ ଶିଶୁ ଟୀକାକରଣ, ଅନୁଷ୍ଠାନଗତ ପ୍ରସବ ବୃଦ୍ଧି ଏବଂ ଶିଶୁ ଓ ମାତୃ ମୃତ୍ୟୁହାର ଯଥେଷ୍ଟ ହ୍ରାସ କରିବାର ପ୍ରକୃତ ଶ୍ରେୟ ଆମର ଅଙ୍ଗନବାଡ଼ି କର୍ମୀ, ସହାୟିକା, ଭଗଗ ଓ ଆଶା କର୍ମୀମାନଙ୍କର । ପୂର୍ବରୁ ଓଡ଼ିଶା ଦେଶରେ ଦ୍ୱିତୀୟ ସବୁଠାରୁ ଅଧିକ ଶିଶୁ ଓ ମାତୃ ମୃତ୍ୟୁହାର ଥିବା ରାଜ୍ୟ ଥିଲା, ମାତ୍ର ଆଜି ଏହି ଦୁଇଟି ମାପକାଠିରେ ରାଜ୍ୟ ଏକ ସନ୍ତୋଷଜନକ ସ୍ଥିତିରେ ପହଂଚିପାରିଛି । ସମାଜର ଅଧା ଜନସଂଖ୍ୟାଙ୍କ ମଙ୍ଗଳ ବିନା ବିକାଶ ଅସମ୍ଭବ । ମହିଳା ସଶକ୍ତିକରଣ ପାଇଁ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା 'ସୁଭଦ୍ରା ଯୋଜନା', 'ଲକ୍ଷପତି ଦିଦି', 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ଓ 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା' ସମ୍ପର୍କରେ ସେ ଆଲୋକପାତ କରିଥିଲେ । ରାଜ୍ୟ ସରକାରଙ୍କ ମୋଟ ବଜେଟର ଅତିକମରେ ୪୦ ପ୍ରତିଶତ କେବଳ ମହିଳାମାନଙ୍କ ପାଇଁ ଖର୍ଚ୍ଚ ହେଉଛି ବୋଲି ସେ ପ୍ରକାଶ କରିଥିଲେ । ରାଜ୍ୟରେ ଗୁଣାତ୍ମକ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ନିଃଶୁଳ୍କ କରାଯାଇଥିବା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ସୂଚନା ଦେଇ କହିଥିଲେ ଯେ, ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନଗୁଡ଼ିକରେ ସ୍ନାତକୋତର (M.A.) ପର୍ଯ୍ୟନ୍ତ ଶିକ୍ଷା ସମ୍ପୂର୍ଣ୍ଣ ଦେୟମୁକ୍ତ କରାଯାଇଛି । ସେହିପରି ଜନ୍ମିତ ଶିଶୁ କନ୍ୟାମାନେ ସ୍ନାତକ ଶିକ୍ଷା ସମାପ୍ତ କଲେ ସେମାନଙ୍କୁ ୧ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ମିଳିବ । ସ୍ୱାସ୍ଥ୍ୟ କ୍ଷେତ୍ରରେ 'ଆୟୁଷ୍ମାନ ଭାରତ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା' ମାଧ୍ୟମରେ ଦେଶର ବଛା ବଛା ବେସରକାରୀ ହସ୍ପିଟାଲରେ କ୍ୟାସଲେସ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅଙ୍ଗନବାଡି ପିଲାମାନଙ୍କୁ ସ୍କୁଲ କିଟ୍ ବଂଟନ କରିବା ସହ ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରଦର୍ଶନ ପାଇଁ ବାପାମାନଙ୍କୁ ପୁରସ୍କୃତ କରିଥିଲେ । ଏହା ସହ ଅଙ୍ଗନବାଡି କର୍ମୀ, ସହାୟିକା ଓ ଆଶା କର୍ମୀମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି । ମୁଖ୍ୟମନ୍ତ୍ରୀ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରି 'ତ୍ରିରଙ୍ଗା ଥାଳି' ଓ ଗରମ ରନ୍ଧା ଖାଦ୍ୟର ଗୁଣବତା ଅନୁଧ୍ୟାନ କରିଥିଲେ ଏବଂ ପିଲାମାନଙ୍କୁ ଖାଦ୍ୟ ମଧ୍ୟ ପରଷି ଥିଲେ ।

ଡିଜିପି ଚୟନ ବିବାଦ: ଶୁଣାଣି ଶେଷ, ରାୟ ସଂରକ୍ଷିତ

ଭୁବନେଶ୍ୱର, ୨୯/୯ (ଆ.ପ୍ର) : ରାଜ୍ୟର ପରବର୍ତ୍ତୀ ପୁଲିସ ମହାନିର୍ଦ୍ଦେଶକ(ଡିଜିପି) ଚୟନ ବିବାଦ ମାମଲାକୁ ନେଇ ସୁପ୍ରିମକୋର୍ଟରେ

ଚାଲିଥିବା ଶୁଣାଣି ଆଜି ଶେଷ ହୋଇଛି । ପ୍ରଧାନ ବିଚାରପତିଙ୍କ ଖଣ୍ଡପୀଠ ନିଜର ରାୟ ସଂରକ୍ଷିତ ରଖିଛନ୍ତି । ଶୁଣାଣିବେଳେ ଡିଜି ପଦବୀ ଖାଲି ହେବା ପୂର୍ବରୁ ଲେଭଲ-୧୬ ଓ ଲେଭଲ-୧୫ ଅଫିସରଙ୍କ ନାମ ଏକାଠି ପଠାଯିବା, ମଇ ମାସରେ ତାଲିକା ପଠାଇବା ପରେ ଅଗଷ୍ଟ ୧୦ ତାରିଖରେ ନୂଆ ପଦୋନ୍ନତି ଦେଇ ପରବର୍ତ୍ତୀ ତାଲିକା ଯୋଡ଼ିବା ଓ କୌଣସି ଏଫଆଇଆର୍ ନଥାଇ କେବଳ ସିବିଆଇ ଚିଠି ଆଳରେ ଜଣେ ବରିଷ୍ଠ ଅଫିସରଙ୍କ ଇଂଟିଗ୍ରିଟି ସାର୍ଟିଫିକେଟ୍ ପ୍ରତ୍ୟାହାର କରାଯିବାକୁ ନେଇ ଖଣ୍ଡପୀଠ ଆଜି ଆଇନଗତ ପ୍ରଶ୍ନ ଉଠାଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି.ମୋହନାଙ୍କୁ ନେଇ ଗଠିତ ୩ଜଣିଆ ଖଣ୍ଡପୀଠ ଆଜି ପ୍ରାୟ ଦେଢ଼ଘଂଟା ଧରି ଶୁଣାଣି କରିଥିଲେ । ଓଡ଼ିଶା ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ନିଜର ପକ୍ଷ ରଖିଥିଲେ । ପୂର୍ବରୁ ଏହି ମାମଲାରେ ବରିଷ୍ଠ ଓକିଲ ପି. ଚିଦାମ୍ବରମ, କରୁଣା ନନ୍ଦୀ, ପ୍ରଶାନ୍ତ ଭୂଷଣ ଓ ଆମିକସକ୍ୟୁରି ରାଜୁ ରାମଚନ୍ଦ୍ରନଙ୍କ ପକ୍ଷ ଶୁଣିଥିବା ଖଣ୍ଡପୀଠ ଆଜି ସଲିସିଟର ଜେନେରାଲଙ୍କ ଯୁକ୍ତି ଶୁଣିବା ପରେ 'ଓଡ଼ିଶା ପ୍ରସଙ୍ଗ ସରିଲା, ରାୟ ସଂରକ୍ଷିତ ରହିଲା' ବୋଲି ସ୍ପଷ୍ଟ ଭାବେ ଘୋଷଣା କରିଥିଲେ । ଆଜି ମଧ୍ୟାହ୍ନ ବିରତି ପରେ ଶୁଣାଣି ଆରମ୍ଭ ହେବାମାତ୍ରେ ସଲିସିଟର ଜେନେରାଲ ଶ୍ରୀ ମେହେଟ୍ଟା କହିଥିଲେ ଯେ, ସରକାର କାହାକୁ ନିଜର 'ବ୍ଲୁ-ଆଏଡ୍ ବୟ' ଭାବି ଆଗକୁ ଆଣିନାହାନ୍ତି । ଓଡ଼ିଶା ଗୋଟିଏ ଛୋଟ ରାଜ୍ୟ ଓ ସେଠାରେ ଡିଜି ପାହ୍ୟାରେ ମାତ୍ର ଦୁଇଟି କ୍ୟାଡର ଓ ଦୁଇଟି ଏକ୍ସକ୍ୟାଡର ପଦବୀ ରହିଛି । ତତ୍କାଳୀନ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଅଗଷ୍ଟ ୧୬ରେ ଓ ବରିଷ୍ଠ ଆଇପିଏସ୍ ବିନୟତୋଷ ମିଶ୍ର ନଭେମ୍ବର ୩୦ରେ ଅବସର ନେବେ । ଯଦି ରାଜ୍ୟ କେବଳ ୩ଟି ନାଁ ପଠାଇଥାନ୍ତା, ତେବେ ସେହି ୩ଟି ନାଁ ହିଁ ୟୁପିଏସସିରୁ ଫେରି ଆସିଥାନ୍ତା ଓ ପ୍ରକୃତ ଚୟନ ପାଇଁ ବିକଳ୍ପ ରହି ନଥାନ୍ତା । ୧୯୯୪ ବ୍ୟାଚର ସଞ୍ଜିବ ପଣ୍ଡା ଓ ଯଶବନ୍ତ କୁମାର ଜେଠ୍ୱା ୩୦ବର୍ଷ ଚାକିରି ପୂରଣ କରି ୨୦୨୪ ଜାନୁୟାରୀ ୧ରୁ ଲେଭଲ-୧୬ ପାଇଁ ଯୋଗ୍ୟ ଥିଲେ ମଧ୍ୟ ସାଢ଼େ ତିନି ବର୍ଷ ଧରି ପଦୋନ୍ନତି ଅପେକ୍ଷାରେ ରହିଥିଲେ ଓ ସେମାନେ ୨୦୨୮ ମସିହାରେ ଅବସର ନେବେ । ତେଣୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟରୁ ଅସ୍ଥାୟୀ ଏକ୍ସ କ୍ୟାଡର ପଦବୀ ମଞ୍ଜୁର କରାଇବାର ପ୍ରକ୍ରିୟା ୨୦୨୪ ମସିହାରୁ ଆରମ୍ଭ ହୋଇଥିଲା ଓ ୨୦୨୬ ଫେବୃୟାରୀ ୪ ତାରିଖରେ ଚିଠି ଲେଖାଯାଇଥିଲା, ଯାହାକି ମଇ ମାସରେ ୟୁପିଏସସିକୁ ତାଲିକା ପଠାଯିବାର ବହୁ ପୂର୍ବର ଘଟଣା । କେନ୍ଦ୍ର ସରକାରଙ୍କ ଅନୁମୋଦନରେ ୨୦୨୬ ଅଗଷ୍ଟ ୧୦ତାରିଖରେ ରାଜ୍ୟ ସ୍କ୍ରିନିଂ କମିଟି ଦ୍ୱାରା ଶ୍ରୀ ପଣ୍ଡା ଓ ଶ୍ରୀ ଜେଠ୍ୱାଙ୍କୁ ପଦୋନ୍ନତି ଦିଆଯାଇଥିଲା । ପଦବୀ ଖାଲି ହେବା ତାରିଖ ସୁଦ୍ଧା ସେମାନେ ଲେଭଲ-୧୬ରେ ଥିବାରୁ ସେମାନଙ୍କ ନାମ ବିଚାରକୁ ନିଆଯିବା ସମ୍ପୂର୍ଣ୍ଣ ନ୍ୟାୟସଙ୍ଗତ ବୋଲି ସଲିସିଟର ଜେନେରାଲ ଶ୍ରୀ ମେହେଟ୍ଟା ଯୁକ୍ତି ବାଢ଼ିଥିଲେ । ମାତ୍ର ଖଣ୍ଡପୀଠ ଏହା ଉପରେ କଡ଼ା ଆପତ୍ତି ଉଠାଇ କହିଥିଲେ ଯେ, ପ୍ରିୟ ବା ଅପ୍ରିୟ କଥା ଏଠାରେ ଉଠୁନାହିଁ, ମୂଳ କଥା ହେଉଛି ନିୟମ ଅନୁସାରେ ବାଂଚା ଓ ପ୍ରକ୍ରିୟା ପାଳନ ହୋଇଛି କି ନାହିଁ ? ମଇ ମାସରେ ପ୍ରସ୍ତାବ ପଠାଇ ସାରିବା ପରେ, ଅଗଷ୍ଟ ୧୦ତାରିଖରେ ନିଜ ଆଡୁ ପଦୋନ୍ନତି ଦେଇ କୋର୍ଟଙ୍କ ବିନାନୁମତିରେ ସେହି ନାମଗୁଡ଼ିକୁ ପୁରୁଣା ତାଲିକାରେ ପଛପଟୁ ଯୋଡ଼ିବା ସୁପ୍ରିମକୋର୍ଟଙ୍କ ନିୟମାବଳୀର ଧାରା ୫(୧୨)ର ସ୍ପଷ୍ଟ ଉଲ୍ଲଂଘନ । ଯଦି କୌଣସି ଅସାଧାରଣ ସ୍ଥିତି ଥିଲା, ତେବେ ରାଜ୍ୟ ସରକାର ଧାରା ୫(୧୨) ଅଧୀନରେ କୋର୍ଟଙ୍କ ଅନୁମତି ଲୋଡ଼ିବା ଆବଶ୍ୟକ ଥିଲା ।

୮ ଜିଲ୍ଲାରେ ହେବ ବାୟୋ ଗ୍ୟାସ୍ ପ୍ରକଳ୍ପ

ଭୁବନେଶ୍ୱର, ୨୯/୯ (ଆ.ପ୍ର) : ଭାରତୀୟ ତୈଳ ନିଗମ ତରଫରୁ ବାଲେଶ୍ୱର, ବଲାଙ୍ଗୀର, ବରଗଡ଼, ଗଞ୍ଜାମ, କଳାହାଣ୍ଡି, କେନ୍ଦୁଝର, ମୟୂରଭଞ୍ଜ ଓ ସୁବର୍ଣ୍ଣପୁରରେ କମ୍ପ୍ରେସ୍ଡ ବାୟୋ ଗ୍ୟାସ୍ ପ୍ରକଳ୍ପ ସ୍ଥାପନରେ ୯୬୦ କୋଟି ଟଙ୍କା ନିବେଶ କରାଯିବ । କମ୍ପାନି ବାର୍ଷିକ ୩୯,୬୦୦ ଟନ୍ ବାୟୋ ଗ୍ୟାସ୍ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଛି । ଏଥି ସହିତ ରାଜ୍ୟରେ ୫ଟି ନୂଆ ତାରକା ହୋଟେଲ୍ ନିର୍ମାଣ ହେବାକୁ ଯାଉଛି । ପୋଷାକ ଜଗତର ଅଗ୍ରଣୀ ସଂସ୍ଥା ଡଲାର ଇଣ୍ଡଷ୍ଟ୍ରିଜ୍ ମଧ୍ୟ ଖୋର୍ଦ୍ଧାରେ ନିବେଶ କରିବ । ଆଜି ମୁଖ୍ୟ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୫୦ତମ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ ମଞ୍ଜୁରି କର୍ତ୍ତୃପକ୍ଷ ବୈଠକରେ ଏହି ପ୍ରକଳ୍ପଗୁଡ଼ିକ ସମେତ ୩୨୮୦ କୋଟି ଟଙ୍କାର ୧୯ଟି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି । ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ରାଜ୍ୟରେ ୧୦,୬୬୧ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି । ବୈଠକର ସୂଚନା ଅନୁସାରେ, ଗଞ୍ଜାମରେ ବିବିବି ହୋଟେଲ୍ ତରଫରୁ ୨୦୮.୦୪ କୋଟି ଟଙ୍କା ଓ ହୋଟେଲ୍ ସି ପର୍ଲ ଓଡ଼ିଶା ପକ୍ଷରୁ ପୁରୀରେ ୧୮୦ କୋଟି ଟଙ୍କା ନିବେଶରେ ପଂଚତାରକା ହୋଟେଲ୍ ନିର୍ମାଣ କରାଯିବ । ସେହିପରି, ଝାରସୁଗୁଡ଼ାରେ ହାଇଲ୍ୟାଣ୍ଡ ହୋଟେଲ୍ ଆଣ୍ଡ ରିସୋର୍ଟସ୍ ୧୫୦ କୋଟି ଟଙ୍କା, ପୁରୀରେ ପୁରୀ ଇକୋ-ଟୁରିଜମ ଆଣ୍ଡ ରିସୋର୍ଟସ୍ ୧୨୪ କୋଟି ଟଙ୍କା ଓ ଓଡ଼ିଶେ ଲିଜର ପକ୍ଷରୁ କୋରାପୁଟରେ ୧୦୫ କୋଟି ଟଙ୍କା ନିବେଶରେ ୩ଟି ଚାରିତାରକା ହୋଟେଲ୍ ନିର୍ମାଣ କରାଯିବ । ଟାଟା ପାୱାର-ଜିସିସି ତରଫରୁ ଖୋର୍ଦ୍ଧାରେ ୫୪.୩୧ କୋଟି ଟଙ୍କାରେ ଏକ ଗ୍ଲୋବାଲ୍ କାପାବିଲିଟି ସେଂଟର (ଜିସିସି) ସ୍ଥାପନ କରାଯିବ ।

ଖଣି ସଂଶୋଧନ ଆଇନକୁ ତେଜୁଛି ଅସନ୍ତୋଷ, ଅକ୍ଟୋବର ୮ରେ ଓଡ଼ିଶା ବନ୍ଦ ଡାକରା

ଭୁବନେଶ୍ୱର, ୨୯/୯ (ଆ.ପ୍ର) : ଖଣି ଓ ଖଣିଜ ସଂଶୋଧନ ଆଇନ ବିରୋଧରେ ତେଜିବାରେ ଲାଗିଛି ବିରୋଧୀ । ଗତକାଲି ବିଜେଡି ବିକ୍ଷୋଭ କରିଥିବାବେଳେ ଆଜି ପ୍ରତିବାଦ କରିଛି ଇଣ୍ଡି ମେଂଟ । ମାଷ୍ଟରକ୍ୟାଂଟିନରେ ଶୋଭାଯାତ୍ରା ଓ ଲୋୟର ପିଏମଜିରେ ସମାବେଶ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିବାକୁ ଉଦ୍ୟମ କରିଛନ୍ତି କଂଗ୍ରେସ ଓ ଏହାର ସହଯୋଗୀ ଦଳର ନେତା ଓ କର୍ମୀ । ବ୍ୟାରିକେଡ୍ ଡେଇଁ ଆଗକୁ ଯିବାବେଳେ ବିକ୍ଷୋଭକାରୀ ଓ ପୁଲିସ୍ ମୁହାଁମୁହିଁ ହୋଇଛନ୍ତି । ଦେଖିବାକୁ ମିଳିଛି ହାଇଭୋଲଟେଜ୍ ଡ୍ରାମା । ପ୍ରତିବାଦକାରୀଙ୍କୁ ଉଠାଇ ନେଇଛି ପୁଲିସ୍ । ତେବେ କାହିଁକି ଏତେ ପ୍ରତିବାଦ? କ'ଣ ରହିଛି ବିରୋଧୀଙ୍କ ଦାବି? ଥମିବାର ନା ଧରୁନି ଏମ ଏମ ଡି ଆର ଆଇନ୍ ପ୍ରତ୍ୟାହାର ଦାବି । ବିଧାନସଭା ରୁ ରାଜ ରାସ୍ତା ସବୁଠି ଆନ୍ଦୋଳନ, ହଙ୍ଗାମା । ଖଣି ନୀତିକୁ

ନେଇ ରାଜଧାନୀରେ ରଣହୁଙ୍କାର, ଗାନ୍ଧୀମାର୍ଗରେ ଜମିଲା ବିରୋଧୀଙ୍କ ମେଳି । ଏକାଠି ହେଲେ ଇଣ୍ଡିଆ ବ୍ଲକ୍‌ର ବିଭିନ୍ନ ଦଳର ନେତା ଓ କର୍ମୀ । ନାରାବାଜି ଭିତରେ ଆଗକୁ ବଢ଼ିଥିଲା ଶୋଭାଯାତ୍ରା । କଂଗ୍ରେସ ସହ ସିପିଆଇ, ସିପିଆଇ(ଏମ୍), ସିପିଆଇ(ଏମ୍‌ଏଲ୍) ଲିବରେସନ୍, ଫରୱାର୍ଡ ବ୍ଲକ୍, ଏନ୍‌ସିପି-ଶରଦ ପାୱାର, ସମାଜବାଦୀ ପାର୍ଟି ଓ ଆରଜେଡିର ନେତା ଓ କର୍ମୀମାନେ ସାମିଲ ହୋଇ ବିଜେପି ସରକାର ଉପରେ ବର୍ଷିଥିଲେ । ପରିବର୍ତ୍ତନ ରାଲି ମଂଚରେ ସଂଶୋଧିତ ଖଣି ଆଇନକୁ ଓଡ଼ିଶା ସ୍ୱାର୍ଥ ବିରୋଧୀ କହି, ବିଜେପି ସରକାର ଉପରେ ବର୍ଷିଛନ୍ତି ବିରୋଧୀ । ତୁରନ୍ତ ପ୍ରତ୍ୟାହାର କରିବାକୁ ରଖିଛନ୍ତି ଦାବି । ଆଉ ଆସନ୍ତା ୮ ତାରିଖରେ ଓଡ଼ିଶା ବନ୍ଦ ଡାକରା ଦେଇଛି କଂଗ୍ରେସ । ହେଲେ ସଭା ପରେ ବଦଳିଗଲା ଆନ୍ଦୋଳନର ଚିତ୍ର । ବ୍ୟାରିକେଡ୍ ଆଗରେ ନେତା ଓ ପୋଲିସ ମୁହାଁମୁହିଁ । ଠେଲାପେଲା ଭିତରେ ବଢ଼ିଲା ଉତେଜନା, ଆରମ୍ଭ ହେଲା ଧସ୍ତାଧସ୍ତି । କଂଗ୍ରେସ ବିଧାୟକ ଓ ନେତାଙ୍କୁ ଧରି ଉଠାଇ ନେଲା ପୋଲିସ । କାହାକୁ ବ୍ୟାରିକେଡ୍ ପଛକୁ ଟାଣିନେଲା ପୋଲିସ, ତ ଆଉ କିଏ ଆଗକୁ ବଢ଼ିବାକୁ ଉଦ୍ୟମ ବେଳେ ଟଣା ଓଟରା । ବ୍ୟାରିକେଡ୍ ଭାଙ୍ଗିବାକୁ ଉଦ୍ୟମ, ପୋଲିସର ଅଟକାଇବା ବେଳେ ଗାନ୍ଧୀମାର୍ଗରେ ଦେଖିବାକୁ ମିଳିଥିଲା ହାଇଭୋଲଟେଜ୍ ଡ୍ରାମା ।

ପ୍ରଗତି ୫୦'ରେ ବିକଶିତ ହେବ ପୁରୀ ଓ ଭୁବନେଶ୍ୱର

ଭୁବନେଶ୍ୱର, ୨୯/୯ (ଆ.ପ୍ର) : ସହରାଂଚଳ ସ୍ୱଚ୍ଛତା ଓ ବୈଜ୍ଞାନିକ ବର୍ଜ୍ୟ ପରିଚାଳନା କ୍ଷେତ୍ରରେ ଓଡ଼ିଶାର ପ୍ରୟାସକୁ ଜାତୀୟ ସ୍ତରରେ ଆଉ ଏକ

ସ୍ୱୀକୃତି ମିଳିଛି । କେନ୍ଦ୍ର ଗୃହ ଓ ନଗର ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସ୍ୱଚ୍ଛ ଭାରତ ମିଶନ୍-ଅର୍ବାନ୍ ୨.୦ ଅଧୀନରେ ଆରମ୍ଭ ହୋଇଥିବା ପ୍ରଗତି୫୦ (ପ୍ରୋ ଆକ୍ଟିଭ୍ ଗଭର୍ଣ୍ଣାନ୍ସ ଆଣ୍ଡ୍ ଟାଇମ୍‌ଲି ଇମ୍ପ୍ଲିମେଂଟସନ୍) ପଦକ୍ଷେପ ପାଇଁ ଦେଶର ୨୪ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ୫୦ଟି ସହର ମଧ୍ୟରେ ଓଡ଼ିଶାର ଭୁବନେଶ୍ୱର ଓ ପୁରୀକୁ ଚୟନ କରାଯାଇଛି । ଚୟନ ହୋଇଥିବା ସହରଗୁଡ଼ିକୁ 'ମଡେଲ୍ ସାନିଟେସନ୍ ସିଟି' ଭାବେ ବିକଶିତ କରିବା ପ୍ରଗତି ୫୦ର ମୂଳ ଲକ୍ଷ୍ୟ । ଏଥିପାଇଁ ବ୍ୟବସ୍ଥିତ ବର୍ଜ୍ୟ ପରିଚାଳନା, ବ୍ୟବହୃତ ଜଳ ପରିଚାଳନା, ସ୍ୱଚ୍ଛତା, ପରିମଳ ଓ ନାଗରିକ ଅଂଶଗ୍ରହଣ ଭଳି କ୍ଷେତ୍ରରେ ଲକ୍ଷ୍ୟଭିତ୍ତିକ ପଦକ୍ଷେପ ନିଆଯିବ । ନିୟମିତ ତଦାରଖ, ବୈଷୟିକ ମାର୍ଗଦର୍ଶନ ଓ ସୁସଂଗଠିତ ସହଯୋଗ ମାଧ୍ୟମରେ ଚୟନିତ ସହରଗୁଡ଼ିକରେ କାର୍ଯ୍ୟକାରୀ ଓ ସ୍ଥାୟୀ ସ୍ୱଚ୍ଛତା ବ୍ୟବସ୍ଥା ଗଢ଼ି ତୋଳାଯିବ । କେନ୍ଦ୍ର ଗୃହ ଓ ନଗର ବ୍ୟାପାର ମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କ ଅଧ୍ୟକ୍ଷତାରେ ଏହି ପ୍ରସଙ୍ଗରେ ଏକ ଆଭାସୀ ବୈଠକ ହୋଇଥିଲା । ଏଥିରେ କାର୍ଯ୍ୟକ୍ରମର ଜାତୀୟ ସ୍ତରରେ ଶୁଭାରମ୍ଭ ହୋଇଥିଲା । ଓଡ଼ିଶାର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ କୃଷ୍ଣଚନ୍ଦ୍ର ମହାପାତ୍ର, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ବୈଠକରେ ଉପସ୍ଥିତ ଥିଲେ । ଆଲୋଚନା ସମୟରେ ଡଃ ମହାପାତ୍ର ଓଡ଼ିଶାରେ ବର୍ଜ୍ୟରୁ ସମ୍ପଦ ସୃଷ୍ଟି ଦିଗରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ଭୁବନେଶ୍ୱର, କଟକ ଓ ପୁରୀରେ କମ୍ପ୍ରେସ୍ଡ ବାୟୋ-ଗ୍ୟାସ୍ ପ୍ଲାଂଟ ପ୍ରତିଷ୍ଠା ଏବଂ ବର୍ଜ୍ୟରୁ ଚାରକୋଲ୍ ପ୍ରସ୍ତୁତି ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ତଥ୍ୟ ରଖିଥିଲେ । ସୂଚନାଯୋଗ୍ୟ ପ୍ରଗତି୫୦କୁ ରାଜ୍ୟରେ ସଫଳତାର ସହ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ନଗର ଉନ୍ନୟନ ମନ୍ତ୍ରଣାଳୟ, ସମ୍ପୃକ୍ତ ସହରାଂଚଳ ସ୍ଥାନୀୟ ସଂସ୍ଥା ଓ ଏସ୍ ବି ଏମ୍- ୟୁ ଟିମ୍ ସହ ସମନ୍ୱୟରେ କାର୍ଯ୍ୟ କରାଯିବ । ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଧାରିତ ମାର୍ଗଦର୍ଶିକା ଓ ମାନକ କାର୍ଯ୍ୟ ପଦ୍ଧତି (ଏସ୍‌ଓପି) ଅନୁଯାୟୀ ବିଭିନ୍ନ ପଦକ୍ଷେପ ନିଆଯିବ ।

କ୍ୟାମ୍ପରେ ସହକର୍ମୀ ଚଳାଇଲେ ଗୁଳି, ୪ ସିଆଇଏସଏଫ ଯବାନ ମୃତ

ନୂଆଦିଲ୍ଲୀ, ୨୯/୯ (ନ୍ୟୁ.ଏ): ଜମ୍ମୁ-କଶ୍ମୀରର କଠୁଆ ଜିଲ୍ଲାରେ ଥିବା ସେବା ୨ ହାଇଡେଲ୍ ପାୱାର କ୍ୟାମ୍ପରେ ବଡ଼ ଅଘଟଣ । ଏଠାରେ ନିୟୋଜିତ ସିଆଇଏସଏଫର ଜଣେ କର୍ମଚାରୀ ନିଜ ସହକର୍ମୀଙ୍କ ଉପରକୁ ଆଖିବୁଜା ଗୁଳି ମାଡ଼ କରିଛନ୍ତି । ଏଥିରେ ସିଆଇଏସ୍‌ଏଫର ଜଣେ ଆସିଷ୍ଟାଂଟ କମାଣ୍ଡାଂଟ ରାଙ୍କର ଅଫିସରଙ୍କ ସମେତ ୪ ଜଣ ପ୍ରାଣ ହରାଇଛନ୍ତି । ପୂରା ଘଟଣା ଡ୍ୟୁଟି ବଦଳ ସମୟରେ ଘଟିଛି । ଡିଟ୍ୟୁ ବଦଳ ସମୟରେ ହଠାତ ସିଆଇଏସଏଫ କର୍ମଚାରୀମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଦେଖୁଦେଖୁ କଥା ହାତାହାତି ଯାଏ ବଢ଼ିଥିଲା ।

ଏତିକି ବେଳେ ଜଣେ କର୍ମଚାରୀ ହଠାତ୍ ନିଜ ସର୍ଭିସ ବନ୍ଧୁକରୁ ସାମ୍ନାରେ ଥିବା ସହକର୍ମୀଙ୍କ ଉପରକୁ ଗୁଳି ମାଡ଼ କରିଥିଲେ । ଗୁଳିମାଡ଼ ଯୋଗୁ ଆସିସଷ୍ଟାଂଟ କମାଣ୍ଡାଂଟ ରାଙ୍କର ଅଫିସରଙ୍କ ସମେତ ୪ ଜଣ ଆହତ ହୋଇଥିଲା । ସେମାନଙ୍କୁ ହସ୍ପିଟାଲ ନିଆଯାଇଥିଲେ ହେଁ ଚିକିତ୍ସାଧୀନ ଅବସ୍ଥାରେ ସମସ୍ତଙ୍କ ମୃତ୍ୟୁ ଘଟିଛି । ଖବର ପାଇ କଠୁଆ ଜିଲ୍ଲାର ପୁଲିସ୍ ଟିମ ଘଟଣା ସ୍ଥଳରେ ପହଂଚି ସ୍ଥିତି ଅନୁଧ୍ୟାନ କରିଛି । ପୁଲିସ୍ ତଦନ୍ତ କରୁଥିବା ବେଳେ ସିଆଇଏସଏଫ ପକ୍ଷରୁ ମଧ୍ୟ ଆଭ୍ୟନ୍ତରୀଣ ଯାଂଚ ଆରମ୍ଭ ହୋଇଛି । ସିଆଇଏସଏଫ ମୁଖ୍ୟାଳୟ ପକ୍ଷରୁ ଘଟଣା କେଉଁ ପରିସ୍ଥିତିରେ ଘଟିଲା, ସେକଥା ଜାଣିବା ପାଇଁ କୋର୍ଟ ଅଫ ଇନକ୍ୱାରୀ ନିର୍ଦ୍ଦେଶ ଦିଆଯାଇଛି । ବର୍ତ୍ତମାନ ସୁଦ୍ଧା କେଉଁ ପରିସ୍ଥିତିରେ ଯୁକ୍ତିତର୍କ ହେଲା ଓ କ'ଣ ପାଇଁ ଜଣେ ସିଆଇଏସଏଫ କର୍ମଚାରୀ ସହକର୍ମୀଙ୍କ ଉପରକୁ ଗୁଳି ମାଡ଼ କଲେ, ସେକଥା ସ୍ପଷ୍ଟ ହୋଇନି । ସିଆଇଏସଏଫ ଡିଜି ନିଜେ ଘଟଣାର ସମୀକ୍ଷା କରିବା ସହ ସ୍ଥିତି ଉପରେ ନଜର ରଖିଛନ୍ତି ।

ରାହୁଲଙ୍କୁ ସ୍ମୃତିଙ୍କ ପାଲଟା ପ୍ରଶ୍ନ: 'ଯେଉଁଠି କଂଗ୍ରେସ ଜିତେ, ସେଠି ଇସି ଠିକ୍?'

ନୂଆଦିଲ୍ଲୀ, ୨୯/୯(ନ୍ୟୁ.ଏ): ନିର୍ବାଚନ ଆୟୋଗ ଓ ଭୋଟର ତାଲିକାର ସ୍ପେଶାଲ୍ ଇଂଟେନ୍ସିଭ୍ ରିଭିଜନ୍ ବା SIRକୁ ନେଇ ଦେଶର ରାଜନୀତି ଏବେ ସରଗରମ । କଂଗ୍ରେସ ୱର୍କିଂ କମିଟି ବୈଠକରେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ୨୦୨୪ ଲୋକସଭା ନିର୍ବାଚନରେ ଗୁରୁତର ଅନିୟମିତତା ହୋଇଥିବା ଅଭିଯୋଗ କରିଛନ୍ତି । ରାହୁଲଙ୍କ ଅଭିଯୋଗ, ନିର୍ବାଚନ ପ୍ରକ୍ରିୟା ଏବଂ ଭୋଟର ତାଲିକାରେ କଥିତ ଗଡ଼ବଡ଼ ଯୋଗୁଁ ଜନମତ ପ୍ରଭାବିତ ହୋଇଛି । ଉକ୍ତ ବୈଠକରେ କଂଗ୍ରେସ SIR ପ୍ରକ୍ରିୟାକୁ ତୁରନ୍ତ ବନ୍ଦ କରିବା ସହ ଦଳର ଦାବି ଅନୁସାରେ ବିଭିନ୍ନ ରାଜ୍ୟରେ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ପ୍ରାୟ ୧୩.୩ କୋଟି ନାମ ପୁନଃ ଯୋଡ଼ିବାକୁ ଦାବି କରାଯାଇଛି । କଂଗ୍ରେସ ଏହାକୁ ନିର୍ବାଚନୀ ସ୍ୱଚ୍ଛତା ଏବଂ ଭୋଟରଙ୍କ ଅଧିକାର

ସହ ଜଡ଼ିତ ପ୍ରଶ୍ନ ବୋଲି କହିଛି । ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ଏବଂ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ବିରୋଧରେ ମଧ୍ୟ କଂଗ୍ରେସ ପକ୍ଷରୁ ରାଜନୈତିକ ଦାବି ଉଠାଯାଇଛି । ରାହୁଲ ଗାନ୍ଧୀ କହିଛନ୍ତି, ଯଦି ଭୋଟିଂ ପ୍ରକ୍ରିୟା ନେଇ ଗୁରୁତର ପ୍ରଶ୍ନ ଉଠେ, ତେବେ ନିର୍ବାଚିତ ପ୍ରତିନିଧି ଏବଂ ସଂସଦରେ ପାସ୍ ହେଉଥିବା ଆଇନର ବୈଧତାକୁ ନେଇ ମଧ୍ୟ ପ୍ରଶ୍ନ ସୃଷ୍ଟି ହୁଏ । ଆଗାମୀ ଦିନରେ ଅନ୍ୟ ବିରୋଧୀ ଦଳଙ୍କୁ ସାଥିରେ ନେଇ ଏହି ପ୍ରସଙ୍ଗରେ ଆନ୍ଦୋଳନ କରାଯିବ ବୋଲି କଂଗ୍ରେସ ସଙ୍କେତ ଦେଇଛି । ଅନ୍ୟପଟେ ବିଜେପି ନେତ୍ରୀ ସ୍ମୃତି ଇରାନୀ କଂଗ୍ରେସର ଅଭିଯୋଗକୁ ଖଣ୍ଡନ କରିଛନ୍ତି । ନିର୍ବାଚନୀ ପରାଜୟର ସମୀକ୍ଷା କରିବା ବଦଳରେ କଂଗ୍ରେସ ସାମ୍ବିଧାନିକ ସଂସ୍ଥାକୁ ଟାର୍ଗେଟ୍ କରୁଛି ବୋଲି ସେ କହିଛନ୍ତି । କେରଳ, ପଞ୍ଜାବ ଓ ହିମାଚଳ ପ୍ରଦେଶ ଭଳି ରାଜ୍ୟକୁ ଉଦାହରଣ ଦେଇ ସେ କଂଗ୍ରେସର ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି । ଏପଟେ ନିର୍ବାଚନ ଆୟୋଗ କହିଛି, ଆୟୋଗ ଭିତରେ ଭିନ୍ନ ମତ ଓ ପର୍ଯ୍ୟବେକ୍ଷଣ ସାଧାରଣ ପ୍ରକ୍ରିୟାର ଅଂଶ ଏବଂ ଅନ୍ତିମ ନିଷ୍ପତି ଆଇନ ଓ ସ୍ଥାପିତ ପ୍ରକ୍ରିୟା ଅନୁଯାୟୀ ନିଆଯାଉଛି ।

ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ୍‌ର ଦାର୍ଶନିକ ପ୍ରତିଫଳନ

ଚିଲିକା/ବାଣପୁର, ୨୯/୦୯ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ମହାବିଦ୍ୟାଳୟର ଦର୍ଶନ ବିଭାଗ ପକ୍ଷରୁ 'ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ୍‌ର ଦାର୍ଶନିକ ପ୍ରତିଫଳନ' ଶୀର୍ଷକ ଆଲୋଚନାଚକ୍ର ଆଜି ମହାବିଦ୍ୟାଳୟର ପ୍ରଜ୍ଞା ଭବନରେ ଆୟୋଜିତ ହୋଇଯାଇଛି । ଦର୍ଶନ ବିଭାଗ ମୁଖ୍ୟ ଅଧ୍ୟାପକ ଡକ୍ଟର କୈଳାସ ଚନ୍ଦ୍ର ମହାରଣାଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ଆଲୋଚନା ଚକ୍ରରେ ଗୋଦାବରୀଶ ମହାବିଦ୍ୟାଳୟର ପ୍ରାକ୍ତନ ଦର୍ଶନ ବିଭାଗ ମୁଖ୍ୟ ରମାକାନ୍ତ ନନ୍ଦ ମୁଖ୍ୟ ଅତିଥି ଓ ସ୍ୱଳ୍ପ ଦୁଇ ଅଧକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବନ୍ଦେ ମାତରଂ ଗୀତର ଦାର୍ଶନିକ, ନୈତିକ ଓ ଆଧ୍ୟାତ୍ମିକ ତାତ୍ପର୍ଯ୍ୟ ଉପସ୍ଥାପିତ କରିଥିଲେ । ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ସମବେତ ରାଷ୍ଟ୍ରୀୟ ଗୀତ ଓ ରାଷ୍ଟ୍ରୀୟ ସଂଗୀତ ଗାନ ହେବା ପରେ ବିଭାଗ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅଧ୍ୟାପିକା ଡକ୍ଟର ମନସ୍ୱିନୀ ପଟ୍ଟନାୟକ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଛାତ୍ରୀ ସରସ୍ୱତୀ ଘଟୁଆଳି 'ବନ୍ଦେ ମାତରଂ ଗୀତରେ ଦାର୍ଶନିକ ବିଶ୍ଳେଷଣ ଓ ପ୍ରତିଫଳନ', ସନ୍ଧ୍ୟାରାଣୀ ପାଇକରାୟ 'ବନ୍ଦେ ମାତରଂ ଗୀତରେ ଭାରତୀୟ ଦର୍ଶନର ସ୍ପନ୍ଦନ', ଲକ୍ଷ୍ମୀପ୍ରିୟା ପ୍ରଧାନ 'ରାଷ୍ଟ୍ରୀୟ ଗୀତ ଓ ରାଷ୍ଟ୍ରୀୟ ସଂଗୀତର ତୁଳନାତ୍ମକ ଅଧ୍ୟୟନ', ରୂପାଲୀ ଜେନା 'ବନ୍ଦେ ମାତରମ ଗୀତରେ ପରିବେଶୀୟ ଚେତନା', ସୋନାଲି ବିଶ୍ୱାସ 'ବନ୍ଦେ ମାତରମ ଗୀତ ଓ ଶ୍ରୀଅରବିନ୍ଦଙ୍କ ବନ୍ଦେ ମାତରମ ପତ୍ରିକାର ପ୍ରତିଫଳନ', ଝରଣା ବେହେରା 'ରାଷ୍ଟ୍ରୀୟ ଗୀତରେ ଦେଶପ୍ରେମର ଆହ୍ୱାନ' ଆଦି ବିଷୟ ଉପରେ ସେମାନଙ୍କର ଦାର୍ଶନିକ ପ୍ରବନ୍ଧ ଉପସ୍ଥାପନ କରିଥିଲେ । ମୁଖ୍ୟ ଅତିଥି ରମାକାନ୍ତ ନନ୍ଦ ବନ୍ଦେ ମାତରମ ରାଷ୍ଟ୍ରୀୟ ଗୀତିକା, ବନ୍ଦେ ମାତରମ ନାରା ଓ ବନ୍ଦେ ମାତରମ ପତ୍ରିକା କିପରି ଭାରତୀୟ ଜାତୀୟ ସଂଗ୍ରାମର ରୂପରେଖ ପରିବର୍ତ୍ତନ କରିବା ସହ ଜନ ସାଧାରଣଙ୍କ ବୌଦ୍ଧିକ ଓ ଆତ୍ମିକ ଉତ୍ତରଣକୁ ପ୍ରଭାବିତ କରିଥିଲା, ତାହା ଆଲୋଚନା କରିଥିଲେ । ଅଧ୍ୟାପକ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ ବନ୍ଦେ ମାତରମ ଗୀତର ଭିତିଭୂମି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଦର୍ଶନ ବିଭାଗ ମୁଖ୍ୟ ଡକ୍ଟର କୈଳାସ ଚନ୍ଦ୍ର ମହାରଣା ବନ୍ଦେ ମାତରମ ଗୀତିକା ଦେଶଭକ୍ତି ଓ ଧର୍ମ ନିରପେକ୍ଷତାର ଏକ ମନ୍ତ୍ର ଓ ସ୍ପନ୍ଦନ ତଥା ଭାରତ ମାତାଙ୍କ ପାଇଁ ଯଥାର୍ଥ ବନ୍ଦନା ବୋଲି ଅଭିହିତ କରିଥିଲେ । ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ଛାତ୍ର ସୁଶୀଳ ମାଝି । ଉକ୍ତ ଆଲୋଚନା ଚକ୍ରରେ ଅଧ୍ୟାପକ ପ୍ରବୀଣ ଜେନା, ଅଧ୍ୟାପିକା ରୀନା ରାଉତଙ୍କ ସମେତ ବହୁ ଛାତ୍ରଛାତ୍ରୀ ଯୋଗଦେଇଥିଲେ ।

ମାତୃ ପରାମର୍ଶ କାର୍ଯ୍ୟକ୍ରମ ଅନୁଷ୍ଠିତ

କୋରାପୁଟ, ୨୯/୦୯ (ଆ.ପ୍ର) : କୋରାପୁଟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ୧ ବର୍ଷରୁ ୩ ବର୍ଷ ବୟସର ଶିଶୁ ମାନଙ୍କର ମା' ମାନଙ୍କୁ ନେଇ ମାତୃ ପରାମର୍ଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଦ୍ୟାଭାରତୀ ସହ ମନ୍ତ୍ରୀ ଓ ଶିକ୍ଷା ବିକାଶ ସମିତି, ଓଡିଶାର ଉପ ସଭାପତି ଗାୟତ୍ରୀ ବାହିନୀପତି ଓ ପ୍ରାନ୍ତ ଶିଶୁ ବାଟିକା ଶୈକ୍ଷିକ ସଂଯୋଜକ ପି. ମୋହନ ରାଓ ପାତ୍ର, ଦକ୍ଷିଣ ସଂଭାଗ ସଂଯୋଜକ ସୁଶାନ୍ତ ପାଣିଗ୍ରାହୀ, ପ୍ରାନ୍ତ ଶିଶୁ ବାଟିକା ପ୍ରମୁଖ ଅମିତା ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ବିଭୁଦତ୍ତ ମହାପାତ୍ର, ଯୁଗ୍ମ ସମ୍ପାଦିକା ସସ୍ମିତା ବେହେରା, ସଦସ୍ୟ ପ୍ରହଲ୍ଲାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ୧ ବର୍ଷରୁ ୩ ବର୍ଷ ବୟସର ଶିଶୁମାନଙ୍କୁ ନେଇ ସେମାନଙ୍କର ସର୍ବାଙ୍ଗୀନ ବିକାଶ ଏବଂ ଏଥିରେ ମା'ଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଶିଶୁମାନେ କିପରି ଏକ ଉତ୍ତମ ପରିବେଶରେ ବଢ଼ିପାରିବେ, ସେଥିପାଇଁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଶିକ୍ଷଣର ଉଦ୍ଦେଶ୍ୟ ରଖାଯାଇଛି । ଶିଶୁର ବିକାଶ ଓ ଉତ୍ତମ ଅଭ୍ୟାସ ନିର୍ମାଣରେ ପରିବାରର ଭୂମିକା ସମ୍ପର୍କରେ ଉପସ୍ଥିତ ଅତିଥି ମାନେ ମାର୍ଗଦର୍ଶନ ପ୍ରଦାନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରାମଚନ୍ଦ୍ର ମହାନ୍ତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ଶିଶୁ ବାଟିକା ପ୍ରମୁଖ ଦ୍ରୌପଦୀ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

କୁକୁଡାଖଣ୍ଡି ବ୍ଲକରେ ଭୀମଭୋଇ ସାମର୍ଥ୍ୟ ଶିବିର
ଭିନ୍ନକ୍ଷମଙ୍କୁ ସରକାରୀ ସୁବିଧା ସହ ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବଂଟନ

କୁକୁଡାଖଣ୍ଡି, ୨୯/୦୯ (ଆ.ପ୍ର) : କୁକୁଡାଖଣ୍ଡି ବ୍ଲକ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଦିବ୍ୟାଙ୍ଗ ଭାଇଭଉଣୀଙ୍କୁ ସରକାରୀ ସୁବିଧା ଓ ଅଧିକାର ସମ୍ପର୍କରେ ସଚେତନ କରିବା ସହ ବିଭିନ୍ନ ସୁବିଧା ପ୍ରଦାନ ଉଦ୍ଦେଶ୍ୟରେ ଏହି ଶିବିର ଆୟୋଜିତ ହୋଇଥିଲା । ବିଡ଼ିଓ ପଲ୍ଲବୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ ପ୍ରଧାନ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର, ସାଂସଦ ପ୍ରତିନିଧି ସନ୍ତୋଷ ଚୌଧୁରୀ, ରୋହିଗାଁ ସରପଂଚ ଦଶିଷ୍ଟ ଜେନା, ଲାଠି ସରପଂଚ ରାଧାମୋହନ ସେଠୀ, ଲାଞ୍ଜିଆ ସରପଂଚ ଅନୀଲ ଗୌଡ଼, ବଡକଝୋଲି ସରପଂଚ ଚିତରଞ୍ଜନ ବିଶୋୟୀ, ଅଙ୍କୁଶପୁର ସରପଂଚ ମୁରଲୀ ସେଠୀ, ଜଗଦଲପୁର ସମିତି ସଭ୍ୟ ବି.ରବିନ୍ଦ୍ର ପାତ୍ର ଏବଂ ଲାଞ୍ଜିଆ ସମିତି ସଭ୍ୟ କାହ୍ନୁ ଚରଣ ପାତ୍ରଙ୍କ ସମେତ ବିଭିନ୍ନ ଅଧିକାରୀ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ । ଶିବିରରେ ବ୍ଲକର ବିଭିନ୍ନ ପଂଚାୟତରୁ ୩୦୦ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ଭାଇଭଉଣୀ ଯୋଗଦେଇଥିଲେ । ବିଭିନ୍ନ ବିଭାଗ ପକ୍ଷରୁ ସୁବିଧାଜନକ ଷ୍ଟଲ୍ ଖୋଲାଯାଇ ଦିବ୍ୟାଙ୍ଗମାନଙ୍କୁ ଉପଲବ୍ଧ ସରକାରୀ ଯୋଜନା, ସୁବିଧା ଓ ଅଧିକାର ସମ୍ପର୍କରେ ସଚେତନ କରାଯାଇଥିଲା । ଏଥିସହ ଆବଶ୍ୟକୀୟ ସୁବିଧା ପାଇଁ ଆବେଦନ ଓ ପଞ୍ଜୀକରଣ ସମ୍ପର୍କରେ ମଧ୍ୟ ଅବଗତ କରାଯାଇଥିଲା କାର୍ଯ୍ୟକ୍ରମରେ ୧୫ ଜଣ ଦିବ୍ୟାଙ୍ଗଙ୍କୁ ବସ୍ ପାସ୍ ଏବଂ ୧୫ ଜଣଙ୍କୁ ଭତ୍ତା କାର୍ଡ ପ୍ରଦାନ କରାଯାଇଥିଲା । ସେହିପରି ୨ ଟି ସିପି ଚେୟାର, ୨ ଟି ଆଣ୍ଠା ବାଡ଼ି ଏବଂ ଜଣେ ଦୃଷ୍ଟିହୀନଙ୍କୁ ଅନ୍ଧ ଅଣ୍ଠା ବାଡ଼ି ବଂଟନ କରାଯାଇଥିଲା ।

ଶକ୍ତିଶ୍ରୀ ସଶକ୍ତିକରଣ କୋଷ ପକ୍ଷରୁ କ୍ୟାରିୟର କାଉନସେଲିଂ ଓ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା ଅନୁଷ୍ଠିତ

ପାରଳାଖେମୁଣ୍ଡି, ୨୯/୦୯ (ଆ.ପ୍ର) : ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ଶକ୍ତିଶ୍ରୀ ସଶକ୍ତିକରଣ କୋଷ ପକ୍ଷରୁ ଛାତ୍ରୀମାନଙ୍କ ମଧ୍ୟରେ କ୍ୟାରିୟର ସଚେତନତା, ଆତ୍ମବିଶ୍ୱାସ ଓ ବ୍ୟକ୍ତିତ୍ୱ ବିକାଶ ଲକ୍ଷ୍ୟରେ 'କ୍ୟାରିୟର କାଉନସେଲିଂ ଓ ପର୍ସନାଲିଟି ଡେଭଲପମେଂଟ' ବିଷୟକ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ପ୍ରିନସିପାଲ୍ ଇନଚାର୍ଜ ଡ଼.ରମାକାନ୍ତ ସାମଲ ରସାୟନିକ ବିଜ୍ଞାନ ବିଭାଗ ପ୍ରାଧ୍ୟାପକଙ୍କ ଉପସ୍ଥିତିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଣିଜ୍ୟ ବିଭାଗର ସହକାରୀ ପ୍ରଫେସର ଡ଼.ରାଜେନ୍ଦ୍ର ଗୌଡ଼ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ସେ କ୍ୟାରିୟର ଚୟନ, ଭବିଷ୍ୟତ ଲକ୍ଷ୍ୟ ନିର୍ଦ୍ଧାରଣ, ସମୟ ପରିଚାଳନା, ଯୋଗାଯୋଗ ଦକ୍ଷତା ଓ ଆତ୍ମବିଶ୍ୱାସର ଗୁରୁତ୍ୱ ସମ୍ପର୍କରେ ଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ । ଏହି ଅବସରରେ ପ୍ରିନସିପାଲ୍ ଇନଚାର୍ଜ ଶ୍ରୀ ସାମଲ କହିଥିଲେ ଯେ, ଶିକ୍ଷା ସହିତ ଛାତ୍ରୀମାନଙ୍କର ବ୍ୟକ୍ତିତ୍ୱ, ଆତ୍ମବିଶ୍ୱାସ ଓ ନେତୃତ୍ୱ ଦକ୍ଷତାର ବିକାଶ ମଧ୍ୟ ଅତ୍ୟନ୍ତ ଆବଶ୍ୟକ । ନିଜ ପ୍ରତିଭା ଓ ଦକ୍ଷତାକୁ ଚିହ୍ନଟ କରି ସଠିକ୍ ଦିଗରେ ଆଗକୁ ବଢ଼ିବାକୁ ସେ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ସଠିକ୍ କ୍ୟାରିୟର ଚୟନ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ହୋଇଥିବାରୁ ଏଥିପାଇଁ ଆଗୁଆ ପ୍ରସ୍ତୁତି ଓ ଲକ୍ଷ୍ୟଭିତ୍ତିକ ଯୋଜନା ଆବଶ୍ୟକ ବୋଲି ସେ ମତ ଦେଇଥିଲେ । ମୁଖ୍ୟବକ୍ତା ଶ୍ରୀ ଗୌଡ଼ କହିଥିଲେ ଯେ, ଆଜିର ପ୍ରତିଯୋଗିତାମୂଳକ ଯୁଗରେ କେବଳ ଶିକ୍ଷାଗତ ଯୋଗ୍ୟତା ଯଥେଷ୍ଟ ନୁହେଁ; ନିଜର କୌଶଳ, ବ୍ୟକ୍ତିତ୍ୱ ଓ ଯୋଗାଯୋଗ କ୍ଷମତାକୁ ମଧ୍ୟ ନିରନ୍ତର ବିକଶିତ କରିବା ଆବଶ୍ୟକ । ବିଫଳତାକୁ ଭୟ ନକରି ତାହାରୁ ଶିକ୍ଷା ନେଇ ଆଗକୁ ବଢ଼ିବା, ସମୟର ସଦୁପଯୋଗ କରିବା ଏବଂ ନିଜ ଲକ୍ଷ୍ୟ ପ୍ରତି ଦୃଢ଼ ରହିବାକୁ ସେ ଆହ୍ୱାନ କରିଥିଲେ । ଆତ୍ମବିଶ୍ୱାସ, ଶୃଙ୍ଖଳା ଓ ନିରନ୍ତର ପରିଶ୍ରମ ସଫଳ କ୍ୟାରିୟରର ମୂଳ ଆଧାର ବୋଲି ସେ ଉଲ୍ଲେଖ କରିଥିଲେ । ଶକ୍ତିଶ୍ରୀ ସଂଯୋଜିକା ତଥା ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡ଼. ତାରୁପ୍ରଭା ନାୟକ ନିଜ ବକ୍ତବ୍ୟରେ କହିଥିଲେ ଯେ ପ୍ରତ୍ୟେକ ଛାତ୍ରୀ ନିଜର ରୁଚି, ଦକ୍ଷତା ଓ ଯୋଗ୍ୟତାକୁ ଚିହ୍ନଟ କରି ସଠିକ୍ କ୍ୟାରିୟର ବାଛିବା ଆବଶ୍ୟକ । କେବଳ ଶିକ୍ଷାଗତ ଡିଗ୍ରୀ ହାସଲ କରିବା ଯଥେଷ୍ଟ ନୁହେଁ; ଯୋଗାଯୋଗ ଦକ୍ଷତା, ନେତୃତ୍ୱ ଗୁଣ, ଆତ୍ମବିଶ୍ୱାସ ଓ ବ୍ୟକ୍ତିତ୍ୱ ବିକାଶ ଉପରେ ମଧ୍ୟ ଗୁରୁତ୍ୱ ଦେବା ଦରକାର । ପ୍ରତିଯୋଗିତା ମୂଳକ ପରୀକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ସଫଳତା ପାଇଁ ଆଗୁଆ ପ୍ରସ୍ତୁତି, ସମୟର ସଠିକ୍ ପରିଚାଳନା ଓ ନିୟମିତ ଅଭ୍ୟାସ ଅତ୍ୟନ୍ତ ଜରୁରୀ । ବିଫଳତାକୁ ଭୟ ନକରି ସେଥିରୁ ଶିକ୍ଷା ଗ୍ରହଣ କରି ଲକ୍ଷ୍ୟ ପ୍ରତି ଦୃଢ଼ ରହିବାକୁ ସେ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ନିଜ ସ୍ୱପ୍ନକୁ ସ୍ପଷ୍ଟ ଲକ୍ଷ୍ୟରେ ପରିଣତ କରି ପରିଶ୍ରମ, ଶୃଙ୍ଖଳା ଓ ଆତ୍ମବିଶ୍ୱାସ ସହ ଆଗକୁ ବଢ଼ିଲେ ଛାତ୍ରୀମାନେ ନିଜ କ୍ୟାରିୟରରେ ସଫଳତା ହାସଲ କରିପାରିବେ ।

ଆଙ୍ଗନ କା ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ

ଚନ୍ଦାହାଣ୍ଡି, ୨୯/୦୯ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକର ବିଭିନ୍ନ ଅଙ୍ଗନବାଡି କେନ୍ଦ୍ରମାନଙ୍କରେ ଆଙ୍ଗନ କା ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସେଥି ମଧ୍ୟରୁ ପାଟଖଲିଆ ଗ୍ରାମ ପଂଚାୟତର ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ମଧ୍ୟ ଆଙ୍ଗନ କା ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜେପି କାର୍ଯ୍ୟ କାରିଣ ସଦସ୍ୟ ଗୋବିନ୍ଦ କୁମାର ଜୈନ, ସମ୍ମାନୀୟ ଅତିଥି ଭାବେ ଝରୀଗାଁ ବିଧାୟକ ପ୍ରତିନିଧି ପ୍ରତାପ ବାଘ, ସ୍ଥାନୀୟ ସରପଂଚ ସୁଶୀଳା ପୂଜାରୀ, ସମିତି ସଭ୍ୟା ନିରୁପମା ଧୂରୁଆ, ଅଙ୍ଗନୱାଡି ସୁପର ଭାଇଜର ମିଥିଲା ଦଣ୍ଡସେନା, ମଧୁସୂଦନ ନାଗେଶ, ଯାଦବ ବଗର୍ତି ପ୍ରମୁଖ ଯୋଗଦେଇ ରାନ୍ଧାଖାଦ୍ୟ ପ୍ରଦର୍ଶନୀରେ ଉତୀର୍ଣ୍ଣ ହୋଇଥିବା ସଦସ୍ୟମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୭ ଏକମାସ ପର୍ଯ୍ୟନ୍ତ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ଶ୍ରୀ ଜୈନ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ପାଚିକା ସହିତ ଗ୍ରାମର ଅନେକ ମହିଳାମାନେ ଯୋଗ ଦେଇଥିଲେ ।

ଚୟନରେ ପକ୍ଷପାତିତା ଅଭିଯୋଗ, ଖେଳାଳିଙ୍କ ମନୋବଳ ନ ଭାଙ୍ଗିବାକୁ ଦାବି

କୋରାପୁଟ,୨୯/୦୯ (ଆ.ପ୍ର) : ସାହାଣୀ କପ୍ କ୍ରୀଡ଼ା ପ୍ରତିଯୋଗିତା ପାଇଁ ନିକଟରେ ଅନୁଷ୍ଠିତ ହୋଇଥିବା ଜିଲ୍ଲା ସ୍ତରୀୟ ଖେଳାଳି ଚୟନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଏବଂ ପକ୍ଷପାତିତା ହୋଇଥିବା ଅଭିଯୋଗ ଆଣିଛନ୍ତି ଖେଳାଳି । ଚୟନ ପାଇଁ ଶିବିରରେ ଅନେକ ଯୋଗ୍ୟ ତଥା ଉଚ୍ଚ ପ୍ରତିଭାସମ୍ପନ୍ନ ଖେଳାଳି ଉତ୍ତମ ପ୍ରଦର୍ଶନ କରିଥିଲେ ମଧ୍ୟ, ସେମାନଙ୍କୁ ଆଖିବୁଜିଆ ଭାବେ ବାଦ୍ ଦିଆଯାଇଥିଲା । ଅପରପକ୍ଷରେ, ଚୟନ କମିଟିର କିଛି ଅଧିକାରୀ ନିଜର ବ୍ୟକ୍ତିଗତ ସ୍ୱାର୍ଥ ଏବଂ ପକ୍ଷପାତିତା ମନୋଭାବ ରଖି ଅପେକ୍ଷାକୃତ କମ୍ ଯୋଗ୍ୟତା ବିଶିଷ୍ଟ ଖେଳାଳିଙ୍କୁ ଦଳରେ ସାମିଲ କରିଥିଲେ ବୋଲି ଅଭିଯୋଗ ଆଣିଛନ୍ତି ଫୁଟବଲ ଖେଳାଳି । ଏଭଳି ପକ୍ଷପାତିତା ଯୋଗୁଁ ସାହାଣୀ କପ୍‌ରେ ଜିଲ୍ଲା ପକ୍ଷରୁ ଖେଳିବାକୁ ୧୧ ଜଣ ପ୍ରମୁଖ ଖେଳାଳି ଅନିଚ୍ଛା ପ୍ରକାଶ କରିଥିଲେ କିନ୍ତୁ ଏହି ଘଟଣା ପାଇଁ ଖେଳାଳିମାନଙ୍କର ଖେଳିବା ମନୋଭାବ ଉପରେ ସିଧାସଳଖ ଆକ୍ଷେପ କରାଯାଇଛି ଏହା ଆଦୌ ଉଚିତ ନୁହେଁ ବୋଲି ସେମାନେ ଜଣାଇଛନ୍ତି । କୋରାପୁଟର ଉଦୀୟମାନ ଖେଳାଳିମାନଙ୍କୁ ଦୋଷାରୋପ କରି ସେମାନଙ୍କ ମନୋବଳ ଭାଙ୍ଗିବା ପରିବର୍ତ୍ତେ, ସେମାନଙ୍କୁ ସହଯୋଗର ହାତ ବଢ଼ାଇବା ଏବଂ କ୍ରୀଡ଼ା ଭିତିଭୂମିର ସୁଧାର କରିବା ଆଜିର ସମୟରେ ନିହାତି ଜରୁରୀ ବୋଲି କହିଛନ୍ତି । ଏହି ସମ୍ବେଦନଶୀଳ ବିଷୟ ପ୍ରତି ଦୃଷ୍ଟି ଦେଇ ଚୟନ ପ୍ରକ୍ରିୟାର ଏକ ନିରପେକ୍ଷ ତଦନ୍ତ ନିର୍ଦ୍ଦେଶ ଦେବା ସହ ଯୋଗ୍ୟ କ୍ରୀଡ଼ାବିତ୍‌ମାନଙ୍କୁ ନ୍ୟାୟ ପ୍ରଦାନ କରିବାକୁ ବିହିତ ପଦକ୍ଷେପ ଗ୍ରହଣ କରିବା ସହ ଚୟନକର୍ତାଙ୍କ ଦ୍ୱାରା ଖେଳାଳିଙ୍କୁ ଆକ୍ଷେପ ନକରିବା ପାଇଁ କ୍ରୀଡା ଅଧିକାରୀ ନରେଶ ଜାନୀଙ୍କୁ ଦାବିପତ୍ର ଦେଇ ଅନୁରୋଧ କରିଛନ୍ତି ।

କଳାହାଣ୍ଡିରେ ଗଡ଼ିଲା ଟିପିଡବ୍ଲୁଓଡିଏଲର 'ସୋଲାର ରଥ'

ଭବାନୀପାଟଣା, ୨୯/୦୯ (ଆ.ପ୍ର) : ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜୁଳି ଯୋଜନା ସମ୍ପର୍କରେ ଲୋକଙ୍କୁ ଅଧିକ ସଚେତନ କରିବା ସହ ରୁଫ୍ ଟପ୍ ସୋଲାର ଗ୍ରହଣ ପାଇଁ ଉତ୍ସାହିତ କରିବା ଲକ୍ଷ୍ୟରେ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ କଳାହାଣ୍ଡି ଜିଲ୍ଲାରେ 'ସୋଲାର ରଥ' ମାଧ୍ୟମରେ ସଚେତନତା ଅଭିଯାନର ଶୁଭାରମ୍ଭ ହୋଇଯାଇଅଛି । ଆଜି କଳାହାଣ୍ଡି ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତନ୍ମୟ କୁମାର ଦରଞ୍ଜନ ଏହି ସୋଲାର ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସହ ନିର୍ଦ୍ଦେଶକ ସଂଚୟ ଏବଂ ଆର୍ଥିକ ସେବା ବିଭାଗ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, କମ୍ପାନୀର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । ପ୍ରଥମେ ସମ୍ବଲପୁରରେ ମାନ୍ୟବର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଏହି ସୋଲାର ରଥର ଶୁଭ ଉଦ୍ଘାଟନ କରାଯାଇଥିଲା । ପରେ ପରେ ବରଗଡ଼, ଝାରସୁଗୁଡ଼ା, ସୋନପୁର ଜିଲ୍ଲାରେ ଏହି ସୋଲାର ରଥ ପହଂଚି ସାରିଥିବା ବେଳେ ଏବେ କଳାହାଣ୍ଡି ଜିଲ୍ଲାରେ ଯାତ୍ରା ଆରମ୍ଭ କରିଛି । ଏହି ସଚେତନତା ରଥ ଦ୍ୱାରା ପଶ୍ଚିମ ଓଡ଼ିଶାର ଅଧିକ ଅଂଚଳରେ ରୁଫ୍‌ଟପ୍ ସୋଲାର ଓ ପିଏମ୍ ସୂର୍ଯ୍ୟ ଘର ଯୋଜନା ସମ୍ପର୍କରେ ସୂଚନା ପହଂଚିବ ବୋଲି ଆଶା କରାଯାଉଛି ।

ବ୍ୟବସାୟୀଙ୍କ ବେକରେ ଭୁଜାଲି ଲଗାଇ ଲୁଟିନେଲେ ୧୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା

ଯାଜପୁର, ୨୯/୦୯ (ଆ.ପ୍ର) : ଯାଜପୁର ସଦର ଥାନା ଅନ୍ତର୍ଗତ ଖରସ୍ରୋତା ନଦୀ ବନ୍ଧର ଜୟ ପୁର ନିକଟରେ ବ୍ୟବସାୟୀଙ୍କ ଠାରୁ ଏକ ବଡଧରଣର ଲୁଟ୍ ହୋଇଥିବା ଜଣାପଡିଛି । ଘଟଣାରୁ ପ୍ରକାଶ ଯେ ଜୟ ପୁର ଗ୍ରାମର ହେମନ୍ତ କୁମାର ନାୟକ ପିତା ବ୍ରଜେନ୍ଦ୍ର ନାୟକ ଉଭୟ ବିଭିନ୍ନ ଗ୍ରାମର କୃଷକମାନଙ୍କ ଠାରୁ ବାଦାମ, ବୁଟ, ଡାଲି ଜାତୀୟ ଶସ୍ୟ କିଣି ନିକଟସ୍ଥ ହରିପୁର ହାଟ, କୁଆଖିଆ ବଜାର ଓ କଟକ ମାଲଗୋଦାମ ଆଦି ବ୍ୟବସାୟ ପେଣ୍ଠରେ ବିକ୍ରୟ କରିଥାନ୍ତି । ଗତ ସୋମବାର କଟକରୁ ଏକ ବ୍ୟାଗ୍‌ରେ ନଗଦ ୧୭ ଲକ୍ଷ ୮୦ ହଜାର ଟଙ୍କା ଧରି ଏକ ବସ୍ ଯୋଗେ ଆସି କୁଆଖିଆରେ ଓହ୍ଲାଇ କାର୍ ରେ ଅପେକ୍ଷା କରିଥିବା ପୁଅ ହେମନ୍ତଙ୍କୁ ବ୍ୟାଗ୍ ଦେଇ ନିଜ ମଟର ସାଇକେଲରେ ଘରକୁ ଫେରିଥିଲେ । ହେମନ୍ତ ଏକ ଆଇ ଟେନ୍ କାର୍ ନମ୍ବର୍ :- ଓଡ଼ି ୦୨ଡ଼ିଏମ୍୫୬୩୩ ପଛ ସିଟରେ ଟଙ୍କା ଭର୍ତି ବ୍ୟାଗ୍ ରଖି ନିଜ ଘରକୁ ଫେରୁଥିବା ବେଳେ ରାତି ପ୍ରାୟ ୯ଟା ୪୦ ମିନିଟ୍ ସମୟରେ ନଦୀ ବନ୍ଧର ଜୟପୁର ନିକଟରେ ପଛ ପଟରୁ ଏକ ଆପାଚି ମୋଟର ସାଇକେଲରେ ଦୁଇଜଣ ଦୁର୍ବୃତ ମୁଣ୍ଡରେ ହେଲ୍ ମେଟ୍ ଓ ମୁହଁରେ ମାସ୍କ ପିନ୍ଧି କାର ଆଗକୁ ଆସି ଗାଡ଼ିକୁ ଅଟକାଇ ଚାଳକ ପାର୍ଶ୍ୱର କାଚକୁ ଏକ ଭୁଜାଲି ଦ୍ୱାରା ଭାଙ୍ଗି ଗାଡ଼ିର ଚାବି କାଢି ଫୋପାଡି ଚାଳକ ହେମନ୍ତଙ୍କ ବେକରେ ଜଣେ ଭୁଜାଲି ଲଗାଇଲା ଅନ୍ୟ ଜଣକ ପଛ କାଚ ଭାଙ୍ଗି ଟଙ୍କା ଭର୍ତି ବ୍ୟାଗ୍ ଟିକୁ ଧରି ଉଭୟ ମଟର ସାଇକେଲ ଯୋଗେ କୁଆଖିଆ ପଟକୁ ଦ୍ରୁତ ଗତିରେ ପଳେଇଲେ । ସଙ୍ଗେ ସଙ୍ଗେ ଲୁଟ୍ ଖବର ବାପା ବ୍ରଜେନ୍ଦ୍ରଙ୍କୁ ଜଣାଇବା ସହ ସଦର ଥାନାକୁ ଜଣାଇଥିଲେ । ଖବର ପାଇ ସଦର ଥାନା ପୋଲିସ ଘଟଣା ସ୍ଥଳରେ ପହଂଚି ଛାନ୍ ଭିନ୍ କରିଥିଲେ । ଆଜି ଏ ସମ୍ପର୍କରେ ହେମନ୍ତ କୁମାର ନାୟକ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇ ସଦର ପୋଲିସ କେସ ନମ୍ବର ୩୧୫/ ୨୦୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଜଣାପଡିଛି । ତେବେ ସଦର ଥାନା ଅଂଚଳରେ ଦିନକୁ ଦିନ ବେଧଡକ ଭାବେ ଚୋରି, ଡକାୟତି, ଛିନ୍ ତାଇ, ଧନା ଜହର ଭଳି ନିଶା କାରବାର ଚାଲିଥିବା ବେଳେ ପୋଲିସର ନିଷ୍କ୍ରିୟତା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

କ୍ରାନ୍ତିକାରୀ ଯୁବକ ସଙ୍ଘର ବାର୍ଷିକ ଉତ୍ସବ ପାଳିତ

ଦଶପଲ୍ଲା, ୨୯/୦୯ (ଆ.ପ୍ର) : ଦଶପଲ୍ଲା ଏନଏସି ଅନ୍ତର୍ଗତ ଢଡ଼ିଡ଼ାବାଡି ଗ୍ରାମର କ୍ରାନ୍ତିକାରୀ ଯୁବକ ସଙ୍ଘର ବାର୍ଷିକ ଉତ୍ସବ ବଡ଼ ଧୂମଧାମରେ ପାଳିତ ହୋଇଯାଇଛି । ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଦଶପଲ୍ଲା ଏନଏସି ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶିନୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଉପେନ୍ଦ୍ର ସାହୁ, ୧୦ନଂ ୱାର୍ଡ କାଉନ ସିଲର ସନ୍ଧ୍ୟାରାଣୀ ପ୍ରଧାନ, ୯ନମ୍ବର ୱାର୍ଡ଼ କାଉନସିଲର ଶୁକଦେବ ମିଶ୍ର, ମଧ୍ୟଖଣ୍ଡ ଭବିଷ୍ୟ କୋଚିଂର ପ୍ରତିଷ୍ଠାତା ଲକ୍ଷ୍ମୀଧର ମହାରଣା ଯୋଗ ଦେଇଥିଲେ । ସମସ୍ତ ସଦସ୍ୟ ଓ ଗ୍ରାମବାସୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା । ଅନନ୍ୟ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା ।

ଗୁରୁ ଏମ୍ ସତ୍ୟନାରାୟଣଙ୍କ ପ୍ରତିମୂର୍ତି ଉନ୍ମୋଚନ



ଗୁଣପୁର, ୨୯/୦୯ (ଆ.ପ୍ର) : ବିଶିଷ୍ଟ ଜ୍ୟୋତିର୍ବିଦ୍ ତଥା ବାସ୍ତୁଶାସ୍ତ୍ର ବିଶେଷଜ୍ଞ ଏମ୍. ସତ୍ୟନାରାୟଣଙ୍କ ସ୍ମୃତିକୁ ଚିରସ୍ମରଣୀୟ କରିବା ଉଦ୍ଦେଶ୍ୟରେ ଗଡିଆଖାଲା ନିକଟସ୍ଥ ଶିରିଡ଼ି ସାଇ ମନ୍ଦିର ପାର୍ଶ୍ୱରେ ତାଙ୍କର ଏକ ପ୍ରତିମୂର୍ତି ଉନ୍ମୋଚନ କରାଯାଇଛି । ତାଙ୍କର ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଅବସରରେ ପରିବାରବର୍ଗ, ମନ୍ଦିର କମିଟି ଓ ଶିଷ୍ୟମାନଙ୍କ ମିଳିତ ପ୍ରୟାସରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସ୍ୱର୍ଗତ ସତ୍ୟନାରାୟଣ ଜ୍ୟୋତିଷ ଓ ବାସ୍ତୁଶାସ୍ତ୍ର କ୍ଷେତ୍ରରେ ନିଜର ପାଣ୍ଡିତ୍ୟ ଓ ଅଭିଜ୍ଞତା ପାଇଁ ସୁପରିଚିତ ଥିଲେ । ଗଡିଆଖାଲା ନିକଟସ୍ଥ ଶିରିଡ଼ି ସାଇ ମନ୍ଦିରର ପ୍ରତିଷ୍ଠାତା ଭାବେ ତାଙ୍କର ଅବଦାନ ରହିଥିଲା । ସେ ଲିଫ୍ଟ ଇରିଗେସନ୍ ବିଭାଗରେ ଇଞ୍ଜିନିୟର ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ । ପ୍ରତିମୂର୍ତି ଉନ୍ମୋଚନ ସମାରୋହରେ ପରିବାର ସଦସ୍ୟ, ମନ୍ଦିର କମିଟିର କର୍ମକର୍ତା, ଶିଷ୍ୟ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ତାଙ୍କର ସ୍ମୃତିଚାରଣ କରିଥିଲେ । ଜ୍ୟୋତିର୍ବିଦ୍ ଡଃ ପ୍ରଦୀପ ଚୌଧୁରୀଙ୍କ ଗୁରୁ ଭାବେ ଏମ୍ ସତ୍ୟନାରାୟଣଙ୍କର ଏକ ସ୍ୱତନ୍ତ୍ର ପରିଚୟ ରହିଥିଲା । ତାଙ୍କର ଜ୍ଞାନ, ଆଦର୍ଶ ଓ ଅବଦାନକୁ ସ୍ମରଣ କରି ଉପସ୍ଥିତ ବ୍ୟକ୍ତିମାନେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

ବାସୁଦେବପୁର ପୌରପାଳିକାରେ ଶହୀଦଙ୍କ ସ୍ମୃତିରେ ପରୀବେଓ୍ୱା ଶିଶୁ ଉଦ୍ୟାନ ପାର୍କର ଶୁଭଉଦ୍‌ଘାଟନ

ବାସୁଦେବପୁର, ୨୯/୦୯ (ଆ.ପ୍ର) : ଯେଉଁ ମାଟିରେ ଶହୀଦଙ୍କ ତ୍ୟାଗର କାହାଣୀ ଲେଖାଯାଇଛି, ସେହି ମାଟିରେ ଏବେ ହସିବେ ଆଗାମୀ ପିଢ଼ି! ଶହୀଦ ଦିବସ ଅବସରରେ ବାସୁଦେବପୁର ପୌରପାଳିକା ୨୧ ନମ୍ବର ୱାର୍ଡରେ ଶୁଭ ଉଦ୍ଘାଟିତ ହୋଇଛି ଶହୀଦ ପରିବେଓ୍ୱା ଶିଶୁ ଉଦ୍ୟାନ ପାର୍କ । ଶହୀଦଙ୍କ ସ୍ମୃତିକୁ ଅମର କରିବା ସହ ପିଲାମାନଙ୍କ ଖେଳ, ମନୋରଞ୍ଜନ ଓ ଆନନ୍ଦ ପାଇଁ ନିର୍ମାଣ ହୋଇଥିବା ଏହି ପାର୍କ ଏବେ ୱାର୍ଡବାସୀଙ୍କ ପାଇଁ ପାଲଟିଛି ନୂଆ ଆକର୍ଷଣ । ଏ ହେଉଛି ସେହି ସ୍ମୃତି ଯାହା କେବେ ଲିଭିବ ନାହିଁ । ଏ ହେଉଛି ସେହି ତ୍ୟାଗ, ଯାହା ପାଇଁ ଆମେ ଆଜି ସ୍ୱାଧୀନ ଭାରତରେ ନିଶ୍ୱାସ ନେଉଛୁ । ଦେଶମାତୃକା ପାଇଁ ନିଜ ଜୀବନକୁ ବଳିଦାନ କରିଥିବା ଶହୀଦଙ୍କ ସ୍ମୃତିକୁ ସମ୍ମାନ ଜଣାଇ ଶହୀଦ ଦିବସରେ ନିଆଯାଇଛି ଏକ ସୁନ୍ଦର ପଦକ୍ଷେପ । ବାସୁଦେବପୁର ପୌରପାଳିକାର ୨୧ ନମ୍ବର ୱାର୍ଡରେ ଲୋକାର୍ପିତ ହୋଇଛି ଶହୀଦ ପରିବେଓ୍ୱା ଶିଶୁ ଉଦ୍ୟାନ ପାର୍କ । ଶହୀଦ ପରିବେଓ୍ୱାଙ୍କ ନାମରେ ଏହି ପାର୍କର ନାମକରଣ କରାଯାଇ ତାଙ୍କ ତ୍ୟାଗ ଓ ଦେଶପ୍ରେମର ସ୍ମୃତିକୁ ଆଗାମୀ ପିଢ଼ି ପର୍ଯ୍ୟନ୍ତ ପହଂଚାଇବାକୁ ହୋଇଛି ପ୍ରୟାସ । ଦିନ ଥିଲା, ପାର୍କ ନଥିଲା, ଖେଳିବା ପାଇଁ ସୁବିଧା ନଥିଲା । ପିଲାମାନଙ୍କୁ ଖେଳିବା ଓ ମନୋରଞ୍ଜନ ପାଇଁ ଆଖପାଖ ସହର ଉପରେ ନିର୍ଭର କରିବାକୁ ପଡୁଥିଲା । କିନ୍ତୁ ଏବେ ବଦଳିଛି ଚିତ୍ର, ନିଜ ୱାର୍ଡରେ ତିଆରି ହୋଇଛି ସୁନ୍ଦର ଶିଶୁ ଉଦ୍ୟାନ । ପାର୍କ ଉଦ୍ଘାଟନ ପରେ ଏଠାରେ ପିଲାଙ୍କ ମୁହଁରେ ଦେଖିବାକୁ ମିଳିଛି ଖୁସି ଆଖିରେ ଉତ୍ସାହ ଆଉ ମନରେ ଅସୀମ ଆନନ୍ଦ । କେହି ଦୌଡୁଛି କେହି ଖେଳୁଛି, ଆଉ କେହି ନୂଆ ପାର୍କକୁ ଦେଖି ଖୁସିରେ ମାତି ଯାଉଛି । ପିଲାଙ୍କ ଏହି ହସ ହିଁ ଯେମିତି ଶହୀଦଙ୍କ ତ୍ୟାଗ ପ୍ରତି ଏକ ଛୋଟିଆ ସମ୍ମାନ । ଫିତା କାଟି ଶହୀଦ ପରିବେଓ୍ୱା ଶିଶୁ ଉଦ୍ୟାନ ପାର୍କର ଶୁଭ ଉଦ୍ଘାଟନ କରିଥିଲେ ଭଦ୍ରକ ସାଂସଦ ଶ୍ରୀ ଅଭିମନ୍ୟୁ ସେଠୀ, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ପୌରପାଳିକା ଅଧ୍ୟକ୍ଷା ନିବେଦିତା ବେହେରା, ତହସିଲଦାର ପ୍ରିୟବ୍ରତ ଦାସ, ବାସୁଦେବ ପୁର ବିଡିଓ ତନ୍ମିତା କର ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ । ଏହି ଅବସରରେ ଯୁବ ସମାଜସେବୀ ଶୁଭେନ୍ଦୁ ଭୂଷଣ ବେହେରା, ଉପାଧ୍ୟକ୍ଷ ଉତ୍ତମ ହାରିକ, ୨୧ ନମ୍ବର ୱାର୍ଡର ପାରିଷଦ ମଧୁସ୍ମିତା ସେଠୀଙ୍କ ସମେତ ରେବତୀ ଷେଣ୍ଠ, ଆସନା ବିବି, ଜଗବନ୍ଧୁ ଦାସ, ସୁନୀଲ ପାତ୍ର, ସନ୍ତୋଷ ସାହୁ, ୨୧ ନମ୍ବର ୱାର୍ଡର ପାରିଷଦଙ୍କ ପ୍ରତିନିଧି ସୁବାଷ ଚନ୍ଦ୍ର ସେଠୀ ଏବଂ ପୌରପାଳିକାର କର୍ମଚାରୀମାନେ ଉପସ୍ଥିତ ଥିଲେ । ଏହା କେବଳ ଏକ ପାର୍କ ନୁହେଁ ଏହା ହେଉଛି ଶହୀଦଙ୍କ ସ୍ମୃତିର ଏକ ଜୀବନ୍ତ ପ୍ରତୀକ । ଯେଉଁଠି ପିଲାମାନେ ଖେଳିବେ, ହସିବେ, ସେହିଠାରେ ଶହୀଦଙ୍କ ନାମ ଆଗାମୀ ପିଢ଼ିକୁ ତାଙ୍କ ତ୍ୟାଗର କାହାଣୀ କହିବ । ଗୋଟିଏ ପଟେ ଶହୀଦଙ୍କ ସ୍ମୃତିକୁ ସମ୍ମାନ, ଅନ୍ୟପଟେ ପିଲାଙ୍କ ପାଇଁ ଖୁସିର ନୂଆ ଠିକଣା । ଏହି ପାର୍କ ଆଗାମୀ ଦିନରେ ୨୧ ନମ୍ବର ୱାର୍ଡର ସୌନ୍ଦର୍ଯ୍ୟ ବଢ଼ାଇବା ସହ ପିଲାମାନଙ୍କୁ ଦେବ ଏକ ସୁସ୍ଥ ଓ ଆନନ୍ଦମୟ ପରିବେଶ । ଶହୀଦଙ୍କ ତ୍ୟାଗକୁ ମନେ ପକାଇଲା ଶହୀଦ ଦିବସ, ଶହୀଦଙ୍କ ନାମରେ ତିଆରି ହେଲା ଶିଶୁ ଉଦ୍ୟାନ, ଆଉ ଏହି ଉଦ୍ୟାନରେ ପିଲାଙ୍କ ହସ ହୋଇଗଲା ଶହୀଦଙ୍କ ସ୍ମୃତିର ନୂଆ ସ୍ୱର । ଶହୀଦଙ୍କ ସ୍ମୃତି ରହିବ ଅମର ,ପିଲାଙ୍କ ହସ ରହିବ ଅବିରତ, ଆଉ ୨୧ ନମ୍ବର ୱାର୍ଡରେ ଏହି ପାର୍କ ହେବ ଶହୀଦ ପରିବେଓ୍ୱାଙ୍କ ସ୍ମୃତିର ଏକ ଚିରସ୍ଥାୟୀ ପରିଚୟ ।

ସେଇଠୁ ଆରମ୍ଭ

SEITHO ARAMBHA

ବୁଧବାର, ୩୦ ସେପ୍ଟେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ 'ଅରଣ୍ୟରୁ ଅଭିଷେକ' ପୁସ୍ତକର ଲେଖକ ରାଧାରଞ୍ଜନ ପଟ୍ଟନାୟକ ଓ ପ୍ରକାଶକ ଅଭୟ ଦାସ

ବାଲେଶ୍ୱର, ୨୯/୦୯ (ଆ.ପ୍ର) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ବିଧାନସଭା ପ୍ରକୋଷ୍ଠରେ ଭେଟି ତାଙ୍କର ଜୀବନୀ ଆଧାରିତ ପୁସ୍ତକ 'ଅରଣ୍ୟରୁ ଅଭିଷେକ' ଆନୁଷ୍ଠାନିକ ଭାବେ ଅର୍ପଣ କରିଛନ୍ତି ପୁସ୍ତକର ଲେଖକ ଡକ୍ଟର ରାଧାରଞ୍ଜନ ପଟ୍ଟନାୟକ ଓ ପ୍ରକାଶକ ଅଭୟ ଦାସ । ଓଡ଼ିଶାର ଅଗ୍ରଣୀ ପ୍ରକାଶନ ସଂସ୍ଥା 'ବିଦ୍ୟାଭାରତୀ', ବାଲେଶ୍ୱର ଦ୍ୱାରା ପ୍ରକାଶିତ ଏହି ପୁସ୍ତକକୁ ଏହାର ଲେଖକ, ବିଶିଷ୍ଟ ସାହିତ୍ୟିକ ତଥା ଗବେଷକ ଡକ୍ଟର ରାଧାରଞ୍ଜନ ପଟ୍ଟନାୟକ ଏବଂ ପ୍ରକାଶକ କବି ଅଭୟ ଦାସ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଭେଟିଦେବାର ବିଶେଷ ଅବସରରେ ତେଲଙ୍କୋଇ ବିଧାୟକ ଡକ୍ଟର ଫକୀର ମୋହନ ନାୟକ ଏବଂ ରସିପୁରାର ଜନନେତା ତଥା ସୁସାହିତ୍ୟିକ ଡକ୍ଟର ଶମ୍ଭୁ ନାଥ ରାଉତ ଉପସ୍ଥିତ ଥିଲେ । ଡକ୍ଟର ରାଉତ ଏହି ପ୍ରଚେଷ୍ଟାକୁ ପ୍ରଶଂସା କରିବା ସହ ପୁସ୍ତକଟି ଓଡ଼ିଆ ସାହିତ୍ୟ ଜଗତରେ ଏକ ଅମୂଲ୍ୟ ସମ୍ପଦ ହେବ ବୋଲି ମତ ରଖିଥିଲେ । "ସଂକଳ୍ପ ଥିଲେ ସିଦ୍ଧି ଆସେ"- ଏହି ଆଦର୍ଶକୁ ପାଥେୟ କରି ବଣ-ପାହାଡ଼ ଘେରା ଗ୍ରାମୀଣ ପୃଷ୍ଠଭୂମିରୁ ଜଣେ ସାଧାରଣ ଜନସେବକ ଭାବେ ନିଜର ଯାତ୍ରା ଆରମ୍ଭ କରି, ବହୁ ସଂଘର୍ଷ ଓ ଆହ୍ୱାନକୁ ଅତିକ୍ରମ କରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆସନରେ ଅଧିଷ୍ଠିତ ହେବା ପର୍ଯ୍ୟନ୍ତ ଶ୍ରୀ ମାଝୀଙ୍କ ଜୀବନ ସଂଗ୍ରାମ, ଦୃଢ଼ ନିଷ୍ଠା ଓ ସାଧାରଣ ଜୀବନଶୈଳୀକୁ ଏହି ଗ୍ରନ୍ଥରେ ବର୍ଣ୍ଣନା କରାଯିବା ସଂଗେ ସଂଗେ ତାଙ୍କ ଶାସନକାଳ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଯୁଗାନ୍ତକାରୀ ବିକାଶମୂଳକ କାର୍ଯ୍ୟ ଓ ଜନକଲ୍ୟାଣକାରୀ ଯୋଜନା ବିଷୟରେ ମଧ୍ୟ ବିସ୍ତୃତ ଆଲେଖ୍ୟ ଏଥିରେ ସ୍ଥାନ ପାଇଛି । ଏହି ଗ୍ରନ୍ଥଟି ଆଗାମୀ ପିଢ଼ି ପାଇଁ ପ୍ରେରଣାର ଏକ ଶାଶ୍ୱତ ଉତ୍ସ ସାବ୍ୟସ୍ତ ହେବ ବୋଲି ପ୍ରକାଶକ ଅଭୟ ଦାସ ପ୍ରକାଶ କରିଥିଲେ । ପୁସ୍ତକଟିକୁ ଗ୍ରହଣ କରି ମୁଖ୍ୟମନ୍ତ୍ରୀ ଭାବବିହ୍ୱଳ ହୋଇପଡ଼ିବା ସହ ଲେଖକ ଡକ୍ଟର ପଟ୍ଟନାୟକଙ୍କ ନିରବଚ୍ଛିନ୍ନ ସାରସ୍ୱତ ସାଧନାର ଭୂୟସୀ ପ୍ରଶଂସା କରିଥିଲେ । ଏହାସହ ସେ ପୁସ୍ତକଟିକୁ ଆଦ୍ୟରୁ ପ୍ରାନ୍ତ ପାଠ କରି ନିଜର ମତାମତ ଦେବେ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ ।

ଟିପିଏନଓଡିଏଲ୍ ଦ୍ୱାରା ପିଏମ୍ ସୂର୍ଯ୍ୟ ଘର ଯୋଜନା ନେଇ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ଜାରି

ବାଲେଶ୍ୱର, ୨୯/୦୯ (ଆ.ପ୍ର) : ଉତ୍ତର ଓଡ଼ିଶାରେ ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜୁଳି ଯୋଜନା ସମ୍ପର୍କରେ ତୃଣମୂଳ ସ୍ତରରେ ସଚେତନତା ଓ ଉପଭୋକ୍ତାଙ୍କ ସହ ଯୋଗାଯୋଗକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନଓଡିଏଲ୍) ପକ୍ଷରୁ ସେବା ସେତୁ ଶିବିର ଏବଂ ସୋଲାର ରଥ ମାଧ୍ୟମରେ ବ୍ୟାପକ ଜନସମ୍ପର୍କ ଓ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି । ଏହି କ୍ରମରେ ମୟୂରଭଞ୍ଜ ଜିଲ୍ଲାର ଉଦଳା, ବାଲେଶ୍ୱର ଜିଲ୍ଲାର ଭୋଗରାଇ, କେନ୍ଦୁଝର ଜିଲ୍ଲାର ଡେଙ୍କିକୋଟ ଏବଂ ଯାଜପୁର ଜିଲ୍ଲାର ଧର୍ମଶାଳା ଠାରେ ସେବା ସେତୁ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଉପଭୋକ୍ତାମାନେ ଟିପିଏନଓଡିଏଲ୍‌ର ସୋଲାର ସେଲ୍ କର୍ତ୍ତୃପକ୍ଷ, ଗ୍ରାହକ ସେବା ଅଧିକାରୀ ଏବଂ ବ୍ୟବସାୟିକ ସହଯୋଗୀମାନଙ୍କ ସହ ସିଧାସଳଖ ଯୋଗାଯୋଗ କରି ରୁଫ୍‌ଟପ୍ ସୋଲାର ପଞ୍ଜୀକରଣ, ଯୋଗ୍ୟତା, ସରକାରୀ ସବସିଡି ଏବଂ ଆବେଦନ ପ୍ରକ୍ରିୟା ସମ୍ପର୍କରେ ସୂଚନା ଓ ଆବଶ୍ୟକ ସହାୟତା ପ୍ରଦାନ କରଯାଇଥିଲା ଓ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ତଥା ସେବା ସେତୁ ଶିବିର ମାଧ୍ୟମରେ ପାଂଚଟି ଜିଲ୍ଲାରେ ପ୍ରାୟତଃ ୪୭୫ ଜଣ ଉପଭୋକ୍ତା ପଞ୍ଜୀକରଣ କରିଥିଲେ । ଉଦଳାରେ ମୟୂରଭଞ୍ଜ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ହେମକାନ୍ତ ସୟଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ମାନେ ଯୋଗଦେଇଥିବାବେଳେ କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଡେଙ୍କିକୋଟରେ ବିଡିଓ ଖଗେଶ୍ୱର ବରାଳ ଏବଂ ଭୋଗରାଇରେ ବିଡିଓ ପ୍ରଶାନ୍ତ ମହାରଣାଙ୍କ ସମେତ ସ୍ଥାନୀୟ ଅଂଶୀଦାରମାନେ ସଚେତନତା ଶିବିରରେ ସାମିଲ ହୋଇ ଉପଭୋକ୍ତାମାନଙ୍କୁ ପିଏମ୍ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନା ତଥା ରୁଫ-ଟପ ସୋଲାରର ଉପାଦେୟତା ସମ୍ପର୍କରେ ବୁଝାଇଥିଲେ । ଧର୍ମଶାଳା କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଅମ୍ବର କୁମାର କର ଯାଜପୁର ଜିଲ୍ଲା ପାଇଁ ସୋଲାର ରଥ ସଚେତନତା ଅଭିଯାନକୁ ସବୁଜପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଯାଜପୁର ଏଡିଏମ୍ ଯୁଧିଷ୍ଠିର ନାଏକ, ଟିପିଏନଓଡିଏଲ୍ ଅଧିକାରୀବୃନ୍ଦ ଓ ସ୍ଥାନୀୟ ଅଂଶୀଦାରମାନେ ଉପସ୍ଥିତ ଥିଲେ । ଏହି ପଦକ୍ଷେପ ସମ୍ପର୍କରେ ଟିପିଏନଓଡିଏଲ୍‌ର ସିଇଓ ଦୁଷ୍ମନ୍ତ କୁମାର ତ୍ୟାଗୀ କହିଛନ୍ତି, "ସେବା ସେତୁ ଶିବିର ଓ ସୋଲାର ରଥ ମାଧ୍ୟମରେ ପିଏମ୍ ସୂର୍ଯ୍ୟ ଘର ଯୋଜନାକୁ ଉପଭୋକ୍ତାଙ୍କ ନିକଟରେ ପହଂଚାଇବା ସହ ରୁଫ୍‌ଟପ୍ ସୋଲାର ପାଇଁ ଆବଶ୍ୟକ ସୂଚନା, ମାର୍ଗଦର୍ଶନ ଓ ସହାୟତା ଯୋଗାଇ ଦିଆଯାଉଛି ଓ ଉତ୍ତର ଓଡ଼ିଶାରେ ସ୍ୱଚ୍ଛ ଶକ୍ତି ବ୍ୟବହାରରେ ବୃଦ୍ଧି ସହ ଗୁଣାତ୍ମକ ବିଦ୍ୟୁତ ସେବା ନେଇ ଜିଲ୍ଲା ପ୍ରଶାସନ ଓ ଅଂଚଳବାସୀଙ୍କ ସହଯୋଗରେ ଟିପିଏନଓଡିଏଲ୍ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଜାରି ରଖିଛି ।" ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜୁଳି ଯୋଜନା, ଘରୋଇ ଉପଭୋକ୍ତାଙ୍କୁ ରୁଫ୍‌ଟପ୍ ସୋଲାର ଲଗାଇବା ପାଇଁ ଆବଶ୍ୟକ ସମସ୍ତ ସହାୟତା ଯୋଗାଇ ଦେଉଛି । ଏହା ମାଧ୍ୟମରେ ସବୁଜ ଶକ୍ତି ବ୍ୟବହାରରେ ବୃଦ୍ଧି ହେବା ସହ ଉପଭୋକ୍ତାମାନେ ନିଜର ବିଦ୍ୟୁତ୍ ଖର୍ଚ୍ଚରେ ହ୍ରାସ କରିପାରୁଛନ୍ତି । ଗ୍ରାହକଙ୍କ ପାଖରେ ଯୋଜନାର ସୂଚନା ଓ ଆବେଦନ ସହାୟତା ପହଂଚାଇବା ପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଆଗାମୀ ଦିନରେ ସେବା ସେତୁ ଶିବିର ଆୟୋଜନ କରାଯିବାର ଯୋଜନା ରହିଛି ବୋଲି ଟିପିଏନଓଡିଏଲ୍ ପକ୍ଷରୁ ସୂଚନା ଦିଆଯାଇଛି ।

ପ୍ରାୟ ୩୦୦ ବର୍ଷର ପୁରାତନ ଭିତିଚିତ୍ର ଠାବ କଲେ ବାଲେଶ୍ୱର ଚିତ୍ର ଶିଳ୍ପୀ କେଶୁ ଦାସ

ବାଲେଶ୍ୱର, ୨୯/୦୯ (ଆ.ପ୍ର) : ତାମ୍ର ପ୍ରସ୍ତର ଯୁଗରୁ ଦୁର୍ଗାଦେବୀ ଠାରେ ବାଲେଶ୍ୱର ଜିଲ୍ଲାର ଆଦିମ ସଭ୍ୟତାର ଇତିହାସ ମିଳେ । ଅଯୋଧ୍ୟାରେ ବହୁ ପ୍ରାଚୀନ ପଥର ମୂର୍ତ୍ତି ମିଳିଲା ବେଳେ ଖଇରାରୁ ପ୍ରାଚୀନ ଓଡ଼ିଆ ଶିଳାଲେଖ ମିଳିଛି । ବାଲେଶ୍ୱରର ଉନ୍ନତ ଓ ପ୍ରାଚୀନ ଲୋକକଳା, ଲୋକନାଟ, ଲୋକ ସାହିତ୍ୟର ଭଣ୍ଡାର ଥିବା ବେଳେ ଉନ୍ନତ ଚିତ୍ରକଳା ମଧ୍ୟ ଥିଲା । ଅନେକ ମନ୍ଦିର ମାନଙ୍କରେ ମନ୍ଦିରକୁ ସୁନ୍ଦର ଓ ପୌରାଣିକ କାହାଣୀକୁ ପ୍ରଚାର ପ୍ରସାର ପାଇଁ ବିଭିନ୍ନ ଇଥାବସ୍ତୁକୁ ନେଇ ଭିତିଚିତ୍ର ସବୁ ଅଙ୍କା ଯାଇଥିଲା । କେତେକ ପୁରୁଣା ମନ୍ଦିରରେ ସଚେତନତା ଅଭାବରୁ ଭିତି ଚିତ୍ରରେ ଚୂନ ମାରି ଲିଭେଇ ଦିଆଯାଇଥିବା ବେଳେ ସଦର ବ୍ଲକର ଓଡ଼ଙ୍ଗୀ ପଂଚାୟତର କଉଡ଼ିପୁର ଗ୍ରାମର ସିଦ୍ଧେଶ୍ୱର ମହାଦେବ ମନ୍ଦିରର ସିଲିଂରେ ପ୍ରାଚୀନ ଭିତିଚିତ୍ରର ସନ୍ଧାନ ମିଳିଛି । ସ୍ଥାନୀୟ ଚିତ୍ରଶିଳ୍ପୀ ଅରୁଣ ବାରିକ ସହ ଶିଳ୍ପୀ କେଶୁ ଦାସ ଓ ଅଙ୍କିତ ଦାସ ମନ୍ଦିର ପରିଭ୍ରମଣ କରି ପ୍ରାଚୀନ ଚିତ୍ର ଦେଖିଥିଲେ । ଶିଳ୍ପୀ କେଶୁ ଦାସଙ୍କ ମତରେ 'ଏହି ମହାଦେବ ମନ୍ଦିରର ସ୍ଥାପତ୍ୟ ଶୈଳୀ ଓ ଭିତିଚିତ୍ରର ଅଙ୍କନ ଶୈଳୀରୁ ଅନୁମାନ କରାଯାଏ ଯେ ଏହା ବର୍ତ୍ତମାନର କ୍ଷୀରଚୋରା ଗୋପୀନାଥ ମନ୍ଦିରର ପରବର୍ତ୍ତୀ ସମୟର । ପ୍ରାୟ ଖ୍ରୀଷ୍ଟପୂର୍ବ ୧୬୫୦ ରୁ ଖ୍ରୀପୂ ୧୭୫୦ ମଧ୍ୟରେ ମନ୍ଦିର ନିର୍ମାଣ ଓ ଭିତିଚିତ୍ର ଅଙ୍କନ କରାଯାଇଛି । ନିର୍ଭୁଲ ତଥ୍ୟ ପାଇଁ ଗବେଷଣା ଆବଶ୍ୟକ ।' ସେ ଆହୁରି ମଧ୍ୟ କହନ୍ତି - 'ଓଡ଼ିଶାର ଅନ୍ୟ କେତୋଟି ପ୍ରାଚୀନ ମନ୍ଦିରରେ ଯେଉଁ ପଦ୍ଧତିରେ ଭିତିଚିତ୍ର ଅଙ୍କା ଯାଇଛି, ଠିକ୍ ସେହି ପଦ୍ଧତିରେ ଏଠି ମଧ୍ୟ ଅଙ୍କା ଯାଇଛି । ବ୍ୟବହୃତ ରଙ୍ଗ ସବୁ ଖଣିଜ ଓ ପ୍ରାକୃତିକ ରଙ୍ଗ । ଇଣ୍ଡିଗୋ ବା ନୀଳ ରଙ୍ଗର ବ୍ୟବହାର ସୁନ୍ଦର ଭାବରେ କରିଛନ୍ତି । ଗେରୁ, ଏଲା, ହରିତଲ, ଶଙ୍ଖ ଧଳା, ଦୀପ କଳା । ବିଷୟ ବସ୍ତୁ ସାଧାରଣତଃ ପୌରାଣିକ । ଯଥା କୃଷ୍ଣଲୀଳା, ମହାଭାରତ, ରାମାୟଣ, ଦଶ ଅବତାର, ନବ ଦୁର୍ଗା, ଯମ ଦଣ୍ଡ ସହ ଗଣେଶ, ଅନନ୍ତ ଶୟନ, ମାଣିକ ଗୌଡୁଣୀ ବିଷୟରେ ଚାରି ଥାକରେ ଅଙ୍କନ କରାଯାଇଛି । ଉତ୍କଳୀୟ ଚିତ୍ର ଶୈଳୀରେ ବଙ୍ଗୀୟ ଚିତ୍ର ଶୈଳୀର ମିଶ୍ରଣ ଘଟିଛି । ପ୍ରାୟ ଚିତ୍ର ସବୁ ଉତ୍କଳୀୟ ଶୈଳୀରେ ହୋଇଥିବା ବେଳେ କେତୋଟି ଚିତ୍ର ବଙ୍ଗୀୟ ଶୈଳୀରେ । ପଶୁ ପକ୍ଷୀ ସରୀସୃପ, କୀଟପତଙ୍ଗ ସହ ଫ୍ଲୋରା ଫୌନାର ମୋଟିଭ ରହିଛି । ପଟ୍ଟଚିତ୍ର ପରି ସବୁ ଚିତ୍ରର ବେକ୍ ଗ୍ରାଉଣ୍ଡରେ ବିଭିନ୍ନ ପ୍ରକାରର ବୁଟିକ୍ ରହିଛି ।' 'ଏହି ଭିତିଚିତ୍ର କେବଳ ବାଲେଶ୍ୱରର ନୁହଁ, ଭାରତ କଳା ଜଗତର ଅମୂଲ୍ୟ ସମ୍ପଦ । ଯଥାଶୀଘ୍ର ଏହାର ସଂରକ୍ଷଣ ବ୍ୟବସ୍ଥା କରିବା ସହ ଜାତୀୟ ଐତିହ୍ୟ ଭାବେ ଘୋଷଣା କରାଯାଉ ବୋଲି ଶିଳ୍ପୀ କେଶୁ ଦାସଙ୍କ ଦାବୀ କରିଛନ୍ତି । ଯୁବ ଚିତ୍ରଶିଳ୍ପୀ ଅରୁଣ ବାରିକ କହନ୍ତି - ଛୋଟବେଳୁ ଆମେ ଏହି ଚିତ୍ର ଦେଖି ଚିତ୍ରକାର ହେବା ପାଇଁ ପ୍ରେରଣା ପାଇଛି । ଚିତ୍ରକଳା ରିଷ୍ଟୋରେଶନ କରୁଥିବା ଯୁବ ଚିତ୍ରଶିଳ୍ପୀ ଅଙ୍କିତ ଦାସ କହନ୍ତି - ଏହି ଭଳି ଅମୂଲ୍ୟ କଳାକୁ ସଂରକ୍ଷଣ କରି ରଖିବ ପାଇଁ କେନ୍ଦ୍ର ସରକାର ଯଥେଷ୍ଟ ଅର୍ଥ ସହାୟତା କରୁଛନ୍ତି । ସ୍ଥାନୀୟ ପ୍ରଶାସକ ଓ ରାଜ୍ୟ ସରକାର ଆନ୍ତରିକତାର ସହ କାର୍ଯ୍ୟ ସମ୍ପାଦନ କରିବା ଉଚିତ୍ ।

ଘରପୋଡି ମାମଲାରେ ମୁଦାଲା ନିର୍ଦ୍ଦୋଷରେ ଖଲାସ

ନୀଳଗିରି, ୨୯/୦୯ (ଆ.ପ୍ର) : ନୀଳଗିରି ଥାନା ଅନ୍ତର୍ଗତ ଗୋବର୍ଦ୍ଧନପୁର ଗ୍ରାମରେ ୨୦୨୨ମସିହା ସେପ୍ଟେମ୍ବର ୪ତାରିଖ ରାତିପ୍ରାୟ ୧୧.୩୦ ସମୟରେ ବାସଗୃହ ସହ ଏକ ଦୋକାନଗୃହ ପୋଡିଲୁ ନେଇ, ଉକ୍ତ ଗ୍ରାମର ବୃନ୍ଦାବନ ରଣାଙ୍କ ପୁତ୍ର ରମେଶଚନ୍ଦ୍ର ରଣା ନୀଳଗିରି ଥାନରେ ଏକ ଲିଖିତ ଏତଲା ଦେଇଥିଲେ । ଉକ୍ତ ଏତଲା ମୂଳେ ନୀଳଗିରି ଥାନାରେ ୨୫୩/୫/୯/୨୨ ମାମଲା ଦରଜ ହୋଇଥିଲା । ସୂଚନା ମୁତାବକ ଉକ୍ତ ଗ୍ରାମରେ ଲକ୍ଷ୍ମୀଧର ପତିଙ୍କ ପୁତ୍ର ହରେନ୍ଦ୍ର ପତିଙ୍କୁ ଉକ୍ତ ଘରପୋଡି ମାମଲାରେ ପୋଲିସ ଦୋଷୀ ସାବ୍ୟସ୍ତ କରି ଚାର୍ଜସିଟ୍ ଦାଖଲ କରିଥିଲା । ଉକ୍ତ ମୋକଦମାରେ ସମସ୍ତ ସାକ୍ଷୀ ଓ ପ୍ରମାଣପତ୍ରକୁ ଭିତିକରି ଆଜି ମାନ୍ୟବର ନୀଳଗିରି ଅତିରିକ୍ତ ଦୌରାଜଜ୍ ସ୍ରୋତସ୍ୱିନୀ କର ମୁଦାଲା ହରେନ୍ଦ୍ର ପତିଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ମୁଦାଲା ହରେନ୍ଦ୍ର ପତିଙ୍କ ତରଫରୁ ବରିଷ୍ଠ ଆଇନଜୀବି ଦିଗମ୍ବର ସ ମକୋଦ୍ଦମା ପରିଚାଳନା କରୁଥିଲେ ।

କବିବରଙ୍କ ଜୟନ୍ତୀ ପାଳନ

ନୀଳଗିରି, ୨୯/୦୯ (ଆ.ପ୍ର) : କବିତୀର୍ଥ ଶାନ୍ତିକାନନରେ ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ କବିବର ରାଧାନାଥ ରାୟଙ୍କ ୧୭୯ତମ ଜୟନ୍ତୀ ପାଳିତ ହୋଇଯାଇଛି । ପରିଷଦର ସଭାପତି ଡ. ସୁବାଷ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଚରମ୍ପା ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପିକା ଡ. ସୁକାନ୍ତି ମହାପାତ୍ର ଓ ଅଧ୍ୟାପକ ଦତାତ୍ରେୟ ଦାଶ ଅତିଥି ବକ୍ତା ରୂପେ ଉପସ୍ଥିତ ରହି ରାଧାନାଥ ରାୟଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ଜାତିପାଇଁ ଅବଦାନକୁ ସ୍ୱୀକାର ପୂର୍ବକ ଆଲୋଚନା ପରିସରଭୁକ୍ତ କରିଥିଲେ । ତାଙ୍କର କବିତା ନିଃଶବ୍ଦ ପ୍ରକୃତିର ବର୍ଣ୍ଣନା ଓ ନିରୋଳା ଉତ୍କଳୀୟ ଚେତନାର ପରିସ୍ଫୁଟନ ବୋଲି ଡ. ମହାପାତ୍ର ଉଲ୍ଲେଖ କରିଥିବା ବେଳେ ଶ୍ରୀ ଦାଶ ସନ୍ଧିକ୍ଷଣର ଛାୟାରେଖାରେ ଦଣ୍ଡାୟମାନ ସାହିତ୍ୟ ପୁରୁଷ ହେଉଛନ୍ତି ରାଧାନାଥ ଏକଥା ଉଲ୍ଲେଖ କରିଥିଲେ । ପ୍ରାକ କଥନ ପ୍ରଦାନ କରିଥିଲେ ପରିଷଦର ସମ୍ପାଦକ ଡ.ରତ୍ନାକର ସିଂହ ଓ ମଂଚ ଆହ୍ୱାନ କରିଥିଲେ ଯୁଗ୍ମ ସମ୍ପାଦକ ରାଜେଶ ଗିରି । ରାଧାନାଥଙ୍କର 'ସର୍ବେଶ୍ୱର ଜନନୀ..' ସଙ୍ଗୀତ ଟିକୁ କଲ୍ୟାଣୀ ନନ୍ଦ, ବାସନ୍ତୀ ଦେ, ସୁବ୍ରତା ମହାନ୍ତି, ଅର୍ଚ୍ଚନା କର, ପୁଷ୍ପଲତା ଚକ୍ରବର୍ତ୍ତୀ କ୍ରିଷ୍ଣା ପ୍ରଧାନ, ତୃପ୍ତିରାଣୀ ପାତ୍ର, କମଳିନୀ ଦାସ, ସଂଗୀତା ରଥ, କବିତା ଜେନା, ମମତା ଦାସ ପ୍ରଭୃତି ପରିବେଷଣ କରିଥିଲାବେଳେ ସଭାଶେଷରେ କଲ୍ୟାଣୀ ନନ୍ଦ ସମସ୍ତଙ୍କୁ ମଧ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

ବନ୍ୟାରେ ବାଲିଆପାଳ, ଯାତ୍ରାକୁ ଅନୁମତି କାହିଁକି ?

ଲଙ୍ଗଳେଶ୍ୱର, ୨୯/୦୯ (ଆ.ପ୍ର) : ସୁବର୍ଣ୍ଣରେଖା ନଦୀରେ ଦେଢ଼ ମାସ ମଧ୍ୟରେ ଲଗାତର ଚାରି ଥର ବନ୍ୟା ଆସି ଲୋକଙ୍କ ଜୀବନ ଜୀବିକା ଛଡାଇନେଇ ଥିବା ବେଳେ ଲୋକମାନଙ୍କୁ ପ୍ରଶାସନ ପକ୍ଷରୁ ରକ୍ଷାଖାଦ୍ୟ ଯୋଗାଇ ଦିଆଯାଉଛି । ଚତୁର୍ଥ ବନ୍ୟାର ପଂଚମ ଦିନରେ ମଧ୍ୟ ବ୍ଲକର ୫ ଟି ପଂଚାୟତ ପାଣିଘେରରେ ରହିଛି । ଶତାଧିକ ଘରେ ପାଣି ପଶିଯାଇଥିଲା ବେଳେ ଲୋକମାନେ ଚାହିଁ ନଥିବା ଦୁର୍ଦ୍ଦଶାରେ ଜୀବନ ବିତାଉଛନ୍ତି । ତେବେ ଏହିଭଳି ଏକ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବାଲେଶ୍ୱର ଜିଲ୍ଲା ପ୍ରଶାସନର ଅନୁମତିରେ ବାଲିଆପାଳ ବ୍ଲକରେ ଆଜି ଠାରୁ ତୁଳସୀ ଗଣନାଟ୍ୟ ମଂଚସ୍ଥ ହେଉ ଥିବା ଘଟଣା ଏକ ଲଜ୍ଜାକର ସ୍ଥିତି ସୃଷ୍ଟି କରୁଛି । ଚଳିତ ବର୍ଷ ଲଘୁଚାପ ଜନିତ ବର୍ଷା ସହିତ ସୁବର୍ଣ୍ଣରେଖା ଓ ଜଳକା ନଦୀରେ ଲଗାତର ବନ୍ୟା ଆସିବା ଫଳରେ ବାଲିଆପାଳ ବ୍ଲକର ୧୭ ଟି ପଂଚାୟତର ୧୫୦ରୁ ଊର୍ଦ୍ଧ୍ୱ ଗାଁ ପାଣି ଘେରରେ ଦୀର୍ଘ ଦିନ ରହିବା ଯୋଗୁଁ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି । ବନ୍ୟା ଫଳରେ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଏଥିରେ ପ୍ରଭାବିତ ହୋଇଛନ୍ତି । ସବୁଠାରୁ ଲଜ୍ଜାର କଥା ଯେଉଁ ମଧୁପୁରା ପଂଚାୟତ ବନ୍ୟା ଓ ବର୍ଷା ଦ୍ୱାରା ବହୁ ମାତ୍ରାରେ କ୍ଷତି ଗ୍ରସ୍ତ ହୋଇଛି ଏବଂ ଏହି ମଧୁପୁରା ପଂଚାୟତକୁ ରାଜ୍ୟ ସରକାର ୮ ଶହ ୬୪ କୁଇଂଟାଲ ୭୧ କେଜି ରିଲିଫ ଚାଉଳ ଯୋଗାଇ ଦେଇଛନ୍ତି ସେହି ପଂଚାୟତରେ ଯାତ୍ରା ପରିବେଷଣ ପାଇଁ ପ୍ରଶାସନ ଅନୁମତି ଦେବା ସମସ୍ତଙ୍କୁ ଚକିତ କରିଛି । ବନ୍ୟା ଦ୍ୱାରା ପ୍ରଭାବିତ ଲୋକମାନେ ଭୋକ ଉପାସରେ ଦିନ କାଟୁଥିବା ବେଳେ ସରକାରଙ୍କ ହାତଟେକାକୁ ଅନାଇ ରହିଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ସବୁଠି ରିଲିଫ ପହଂଚାଇବାରେ ପ୍ରଶାସନ ଅସମର୍ଥ ହୋଇଛି । ଏହି ସମୟରେ ପ୍ରଶାସନ ଲୋକଙ୍କ ଦୁଃଖ ବୁଝିବା ପରିବର୍ତ୍ତେ ଯାତ୍ରା ପ୍ରେମରେ ପାଗଳ । ବନ୍ୟା ପ୍ଲାବିତ କୌଣସି ବ୍ଲକରେ ଯାତ୍ରା ପାର୍ଟି ପଡି ନ ଥିବାବେଳେ ବାଲିଆପାଳ ବ୍ଲକରେ ଯାତ୍ରା ପରିବେଷଣକୁ ନେଇ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ଜିଲ୍ଲା ପ୍ରଶାସନକୁ କଡା ସମାଲୋଚନା କରାଯାଇଛି । ବନ୍ୟାଂଚଳ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲ୍ଲାପାଳ ହେମନ୍ତ ସିଂହଙ୍କୁ ଯାତ୍ରାପାର୍ଟି ବିଷୟରେ ପଚାରିବାରୁ ସେ କହିଥିଲେ ଏ ସମୟରେ ଯାତ୍ରା ପାର୍ଟି ହେବା କଥା ନୁହେଁ ଯେହେତୁ ଏହା ମୋ ଦାୟିତ୍ୱରେ ନାହିଁ ସେ ବିଷୟରେ ଅଧିକ ଟିପଣୀ ଦେବାଟା ମୋ ପକ୍ଷେ ଠିକ ହେବନାହି କହି କଥାକୁ ଏଡାଇ ଯାଇଥିଲେ । ଏ ଦିଗରେ ରାଜ୍ୟ ସରକାର ହସ୍ତକ୍ଷେପ କରି ଲୋକଙ୍କ ଧନଜୀବନ ସହ ଖେଳ ଖେଳୁଥିବା ସରକାରୀ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି ।

ବାଲେଶ୍ୱର ଜିଲ୍ଲାରେ ଲଗାତାର ବର୍ଷା ଓ ବନ୍ୟା ପରିସ୍ଥିତିକୁ ନେଇ ଜିଲ୍ଲାପାଳ ଡାକିଲେ ସାମ୍ବାଦିକ ସମ୍ମିଳନୀ

ବାଲେଶ୍ୱର, ୨୯/୦୯ (ଆ.ପ୍ର) : ବାଲେଶ୍ୱର ଜିଲ୍ଲାରେ ଭାରୀ ବର୍ଷା ଓ ବିଭିନ୍ନ ପ୍ରମୁଖ ନଦୀର ଜଳସ୍ତର ବୃଦ୍ଧି ଯୋଗୁଁ ସୃଷ୍ଟି ହୋଇଥିବା ପରିସ୍ଥିତି ସମ୍ପର୍କରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରି ସାମ୍ବାଦିକମାନଙ୍କୁ ସୂଚନା ପ୍ରଦାନ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱର ଉପଜିଲ୍ଲାପାଳ ଶିବ ମାଳବ୍ୟ ମଧ୍ୟ ଉପସ୍ଥିତ ଥିଲେ । ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ରର ତଥ୍ୟ ଅନୁଯାୟୀ, ଜିଲ୍ଲାର ୧୧ଟି ବ୍ଲକ୍‌ର ୧୨୬ଟି ଗ୍ରାମ ପଂଚାୟତ ଓ ୭୩୦ଟି ଗ୍ରାମ ପ୍ରଭାବିତ ହୋଇଛି । ପ୍ରାୟ ୩,୫୭,୪୬୬ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ୬୭,୨୬୬ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ପାଇଁ ୧୨ଟି ଅଗ୍ନିଶମ ଦଳ, ୪ଟି ଓଡ୍ରାଫ୍ ଦଳ, ୨ଟି ଏନ୍‌ଡିଆରଏଫ୍ ଦଳ, ୬ଟି ମେଡିକାଲ୍ ଟିମ୍ ଓ ୧୭ଟି ପଶୁଚିକିତ୍ସା ଟିମ୍ ନିୟୋଜିତ ହୋଇଛନ୍ତି । ଜିଲ୍ଲାରେ ୧୪୭ଟି ମାଗଣା ରୋଷେଇ କେନ୍ଦ୍ର/ରିଲିଫ୍ କେନ୍ଦ୍ର ମାଧ୍ୟମରେ ୬୭,୨୬୬ ଜଣଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି । ଜଳକା ଓ ସୁବର୍ଣ୍ଣରେଖା ନଦୀ ବିପଦ ସଙ୍କେତ ଉପରେ ଥିବାବେଳେ ବୁଢ଼ାବଳଙ୍ଗ ନଦୀର ଜଳସ୍ତର ହ୍ରାସ ପାଉଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ପରିସ୍ଥିତି ଉପରେ ନିରନ୍ତର ନଜର ରଖାଯାଉଛି । ନିମ୍ନାଂଚଳ ଓ ବିପଦପ୍ରବଣ ଅଂଚଳର ଲୋକମାନଙ୍କୁ ସତର୍କ ରହିବା ସହ ପ୍ରଶାସନର ନିର୍ଦ୍ଦେଶ ଓ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିବାକୁ ଜିଲ୍ଲାପାଳ ଅନୁରୋଧ କରିଥିଲେ ।

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ନୂତନ ଶିକ୍ଷାନୀତି-୨୦୨୦ର ଫଳପ୍ରଦ କାର୍ଯ୍ୟକାରିତା ଉପରେ କର୍ମଶାଳା

ନୀଳଗିରି, ୨୯/୦୯ (ଆ.ପ୍ର) : ଫକୀରମୋହନ ବିଶ୍ୱବିଦ୍ୟାଳୟର କଲେଜ ବିକାଶ ପରିଷଦ ପକ୍ଷରୁ ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଏବଂ ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦଙ୍କ ନିର୍ଦ୍ଦେଶକ୍ରମେ "ନୂତନ ଶିକ୍ଷାନୀତି-୨୦୨୦ର ଫଳପ୍ରଦ ଓ ସଠିକ୍ କାର୍ଯ୍ୟକାରିତା" ଉପରେ ଏକ କର୍ମଶାଳା ଆୟୋଜିତ ହୋଇଥିଲା । କର୍ମଶାଳାକୁ ସମ୍ବୋଧିତ କରି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଥିଲେ ଯେ, ଅନୁବନ୍ଧିତ ମହାବିଦ୍ୟାଳୟଗୁଡ଼ିକର ଶିକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଶିକ୍ଷକଙ୍କ ଦକ୍ଷତା ବିକାଶ, ଗବେଷଣା ଓ ନବସୃଜନ, ଅନୁଭୂତିଭିତ୍ତିକ ଶିକ୍ଷା, ପ୍ରଯୁକ୍ତିର ବ୍ୟବହାର, ଶିଳ୍ପ-ଶିକ୍ଷାନୁଷ୍ଠାନ ସମନ୍ୱୟ, କର୍ମଦକ୍ଷତା ବୃଦ୍ଧି ଏବଂ ସାମାଜିକ ସମ୍ପୃକ୍ତତାକୁ ପ୍ରାଧାନ୍ୟ ଦେବା ଆବଶ୍ୟକ । ଛାତ୍ରଛାତ୍ରୀଙ୍କୁ ଦକ୍ଷତା ସମ୍ପନ୍ନ ଶିକ୍ଷାଦାନକୁ ପ୍ରାଥମିକତା ପ୍ରଦାନ ତଥା ବିଶ୍ୱବିଦ୍ୟାଳୟର ସମ୍ବଳକୁ ଅନୁବନ୍ଧିତ ମହାବିଦ୍ୟାଳୟ ସହ ବାଂଟିବା ସହ ସେମାନଙ୍କୁ ନିରନ୍ତର ଶିକ୍ଷାଗତ ସହଯୋଗ ପ୍ରଦାନ କରିବା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ । ଅତିଥିମାନଙ୍କୁ ସ୍ୱାଗତ ଜଣାଇ କଲେଜ ବିକାଶ ପରିଷଦର ନିର୍ଦ୍ଦେଶକ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ନୂତନ ଶିକ୍ଷାନୀତିର ସଫଳ କାର୍ଯ୍ୟକାରିତା ପାଇଁ ସମସ୍ତ ଅନୁଷ୍ଠାନର ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ସେ ଶିକ୍ଷାରେ ନମନୀୟତା, ବହୁବିଷୟକ ଶିକ୍ଷା, ଫଳାଫଳଭିତ୍ତିକ ଶିକ୍ଷାଦାନ, ଶିକ୍ଷକଙ୍କ ପ୍ରସ୍ତୁତି, ପ୍ରଯୁକ୍ତିର ସମନ୍ୱୟ, ଭାରତୀୟ ଜ୍ଞାନ ପରମ୍ପରା ଓ ଦୃଢ଼ ଶିକ୍ଷାଗତ ନେତୃତ୍ୱ ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ । ବିଶ୍ୱବିଦ୍ୟାଳୟର ପଦକ୍ଷେପ ସମ୍ପର୍କରେ ସେ କହିଥିଲେ ଯେ, ଅନୁବନ୍ଧିତ ମହାବିଦ୍ୟାଳୟଗୁଡ଼ିକରେ ଉଚ୍ଚ ଶିକ୍ଷା ବିଭାଗ ପ୍ରଣୀତ ନୂତନ ଶିକ୍ଷାନୀତି ଅନୁରୂପ ସ୍ନାତକ ପାଠ୍ୟକ୍ରମ ଲାଗୁ କରାଯାଇଛି । ଏହା ସହିତ ଏକାଧିକ ପ୍ରବେଶ ଓ ଏକାଧିକ ପ୍ରସ୍ଥାନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି । ଶିକ୍ଷାର୍ଥୀଙ୍କ ପାଇଁ 'ଆପାର' ପରିଚୟ ସଂଖ୍ୟା ବାଧ୍ୟତାମୂଳକ କରାଯିବା ସହ ଜାତୀୟ ଶିକ୍ଷାଗତ ଅଭିଲେଖାଗାରରେ ଶିକ୍ଷାଗତ ଅଙ୍କ ସ୍ଥାନାନ୍ତରଣ ଏବଂ ଉଚ୍ଚ ଶିକ୍ଷା ପରିଷଦ ସହ ପରାମର୍ଶ କରି ପାଠ୍ୟକ୍ରମ ପୁନର୍ଗଠନ କାର୍ଯ୍ୟ ଜାରି ରହିଛି । ଏଥିସହ ଆଂଚଳିକ ଶିକ୍ଷା ନିର୍ଦ୍ଦେଶକ ହେମନ୍ତ ଘଡ଼େଇ ନୂତନ ଶିକ୍ଷାନୀତିର ଫଳପ୍ରଦ କାର୍ଯ୍ୟକାରିତା ଓ ଅନୁଷ୍ଠାନଗତ ସମନ୍ୱୟର ଗୁରୁତ୍ୱ ଉପରେ ମତ ରଖିଥିଲେ । ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦର ସଦସ୍ୟ ପ୍ରଫେସର ସୁଜିତ ପ୍ରସାଦ ପାଣି ଯୋଗଦେଇ- ପାଠ୍ୟକ୍ରମ ସଂସ୍କାର, ଫଳାଫଳଭିତ୍ତିକ ଶିକ୍ଷା, କୌଶଳ ବିକାଶ, ଡିଜିଟାଲ ପରିବର୍ତ୍ତନ ଓ ବହୁବିଷୟକ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । କର୍ମଶାଳାରେ ଚାରିବର୍ଷିଆ ସ୍ନାତକ ପାଠ୍ୟକ୍ରମ, ଭାରତୀୟ ଜ୍ଞାନ ପରମ୍ପରା, ସ୍ୱୟଂଶିକ୍ଷା ପାଠ୍ୟକ୍ରମ, ମୂଲ୍ୟଭିତ୍ତିକ ପାଠ୍ୟକ୍ରମ, କୌଶଳ ବିକାଶ ପାଠ୍ୟକ୍ରମ, କ୍ଷମତା ବୃଦ୍ଧି ପାଠ୍ୟକ୍ରମ, ଫଳାଫଳଭିତ୍ତିକ ଶିକ୍ଷାଦାନ, ଶିକ୍ଷାର୍ଥୀକେନ୍ଦ୍ରିକ ଶିକ୍ଷା ପଦ୍ଧତି, ମୂଲ୍ୟାଙ୍କନ ସଂସ୍କାର, ଗବେଷଣା ଓ ଉଦ୍ୟୋଗ ସୃଷ୍ଟି, ନିରନ୍ତର ଶିକ୍ଷାଗତ ସମୀକ୍ଷା ଏବଂ ଗୁଣବତା ସୁନିଶ୍ଚିତକରଣ ଭଳି ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଡ଼କ୍ଟର ରାଜଶ୍ରୀ ଦତ ଓ ଡ଼କ୍ଟର ମନୋଜିତ ଭଟ୍ଟାଚାର୍ଯ୍ୟ କାର୍ଯ୍ୟକ୍ରମକୁ ସମନ୍ୱୟ କରିଥିଲେ । ବିଶ୍ୱବିଦ୍ୟାଳୟର ୭୫ରୁ ଅଧିକ ଅନୁବନ୍ଧିତ ମହାବିଦ୍ୟାଳୟର ଶିକ୍ଷକ ଓ ପ୍ରତିନିଧିମାନେ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ ।

କମୁଛି ବନ୍ୟା, ବଢୁଛି ଲୋକଙ୍କ ଦୁର୍ଦ୍ଦଶା

ଭୋଗରାଇ, ୨୯/୦୯ (ଆ.ପ୍ର) : ସୁବର୍ଣ୍ଣରେଖାର ବନ୍ୟାଜଳ ଧୀରେ ଧୀରେ ହ୍ରାସପାଉ ଥିବା ବେଳେ ଭୋଗରାଇ ବ୍ଲକରେ ଏବେବି ବହୁ ପଂଚାୟତର ବିପନ୍ନଙ୍କ ମାନେ ପାଣି ଘେରରେ ରହିଛନ୍ତି । ସୁବର୍ଣ୍ଣରେଖାର ଚତୁର୍ଥ ବନ୍ୟାରେ ଗବଗାଁ ପଂଚାୟତର ଗବଗାଁ, ଚିରକୁଲା, ନୀଳପୁରା, ବଧିଆ, ପୁରୁଷୋତମପୁର, ଦୁବାଡିଆ, କୃଷ୍ଣପୁର, ରାମଦେବଚକ, ଖରିଦପିପଳ ପଂଚାୟତର ହରିଣକୁଲି, ମିଆପାଟଣା, ଆରୁହାବୃତି-୧, ଦହମୁଣ୍ଡା, ଖରିଦପିପଳ, ନୟାପଲ୍ଲୀ, ଆରୁହାବୃତି-୨ ପଂଚାୟତର ମନ୍ନୁନଗର, ବାରବାଟିଆ, କଟୁଆଡ଼ି ପଂଚାୟତର ପାରୁଳିଆ, ଚକେଇସବ, କଟିସାହି, ଦକ୍ଷିଣ ନାଡ଼ବଣୀ, ନାରିବା ପଂଚାୟତର ଦେଉଁର, ଖରିଦଚକ, ନିଶିନ୍ତକୋଇଲି, ରଘୁଚକ, ଦାରୁହା ପଂଚାୟତର ରାମଚନ୍ଦ୍ରପୁର, କୁଣ୍ଡୁଟି, ଦାରୁହା, ବେଣ୍ଡୁଦା, କୁଳିଦା ପଂଚାୟତର କୁଳିଦା ମଧୁପୁର, ମହାଡିଆ, ଉପୁଳା, କୁଣ୍ଡୁଡ଼ା ପଂଚାୟତର ଗୁଜିଡିହା, କୁଣ୍ଡୁଡ଼ା, ପୁଟିଣା ପଂଚାୟତର ପୁଟିଣା, ରଘାଡ଼ି, କୁହୁଡ଼ିଆ ଗ୍ରାମର ଲୋକମାନେ ଅଧିକ ପାଣିଘେରରେ ରହିଛନ୍ତି । ତାହା ସହିତ ବିଭିନ୍ନ ଗାଁ ଗୁଡ଼ିକରେ ଧୀରେ ଧୀରେ ବନ୍ୟା ପାଣି କମୁଥିଲେ ମଧ୍ୟ ଏବେବି ଗାଁ ବାସ୍ତ ବିପଦ ସଂକୁଳ ଅବସ୍ଥାରେ ରହିଛି ।ନଳକୂପ ଓ ପାଇଖାନା ବୁଡ଼ି ରହିଥିବା ବେଳେ ଗୃହ ପାଳିତ ପଶୁଙ୍କ ଖାଦ୍ୟାଭାବ ଦେଖାଦେଉଛି । ୩ ଦିନ ଧରି ବନ୍ୟାପ୍ଲାବିତ ଗାଁ ଗୁଡ଼ିକରେ ଅଦ୍ୟାବଧି ଲୋକେ ମାଟିଘର ଓ ରଙ୍ଗାଘର ଛାଡ଼ି ପିଲାଛୁଆ ନେଇଁ ଅନ୍ୟ ଘରେ ଦୟନୀୟ ଅବସ୍ଥାରେ ଜୀବନ ଯାପନ କରୁଛନ୍ତି । ଏଥି ସହିତ ବିଭିନ୍ନ ଗାଁ ରେ ୩ ଫୁଟରୁ ୬ ଫୁଟ ପର୍ଯ୍ୟନ୍ତ ରାସ୍ତାରେ ପାଣି ଜମି ରହିଥିବାରୁ ଗମନା ଗମନର ବାଧା ଉପୁଜିଛି ବନ୍ୟାଂଚଳର ଦେଶୀ ଡଙ୍ଗା ଏକ ମାତ୍ର ସାହା ହୋଇଥିବାବେଳେ ଅଦ୍ୟାବଧି ବିଦ୍ୟାଳୟ ଓ କଲେଜ ବନ୍ଦ ରହିଛି । ବନ୍ୟା ପାଣି ଛାଡ଼ୁ ଥିଲେବି ଭୋଗରାଇର ବିଭିନ୍ନ ପଂଚାୟତ ଜନଜୀବନ ଦୁର୍ବିସହ ହେବା ସହିତ ପିଇବା ପାଣିର ଘୋର ସଙ୍କଟ ଦେଖାଦେଇଥିବାବେଳେ ରିଲିଫ ସାମଗ୍ରୀର ବିଭ୍ରାଟ ହୋଇଥିବାର ଅଭିଯୋଗ ହୋଇଛି ।

ସେଇଥିକୁ
ଆରମ୍ଭ
SEITHO ARAMBHA

ବୁଧବାର, ୩୦ ସେପ୍ଟେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ସୌଭାଗ୍ୟଶାଳୀ ରାତି

ଇସଲାମ ଧର୍ମରେ ୫ଟି ମୌଳିକ ନୀତି ରହିଛି । କଲମା, ନମାଜ, ରୋଜା, ଜକାତ ଏବଂ ହଜ । କଲମା ଅର୍ଥାତ୍ ଏକେଶ୍ୱର ବିଶ୍ୱାସୀ ହେବା । ନମାଜ ଅର୍ଥାତ୍ ପ୍ରଭୁଙ୍କୁ ଭକ୍ତି କରିବା । ରୋଜା ଅର୍ଥାତ୍ ପବିତ୍ର ରମଜାନ ମାସରେ ଉପବାସ କରିବା । ଜକାତ୍ ଅର୍ଥାତ୍ ବର୍ଷକୁ ଥରେ ଗଚ୍ଛିତ ଧନର ଏକ ନିର୍ଦ୍ଦିଷ୍ଟ ଅଂଶ ପ୍ରଭୁଙ୍କ ପ୍ରସନ୍ନତା ପାଇଁ ଦାନ କରିବା । ଏବଂ ହଜ୍ ଅର୍ଥାତ୍ ତୀର୍ଥ କରିବା । ଏହି ୫ଟି ମୌଳିକ ନୀତି ମଧ୍ୟରୁ ରୋଜା ଅନ୍ୟତମ । ପବିତ୍ର ରମଜାନ ମାସରେ ପ୍ରତ୍ୟେକ ମୁସଲିମମାନେ ଉପବାସ ପାଳନ କରନ୍ତି । ପବିତ୍ର ରମଜାନ ମାସର ଇସଲାମୀୟ ଶାସ୍ତ୍ରରେ ବଡ଼ ମହତ୍ୱ ରହିଛି । ଏହା ଏକ ତପସ୍ୟା ଓ ସାଧନାର ମାସ । କର୍ମ ଦ୍ୱାରା ଫଳ ପ୍ରାପ୍ତିର ମାସ । ଭକ୍ତ ଓ ଭଗବାନଙ୍କ ମିଳନର ମାସ । କିଛି ପାଇବାର ମାସ । ବଦାନ୍ୟତାର ମାସ । କିଛି ପାଳନ କରିବାର ମାସ । ପୁନ୍ୟ ଅର୍ଜନ କରିବାର ମାସ । ସେବା ଓ ସହାର୍ଯ୍ୟର ମାସ । ଧୈର୍ଯ୍ୟ ଓ ଆତ୍ମ ସଂଯମର ମାସ । ପ୍ରଭୁଙ୍କୁ ଆପଣା କରିନେବାର ମାସ । ସ୍ୱର୍ଗପ୍ରାପ୍ତିର ମାସ । କୁଅଭ୍ୟାସ ଦୂର କରିବାର ମାସ । ମାନବ କଲ୍ୟାଣ କରିବା ମାସ । କ୍ଷମାର୍ଚ୍ଚନାର ମାସ । ଆଧାତ୍ମିକ ଉତ୍ଥାନର ମାସ । ଏକ ସୌଭାଗ୍ୟଶାଳୀ ରାତି ପାଇବାର ମାସ । ପବିତ୍ର ରମଜାନ ଏପରି ଅନେକ ଐଶ୍ୱରୀୟ ଅନୁଗ୍ରହର ମାସ ହୋଇଥାଏ । ତନ୍ମଧ୍ୟରୁ ଏହି ମାସରେ ଏପରି ଏକ ସୌଭାଗ୍ୟଶାଳୀ ରାତି ଆସିଥାଏ, ଯାହା ହଜାର ରାତି ଠାରୁ ଉତ୍କୃଷ୍ଟ । ଏହି ପରିପ୍ରେକ୍ଷୀରେ ପବିତ୍ର କୋରାନ କୁହେ; "ପ୍ରକୃତରେ ଆମେ ପବିତ୍ର କୋରାନକୁ ଏକ ମହତ୍ୱପୂର୍ଣ୍ଣ ସୌଭାଗ୍ୟଶାଳୀ ରାତିରେ ଅବତୀର୍ଣ୍ଣ କରିଅଛୁ ଏବଂ ତୁମକୁ କ'ଣ ଜଣା ଯେ ଯେଉଁ ରାତିରେ ଭାଗ୍ୟ ଅବତରଣ କରିଥାଏ ତାହା କ'ଣ ? ଏହି ମହତ୍ୱପୂର୍ଣ୍ଣ ଭାଗ୍ୟଶାଳୀ ରାତି ତ ଏକ ହଜାର ମାସ ଅପେକ୍ଷା ଉତ୍କୃଷ୍ଟତର ଅଟେ । ପ୍ରତ୍ୟେକ ପ୍ରକାରର ଦେବଦୂତ ଓ ଆତ୍ମା ନିଜ ପାଳନ କର୍ତାଙ୍କ ଆଦେଶ ଅନୁଯାୟୀ ଏହି ରାତିରେ ସମସ୍ତ କାର୍ଯ୍ୟ ସହ ଅବତରଣ କରିଥାନ୍ତି । ଦେବଦୂତମାନେ ସକାଳର ଆଗମନ ପର୍ଯ୍ୟନ୍ତ ଶାନ୍ତି ହି ଶାନ୍ତି ବର୍ଷଣ ହୋଇଥାଏ ।" ରମଜାନର ଶେଷ ପର୍ଯ୍ୟାୟରେ ଅର୍ଥାତ୍ ଶେଷ ୧୦ ଦିନରେ ଏପରି ଏକ ରାତି ଆସିଥାଏ, ଯାହାକୁ ସୌଭାଗ୍ୟଶାଳୀ ରାତି - ଲଇଲତୁଲ୍ କଦର୍ କୁହାଯାଏ । ସୌଭାଗ୍ୟଶାଳୀ ରାତିର ଅର୍ଥ ହେଲା ଏପରି ଏକ ରାତି ଯେଉଁ ଥିରେ ସିମୀତ ବିଷୟର ନିଷ୍ପତି କରାଯାଏ । ଏହି ସୌଭାଗ୍ୟଶାଳୀ ରାତିରେ ହିଁ ମନୁଷ୍ୟର ଭାଗ୍ୟ ନିର୍ଦ୍ଧାରଣ ହୋଇଥାଏ ଏବଂ ଏହା ନିଷ୍ପତି କରା ଯାଇଥାଏ ଯେ ଆସନ୍ତା ବର୍ଷ ତା' ସହିତ କ'ଣ ହେବ । ସେ କିପରି ଏବଂ କେତେ ଲାଭବାନ ହେବ ଓ ଉନ୍ନତି କରିବ । ତାକୁ କ'ଣ କ'ଣ ଲାଭ ହାସଲ ହେବ ଏବଂ କି ପ୍ରକାରର କ୍ଷତି ସହିବାକୁ ହେବ । ମନୁଷ୍ୟ ଉନ୍ନତିର ସମସ୍ତ ନିଷ୍ପତି ଏହି ଅନ୍ଧାର ରାତିରେ ହିଁ ହୋଇଥାଏ । ସୌଭାଗ୍ୟଶାଳୀ ରାତିରେ ଭିନ୍ନ ପ୍ରକାରର ପରିସ୍ଥିତି ସୃଷ୍ଟି ହୋଇ ଥିବାର ପରିଲକ୍ଷିତ ହୋଇଥାଏ । ଅନେକ ସମୟରେ ଏହି ସୌଭାଗ୍ୟଶାଳୀ ରାତିରେ ଆକସ୍ମାତ ବଜ୍ର ଘାତ ହୋଇ ପାରିଥାଏ, ଝିପିରି ଝିପିରି ବର୍ଷା ହୋଇପାରିଥାଏ । ହୃଦୟର ଭାବନା ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ବିଶେଷ ପ୍ରଫୁଲ୍ଲିତ ହୋଇଉଠି ଥାଏ । ଅଥବା ଅଲ୍ଲାଃଙ୍କ ବିଶେଷ ପ୍ରେମକୁ ହୃଦୟଙ୍ଗମ ହୋଇପାରିଥାଏ । ଏସବୁ ଲକ୍ଷଣ ବିଭିନ୍ନ ମଣିଷ ଠାରେ ଭିନ୍ନ ଭିନ୍ନ ଅବସ୍ଥାରେ ଦେଖା ଦେଇଥାଏ । ଏବଂ କିଛି ଅନୁଭୂତି ସହ ସେ ଅତିକ୍ରମ କରିଥାଏ । ତାହା ହିଁ ସେହି ମଣିଷ ପାଇଁ ସୌଭାଗ୍ୟଶାଳୀର ରାତି ହୋଇଥାଏ । ଯେଉଁ ବ୍ୟକ୍ତିକୁ ଏହି ସୌଭାଗ୍ୟଶାଳୀ ରାତି ପ୍ରାପ୍ତ ହେବ ସେ ପ୍ରଭୁଙ୍କ କରୁଣା ଏବଂ ସମୃଦ୍ଧି ପାଇବା ପାଇଁ ଏ ପ୍ରାର୍ଥନା କରିବା ଉଚିତ୍ ଯେ "ଅଲ୍ଲାହୁମ୍ମା ଇନ୍ନକା ଅଫୁଉନ୍ ତୁହିବ୍ ବୁଲ୍ ଅଫ୍‌ୱା ଫା'ଫୁଅନ୍ନି" ଅର୍ଥାତ୍ ହେ ଅଲ୍ଲାଃ ତୁମେ କ୍ଷତାଦାତା ଏବଂ କ୍ଷମାଦେବାକୁ ବହୁତ ଭଲ ପାଅ । ତେଣୁ ମୋତେ ବି କ୍ଷମା କରି ଦିଅ । ଏହି ରାତିରେ ପ୍ରଭୁ ତାର ଭକ୍ତ ନିକଟକୁ ଚାଲି ଆସିଥାଏ । ଭକ୍ତର ଭକ୍ତିକୁ ନିକଟରୁ ଦେଖି ପ୍ରସନ୍ନ ହୋଇଥାଏ । ଏବଂ କହିଥାଏ, କ'ଣ ମାଗୁଛୁ ମାଗ । ଆଜି ମୁଁ ସ୍ୱୟଂ ତୋର ପ୍ରତିଫଳ ସ୍ୱରୂପ । ପ୍ରକୃତରେ ଯାହାକୁ ପ୍ରଭୁ ମିଳିଯାଏ, ତାକୁ ଆଉ କ'ଣ ବା ଏ ସଂସାରରେ ଦରକାର । ସୌଭାଗ୍ୟଶାଳୀ ରାତି ପ୍ରଭୁଙ୍କ ସାନିଧ ହାସଲ କରିବା ଫଳରେ ସାଧିତ ହୋଇଥାଏ । ଏହା ନିଷ୍କଳଙ୍କ ହୋଇ ଅଲ୍ଲାଃଙ୍କ ସାନ୍ନିଧ ହାସଲ କରିବା ପାଇଁ ହୋଇଥାଏ । କେବଳ ସାଂସାରିକ ଉଦ୍ଦେଶ୍ୟ ଦ୍ୱାରା ସୌଭାଗ୍ୟଶାଳୀ ରାତି ମିଳି ପାରିନଥାଏ ବରଂ ନିଷ୍ପାପ ହୋଇ ପ୍ରାର୍ଥନା କରିବା ଉଚିତ୍ । ଯେଉଁ ବ୍ୟକ୍ତି ଏହି ସୌଭାଗ୍ୟଶାଳୀ ରାତିକୁ ପାଇ ପାରିଥାଏ, ନିଶ୍ଚିତରେ ତା'ର ସବୁ ପ୍ରାର୍ଥନ ଗ୍ରହଣୀୟ ହୋଇଥାଏ ।

ମଧୁ ବାବୁ ଓ ମହାତ୍ମା ଗାନ୍ଧୀଙ୍କ ସାକ୍ଷାତ

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

କୌଣସି ନିର୍ଦ୍ଦିଷ୍ଟ ଶବ୍ଦ ଅଥବା ଭୂମିକାରେ ତାଙ୍କ ବ୍ୟକ୍ତିତ୍ୱକୁ ବର୍ଣ୍ଣନା କରିବା ଅସମ୍ଭବ ସିଏ ଥିଲେ ଦେଶର ନାମକରା ଆଇନଜୀବୀ । ଲୋକେ ତାଙ୍କୁ କହୁଥିଲେ ମଧୁ ବାରିଷ୍ଟର । କିନ୍ତୁ ତା ସହିତ ସିଏ ଥିଲେ ସଂଗ୍ରାମୀ, ସମାଜ ସଂସ୍କାରକ । ସିଏ ଥିଲେ ଶିଳ୍ପପତି । ଯିଏ ଥିଲେ ଜାତୀୟତା ଆନ୍ଦୋଳନର କର୍ଣ୍ଣଧାର । ଆଉ ମା'-ମାଟି-ମାତୃଭାଷା ପାଇଁ ଜୀବନର ସବୁକିଛି ଉତ୍ସର୍ଗ କରି ଦେଇଥିବା ଜଣେ ସ୍ୱାଭିମାନୀ ପୁରୁଷ । କଟକ ଥିଲା ତାଙ୍କର ଜନ୍ମଭୂମି ଆଉ କର୍ମଭୂମି । କିନ୍ତୁ ତାଙ୍କର ପରିଚୟ ଏରାଜ୍ୟ, ଏ ଦେଶର ସୀମା ସରହଦ ଟପି ବିଦେଶରେ ବି ପରିବ୍ୟାପ୍ତ ଥିଲା । ସିଏ ଥିଲେ ଓଡ଼ିଶା ପ୍ରଦେଶ ଗଠନର ବିନ୍ଧାଣି । ସେ ଥିଲେ ଓଡ଼ିଆ ଜାତିର ମୁରବି । ସିଏ ଥିଲେ ଓଡ଼ିଶା ଭାଷାର ସଂରକ୍ଷକ । ସିଏ ଥିଲେ ଓଡ଼ିଶା ସ୍ୱାଭିମାନ ସୁରକ୍ଷାର ଜାଗ୍ରତ ପ୍ରହରୀ । ସେଇଥି ପାଇଁ ତ ଶ୍ରଦ୍ଧା ଆଉ ସମ୍ମାନରେ ଏ ଜାତି ତାଙ୍କୁ କୁହେ କୁଳବୃଦ୍ଧ । ସେଇଥିପାଇଁ ତ ସେ ଥିଲେ ଏ ମାଟିର ଗୌରବ । ଉତ୍କଳ ଗୌରବ ମଧୁସୂଦନ ଦାସ ।

ଠିକ ଶହେ ଏକ ବର୍ଷ ତଳେ ୧୯୨୫ ମସିହାରେ ମହାତ୍ମା ଗାନ୍ଧୀ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଭେଟ ହୋଇଥିଲା । ୧୯୨୧ ମାର୍ଚ୍ଚ ୨୩ ତାରିଖରେ ଗାନ୍ଧିଜୀଙ୍କ ପ୍ରଥମ ଓଡ଼ିଶା କଟକ ଗସ୍ତ ସମୟର କଥା । ସେ ଦିନ କଟକରେ ପହଂଚିବା ପରେ ଗାନ୍ଧୀ ପ୍ରଥମେ ବିନୋଦ ବିହାରୀ ପୂଜା ମଣ୍ଡପରେ ଆୟୋଜିତ ସଭାରେ ଉଦବୋଧନ ଦେଇ ସ୍ୱାଧୀନତା ସଂଗ୍ରାମ ପାଇଁ ମହିଳାଙ୍କୁ ସୁନା, ରୂପା, ଗହଣା ମାଗିଥିଲେ । ବହୁ ମହିଳା ହାତ ଓ ବେକରୁ ଗହଣା କାଢ଼ି ଦାନ ଦେଇଥିଲେ । ଏହି ମହିଳାଙ୍କ ମଧ୍ୟରେ ଥିବା ମଧୁବାବୁଙ୍କ ଝିଆରୀ ମା' ରମାଦେବୀ ଗାନ୍ଧୀଙ୍କୁ ଖଦି ସୂତା ଉପହାର ଦେଇଥିଲେ । ସୂତା ଦେଖି ଗାନ୍ଧିଜୀ ଆଶ୍ଚର୍ଯ୍ୟ ହେବା ସହ ତାଙ୍କ ବିଷୟରେ ଜାଣିବାକୁ ଆଗ୍ରହ ପ୍ରକାଶ କରିଥିଲେ । ଏହି ଘଟଣାରୁ ଗାନ୍ଧିଜୀ ମଧୁବାବୁଙ୍କ ବିଷୟରେ ଶୁଣିଲେ । ମଧୁବାବୁ ପଥର ଅଗଟରେ ସୂତା କାଟୁଥିବା ଜାଣିବାକୁ ପାଇଲେ । ସେ ସମୟରେ ମଧୁବାବୁ କଂଗ୍ରେସ ଛାଡ଼ି ଥିଲେ ଏବଂ ଉତ୍କଳ ଟ୍ୟାନେରି ସମେତ ତାରକସି କାରଖାନାରେ ବ୍ୟସ୍ତ ରହୁଥିଲେ । ମଧୁବାବୁଙ୍କ ବାସଭବନ ଏବେର ଶୈଳବାଳା ମହିଳା କଲେଜରେ ରହୁଥିଲେ । ୧୯୨୫ ଅଗଷ୍ଟରେ ଦ୍ୱିତୀୟ ଓଡ଼ିଶା ଗସ୍ତରେ ମହାତ୍ମା ଗାନ୍ଧୀ ମଧୁବାବୁଙ୍କୁ ଭେଟିବାକୁ ଆସିଥିଲେ । ଗାନ୍ଧିଜୀଙ୍କ ସହ ବିଶିଷ୍ଟ ବ୍ୟବସାୟୀ ରଙ୍ଗଲାଲ ମୋଦୀ ମଧ୍ୟ ଆସିଥିଲେ । ଗାନ୍ଧିଜୀ ମଧୁବାବୁଙ୍କ ବାସ ଭବନରେ ଅଗଷ୍ଟ ୧୮ ଓ ୧୯ ତାରିଖ ଦୁଇ ଦିନ ପାଇଁ ରହିଥିଲେ । ସେତେବେଳେ ଗାନ୍ଧିଜୀ ଅସ୍ପୃଶ୍ୟତା ନିବାରଣ ଅଭିଯାନ ଚଳାଇଥିଲେ ।

ଆଲୋଚନା ପ୍ରସଙ୍ଗରେ ମଧୁବାବୁ ତାଙ୍କୁ ଉତ୍କଳ ଟ୍ୟାନେରି ପରିଦର୍ଶନ ପାଇଁ ଆମନ୍ତ୍ରଣ କରିଥିଲେ । ଉତ୍କଳ ଟ୍ୟାନେରି ଜେକେବିକେ ଓଏମପି ଅଂଚଳରେ ୩୩ ଏକର ଜମିରେ ପ୍ରତିଷ୍ଠା ହୋଇଥିଲା । ଉତ୍କଳ ଟ୍ୟାନେରି ଚମଡ଼ କସାଠୁ ଆରମ୍ଭ କରି ବୃତ୍ତାନ୍ତ ଚମଡ଼ା ଉତ୍ପାଦ ନିର୍ମାଣ ପର୍ଯ୍ୟନ୍ତ କାର୍ଯ୍ୟରେ ବିଭିନ୍ନ ଜାତି, ଧର୍ମ, ବର୍ଣ୍ଣର ଲୋକ କାର୍ଯ୍ୟ କରୁଥିଲେ । ଗାନ୍ଧିଜୀ ବୁଝିଗଲେ, ଉତ୍କଳ ଟ୍ୟାନେରି କେବଳ ଲୋକଙ୍କୁ ନିଯୁକ୍ତି ଦେଉ ନଥିଲା, ଏହା ଥିଲା ଅସ୍ପୃଶ୍ୟତା ନିବାରଣର ପ୍ରୟୋଗଶାଳା । ମଧୁବାବୁଙ୍କ ବ୍ୟକ୍ତିତ୍ୱ, ଦୂରଦୃଷ୍ଟି, ଦେଶପ୍ରେମ ଗାନ୍ଧିଜୀଙ୍କୁ ପ୍ରଭାବିତ କରିଥିଲା । ସାବରମତୀ ଆଶ୍ରମରେ ଉତ୍କଳ ଟ୍ୟାନେରି ଭଳି ଏକ କାରଖାନା ପ୍ରତିଷ୍ଠା ପାଇଁ ମଧୁବାବୁଙ୍କୁ ଗାନ୍ଧିଜୀ ପ୍ରସ୍ତାବ ଦେଇଥିଲେ । ପରବର୍ତୀ ସମୟର ନାରୀ ଶିକ୍ଷା ପାଇଁ ମଧୁବାବୁଙ୍କ ବାଳିକା ହାଇସ୍କୁଲ ପ୍ରତିଷ୍ଠା ପାଳିତ କନ୍ୟା ସୁଧାଂଶୁବାଳା ହାଜରାଙ୍କୁ ଓକିଲାତି କରିବା ସୁଯୋଗ ଦେବା ଆଦି ବିଷୟରେ ଗାନ୍ଧିଜୀ ଜାଣିବାକୁ ପାଇଲେ ।

୧୯୨୬ ମସିହା ସେବାଗ୍ରାମ ଶିକ୍ଷା ସମ୍ମିଳନୀରେ ଉଦବୋଧନ ଦେଇ ଗାନ୍ଧିଜୀ କହିଥିଲେ ଯେ ୟୁରୋପରେ ଜଣେ ଲିଓ ଟଲଷ୍ଟୟ ଅଛନ୍ତି ଓ ଆଉ ଜଣେ ଲିଓ ଟଲଷ୍ଟଏ ଓଡ଼ିଶାରେ ରହୁଛନ୍ତି । ମଧୁବାବୁଙ୍କୁ ସେ ଲିଓ ଟଲଷ୍ଟୟ ଭାବେ ସମ୍ବୋଧନ କରିଥିଲେ । ୧୯୩୪ଫେବୃଆରୀ ୨୮ରେ ମଧୁବାବୁଙ୍କ ଦେହାନ୍ତ ପରେ ସେହି ବର୍ଷ ମେ ୨୧ ତାରିଖରେ ଗାନ୍ଧିଜୀ ସତ୍ୟଭାମାପୁର ଜନ୍ମପୀଠକୁ ଆସି ରାତ୍ରିଯାପନ କରିଥିଲେ । କିନ୍ତୁ ସେ ଘରେ ନଶୋଇ ଛାତ ଉପରେ ମସିଣା ପକାଇ ଶୋଇଥିଲେ । ୧୯୨୫ ମସିହାରେ ଗାନ୍ଧିଜୀ ଓ ମଧୁବାବୁଙ୍କ ସାକ୍ଷାତକୁ ମଧୁବାବୁଙ୍କ ନାତୁଣୀ ଅନ୍ନପୂର୍ଣ୍ଣା ମହାରଣା ମୋଦି ଓ ତନ୍ତିଙ୍କ ସାକ୍ଷାତ ଭାବେ ଉଲ୍ଲେଖକରିଛନ୍ତି । ୧୯୫୨ ମସିହାରେ ମଧୁବାବୁଙ୍କ ସତ୍ୟଭାମାପୁରସ୍ଥି ପୈତୃକ ଜମି ବିକ୍ରି କଥା ଉଠିବାରୁ ମଧୁବାବୁ ଓ ଗାନ୍ଧିଜୀଙ୍କ ସ୍ମୃତି ବହନ କରୁଥିବା ଏହି ଜମିକୁ କେନ୍ଦ୍ରୀୟ ଗାନ୍ଧୀ ସ୍ମାରକୀନିଧି ୮୨ ହଜାର ଟଙ୍କା ଦେଇ କିଣିଥିଲେ । ଡକ୍ଟର ରାଜେନ୍ଦ୍ର ପ୍ରସାଦ, ପଣ୍ଡିତ ନେହେରୁ, ଅବଦୁଲ କଲାମ ଆଜାଦ ପ୍ରମୁଖ ଟ୍ରଷ୍ଟି ଭାବେ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଏହି ଜମି କ୍ରୟ କରିଥିଲେ ।

ଆଜିର ସମୟରେ ମଧୁ ଆଦର୍ଶ, ମଧୁ ବିଚାରର ମୌଳିକତା ସ୍ମରଣକୁ ଆସୁଛି । ମଧୁବାବୁଙ୍କ ବ୍ୟକ୍ତିତ୍ୱ ମର୍ଯ୍ୟାଦା ସ୍ୱାଭିମାନ ଚିରକାଳ ପାଇଁ ସ୍ମରଣୀୟ ହୋଇ ରହିବ ଏ ଓଡ଼ିଶା ପାଇଁ । ଓଡ଼ିଶା ପ୍ରଦେଶ ଗଠନର ବିନ୍ଧାଣୀ, ଏ ଜାତିର ମୁରବୀ, ଭାଷାର ସଂରକ୍ଷକ ଓଡ଼ିଆ ସ୍ୱାଭିମାନ ସୁରକ୍ଷାର ଜାଗ୍ରତ ପ୍ରହରୀ । ଉତ୍କଳ ଜନନୀର ଏହି ମହାନ ସନ୍ତାନଙ୍କୁ କୋଟି କୋଟି ପ୍ରଣାମ ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

କେଏମସିର ସ୍ୱଚ୍ଛ ଅଭିଯାନ ଅସ୍ୱଚ୍ଛ !!

॥ ବିଜୟ କୁମାର ପୁଷ୍ଟି ॥

ସ୍ୱଚ୍ଛ ଭାରତ ଅଭିଯାନ ଅନେକ ବର୍ଷ ତଳୁ ଆରମ୍ଭ ହେଲାଣି । ଦେଶରୁ ଅଳିଆ ଆବର୍ଜନା, ମଇଳା ଉଠାଇ ଏକ ସଫା ସୁତୁରା ପରିବେଶ ତିଆରି କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ୟମଟି କେତେ ସଫଳ ଆଉ କେତେ ବିଫଳ ତାହା ଭାତ ହାଣ୍ଡିରୁ ଗୋଟିଏ ପରି କଟକ ମୁନସିପାଲଟି କର୍ପୋରେସନ ଅନ୍ତର୍ଗତ ମର୍କତ ନଗରକୁ ଗୋଟିଏ ପ୍ରମାଣ ଭାବେ ନିଆଯାଉ । କହିବାକୁଗଲେ ଭାରତର ଏହି ବହୁଳ ପ୍ରଚାରିତ 'ସ୍ୱଚ୍ଛ ଅଭିଯାନରେ କେଏମସି ବହୁ ପଛରେ ପଡ଼ିଯାଇଛି । ନୂଆ କଟକ ଭାବେ ମର୍କତ ନଗର ଏକ ଅଭିବୃଦ୍ଧି ସମ୍ପନ୍ନ ଓ ବିକଶିତ ଅଂଚଳ । ଦିନକୁ ଦୁଇଥର ତ ଛାଡ଼ନ୍ତୁ ମର୍କତ ନଗରର ଅନେକ ଅଂଚଳ ଦିନକୁ ଥରେ ମଧ୍ୟ ସଫେଇ ହେଉନାହିଁ । ସରକାରୀ ଅର୍ଥ ଯାହା ଶ୍ରାଦ୍ଧ ହେଉଛି ସିନା କିନ୍ତୁ ମର୍କତନଗରବାସୀ ମଇଳା ଓ ଆବର୍ଜନା ପରିବେଶରେ ରହିବା ପାଇଁ ଏକ ପ୍ରକାର ବାଧ୍ୟ । ଗୋଟିଏ ଉଦାହରଣ ରଖୁଛୁ ସେକ୍ଟର ଛଅ ମାର୍କେଟ ଛକରୁ ସେକ୍ଟର ନଅ, ସେକ୍ଟର ଆଠ ଏବଂ ପରିବାର ମାର୍କେଟ ପରେ ରିଂ ରୋଡ଼କୁ ସଂଯୋଗ କରୁଥିବା ଲମ୍ବା ରାସ୍ତା ଯେଉଁ ରାସ୍ତାରେ ପ୍ରତିଦିନ ବସ ଟ୍ରକ ଏବଂ ଲୋକ ଚଳାଚଳ ସହ, ସହରର ଏକ ପ୍ରମୁଖ ରାସ୍ତା କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ରାସ୍ତାକୁ ଛୁଇଁଛି ଇଲେକ୍ଟ୍ରିକ ଅଫିସ ଯାହାର ନିକଟରେ କେଏମସିର ଅଳିଆ ଆବର୍ଜନା ଛୋଟିଆ ପାହାଡ଼ଟି ରହିଛି । କାରଣ କମ୍ପୋଷ୍ଟ ପ୍ରୋଜେକ୍ଟ ସରକାରଙ୍କର ଏକ ପ୍ରକାର ବିଡ଼ମ୍ବନା । ଯାହାର ଉଦାହରଣ ସତୀଚଉରା ପାଖରେ ଥିବା ଆବର୍ଜନା ବିଶୋଧନ କେନ୍ଦ୍ରକୁ ପ୍ରମାଣ ଭାବେ ନିଆଯାଇ ପାରେ ।

କେଡ଼ିଏର ଏହି ଅଂଚଳରେ ଅନେକ ପ୍ରଭାବଶାଳୀ ଓ ସମାଜରେ ପ୍ରତିଷ୍ଠିତ ବ୍ୟକ୍ତିବର୍ଗ ଓ ଅନୁଷ୍ଠାନ ସବୁ ରହିଛି । ଏହି ବାଟ ଦେଇ ମେୟରଙ୍କ ଠାରୁ କଲେକ୍ଟର, ସାଂସଦଙ୍କ ଠାରୁ ବିଧାୟିକା ଅନେକ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ନିୟମିତ ଯିବା ଆସିବା କରନ୍ତି । କିନ୍ତୁ ଏତେ ଅପରିଷ୍କାର ଓ ଆବର୍ଜନା ସତ୍ୱେ ସମ୍ଭବତଃ ତାଙ୍କୁ ଏହା ଦିଶୁ ନଥାଇପାରେ ! ଏପରି ଗୁରୁତ୍ୱପୂର୍ଣ୍ଣ ଅଭିଯୋଗକୁ ନେଇ କେଡ଼ିଏ ବାସିନ୍ଦା, ବୁଦ୍ଧିଜୀବୀ ବର୍ଗ ଅନେକ ଥର ଉଚ୍ଚଅଧିକାରୀଙ୍କୁ ଜଣାଉଥିଲେ ମଧ୍ୟ ଆବର୍ଜନାର ସ୍ତୁପ ବଢୁଥିଲେ ମଧ୍ୟ ଏହାର କୌଣସି ନିରାକରଣ ହୋଇପାରୁନାହିଁ । ମଝିରେ ଯେଉଁ ଲଗାଣ ବର୍ଷା ହେଲା ପ୍ରଥମତଃ ଆବର୍ଜନା ସଂଗ୍ରହ କରୁଥିବା ଗାଡ଼ି ଲୋକଙ୍କ ଘରୁ ଆବର୍ଜନା ନେବା ପାଇଁ ଆସିଲେ ନାହିଁ କିନ୍ତୁ ସ୍ତୁପରେ ପାଣି ପଶି ଏହା ଏପରି ପରିସ୍ଥିତି ସୃଷ୍ଟିକଲା ଯେ ରାସ୍ତାରେ ଅଳିଆ ଆବର୍ଜନା ପାଣିରେ ମିଶି ଡ୍ରେନ ଗୁଡ଼ିକୁ ଅବରୋଧ କଲେ ଯାହାର ପରିଣତିସ୍ୱରୂପ ମୁଖ୍ୟ ଡ୍ରେନକୁ ଆଉ ଉଦବୃତ ଆବର୍ଜନା ପାଣି ଯାଇପାରିଲା ନାହିଁ । ଫଳସ୍ୱରୂପ ମର୍କତ ନଗରର ଅନେକ ଅଂଚଳରେ ତଳମହଲାରେ ଥିବା ଲୋକଙ୍କ ଘରେ ପାଣି ପଶିଗଲା । ମର୍କତ ନଗରର ବିଭିନ୍ନ ଡ୍ରେନ ଏକ ପ୍ରକାର ବୁଡ଼ି ଯିବାରୁ ପାଦଚଲା ଲୋକ ଓ ଗାଡ଼ି ଚାଳକ ଜାଣି ନପାରି ଅନେକ ଛୋଟ ବଡ଼ ଦୁର୍ଘଟଣା ହେଲା, ଲୋକ ଖଣ୍ଡିଆଖାବରା ହେଲେ । ସେହିପରି ମର୍କତ ନଗରର ଏହି ରାସ୍ତାକୁ ଲାଗି ବଡ଼ ପରିବା ମାର୍କେଟ ରହିଥିବାରୁ ଓ ଆମିଷ ବିକ୍ରି ଦୋକାନର ବଡ଼ ବଜାର ଏହିଠାରେ ଥିବାରୁ ଫୋପଡ଼ା ପରିବା ଓ ଆମିଷର ବିକ୍ଷିପ୍ତ ଅଂଶ ଗୁଡ଼ିକ ଖାଇବା ପାଇଁ କୁକୁର, ବିଭିନ୍ନ ପକ୍ଷୀ ଓ ଗୋରୁଗାଈଙ୍କ ଏହିଠାରେ ଏକ ପ୍ରକାର ମେଳଣ ହୋଇଯାଏ । ଏହାର ପରିଣତି ସ୍ୱରୂପ ଲୋକେମାନେ ପ୍ରଥମତଃ ସ୍ୱାସ୍ଥ୍ୟ ସମସ୍ୟାକୁ ସାମ୍ନା କରନ୍ତି ଦ୍ୱିତୀୟତଃ ଷଣ୍ଢ ଇତ୍ୟାଦିର ଶିକାର ହୋଇ ନିଜେ ବିପଦରେ ପଡ଼ନ୍ତି । ଅନେକ ଡ୍ରେନରେ ତାର ଜାଲି ପଡ଼ି ନଥିବାରୁ ମଣିଷଙ୍କ ଠାରୁ ଗୋରୁଗାଈଙ୍କ ପର୍ଯ୍ୟନ୍ତ ଖଣ୍ଡିଆଖାବରା ହୁଅନ୍ତି ସିନା ପ୍ରଶାସନ କିନ୍ତୁ ନିଦା ବିଷ୍ଣୁ ।

ହଜାର ବର୍ଷର ପରିଚୟକୁ ନେଇ କଟକ ସହରର ପରିଚିତ । ମର୍କତ ନଗର ହେଉଛି ଏହି ସହରର ଏକ ଅନ୍ୟତମ ପ୍ରମୁଖ ଅଂଚଳ । ସହରର କେବଳ ନୁହଁ ରାଜ୍ୟର ଅନେକ ପ୍ରତିଷ୍ଠିତ ଓ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତିବିଶେଷ ଏଠାରେ ଅବସ୍ଥାନ କରନ୍ତି । ଅନେକ ନାମୀଦାମୀ ଶିକ୍ଷାନୁଷ୍ଠାନ ଠାରୁ ହସ୍ପିଟାଲ, ମନ୍ଦିର ଠାରୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟ ରହିଛି । ଏହି ଅଂଚଳ ସରକାରଙ୍କ ରାଜସ୍ୱ ମଧ୍ୟ ବଢ଼ାଉଛି । ମର୍କତ ନଗରର ଦୁଇପଟେ ରାଜ୍ୟର ସ୍ରୋତସ୍ୱିନୀ ନଦୀ ରହିଛି । କିନ୍ତୁ ବିକାଶ କିପରି ଅଳିଆ ଆବର୍ଜନା ପରି ପୂତ ଗନ୍ଧମୟ ତାହା ଏହି ଆବର୍ଜନାରୁ ବଡ଼ ପ୍ରମାଣ ଭାବରେ ଦେଖାଯାଏ । ବର୍ତମାନ ପାର୍ବଣ ଋତୁ ଚାଲିଛି ଆଗକୁ ଦଶହରା ତା ପଛକୁ ବାଲିଯାତ୍ରା ଏହିପରି ପରକୁ ପର ହୋଇ ଅନେକ ଛୋଟବଡ଼ ସ୍ଥାନୀୟ ପୂଜା ଓ ମେଳାମହୋତ୍ସବ ମଧ୍ୟ ରହିଛି । ପ୍ରଶାସନ ଟିକିଏ ନଜର ଦିଅନ୍ତୁ । ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଏବଂ ଲୋକଙ୍କ ସରକାର ରହିଛନ୍ତି ବୋଲି ସରକାର ବଡ଼ ଗର୍ବର ସହିତ ଘୋଷଣା କରୁଛନ୍ତି । ଓଡ଼ିଶାର ପ୍ରଗତିର ଚିତ୍ର ଏହି ମର୍କତ ନଗରର ଆବର୍ଜନା ସମସ୍ୟାକୁ ନେଇ ଅନେକ ସମାଲୋଚନା ଓ ପ୍ରତିବାଦ ବିଭିନ୍ନ ଗଣମାଧ୍ୟମର ପ୍ରମୁଖ ଧ୍ୟାନ ଆକର୍ଷଣକାରୀ ଖବରଟି କେବେ ପ୍ରଶାସନର ନଜରକୁ ଆସିବ ସେହି ଅପେକ୍ଷାରେ ଆମେ !!

ସମ୍ପାଦକ 'ନିରାମୟ', ମର୍କତ ନଗର, କଟକ
ଦୂରଭାଷ : ୯୮୬୧୪୬୪୯୩୨

ମହାକାଶରେ ସୂର୍ଯ୍ୟ କେନ୍ଦ୍ରୀକମହାଶୂନ୍ୟ

॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥

ଯେଉଁଠି ଠିଆ ହୋଇ ଆକାଶକୁ ଦେଖ ତାହା ମୁଣ୍ଡ ଉପରେ ଏକ ଫରୁଆ ଟୋପର ଢ଼ାଙ୍କନା ସଦୃଶ ବୋଧ ହେବ । ଆକାଶ ମାହାନୀଳ ତାର ବର୍ଣ୍ଣନା ଉପମାରେ ପ୍ରଖ୍ୟାତ ଗାୟକ ହରିନାଥ ଏକ ପାଲା ଆସରରେ ଗାଇଥିଲେ ନୀଳମଣି ଫରୁଆର ଥିଲା ରତ୍ନହାର, ଚୋରୀ କରି ନେଲେ ତାଙ୍କୁ ନିରଞ୍ଜନକର । ତାଙ୍କ ବାଦୀ ନିରଞ୍ଜନ କରପର ଆସରରେ ଗାଇଲେ ଯୋଗାଘରେ ଢ଼ିଙ୍କି ନାହିଁ ସମସ୍ତେ ଜାଣନ୍ତି । ରତ୍ନ କାହୁଁ ଆଣିଲେ ସେ କିପରି କହନ୍ତି ? ହରିନାଥ ନୀଳମଣି ମହାନୀଳା ଶନିଙ୍କ ପ୍ରିୟ ରତ୍ନରୂପ ରଙ୍ଗ ଭୂଷିତ ଆକାଶରେ ରତ୍ନହାର ରାତ୍ରିର ତାରମାନଙ୍କୁ ରତ୍ନ ଦର୍ଶାଇ, ଦିବସ ଆବସିବାରୁ ସୂର୍ଯ୍ୟ ଉଦୟ ହେବମାତ୍ରେ ରତ୍ନ ପରି ଝଟକୁ ଥିବା ତାରାମାନେ ହରଣ ହୋଇଗଲେ । ନିରଞ୍ଜନ, ହିଁରେ କୌଣସି ଅଞ୍ଜନଲେପ ନାହିଁ । ନିରଞ୍ଜନ ମହୋଦୟ ଗାଇଥିଲେ ମହାକାଶ ଏକ ମହାଯୋଗୀ, ତାଙ୍କର ଢ଼ାଙ୍କିବା ଆଭରଣ ନାହିଁ । ଢ଼ିଙ୍କି କୁଟନ ଯନ୍ତ୍ର, ଭଳି ମାରନ୍ତାଯୋଗୀଙ୍କ ଘରେ ନଥାଏ । ଯୋଗ ଜ୍ଞାତାଙ୍କୁ ଯୋଗୀ ବୁଝାଏ ତାଙ୍କର ସୁପ୍ତକୁଣ୍ଡଳିନୀ ଜାଗ୍ରତ ତାର ଢ଼ାଙ୍କୁଣି ନଥାଏ । ଏପରି ମହାକାଶର ସାହିତ୍ୟିକର ସାହିତ୍ୟିକ ବର୍ଣ୍ଣନା, ଆକାଶ ମହତରେ କରୁଛି ଦ୍ରବ୍ୟ ଖାଉଟିଙ୍କ ଶେଷ ନିଷ୍ପତିର ଚିନ୍ତା । ହେଲେ ଆକାଶ ବଣିକ ନୁହେଁକି ଦଲାଲ ନୁହେଁ । ସେଥିରେ ସୂର୍ଯ୍ୟ ନିରଞ୍ଜନ, ଅଞ୍ଜନ ଲଗାଇବା ସୌକୀ ନୁହଁନ୍ତି, ସେ ଜଳ ନୀର ରସ ବାଷ୍ପ ମେଘମାଳାର ରସାଞ୍ଜନରେ ଢ଼ାଙ୍କି ହୁଅନ୍ତି । ଅଠର ବର୍ଷ ଚକ୍ରରେ ରାହୁକାଳର କୃଷ୍ଣ ଅଞ୍ଜନରେ ଢ଼ାଙ୍କି ବିଭିନ୍ନ ରାଶିରେ ଢ଼ାଙ୍କି ହେଉଛନ୍ତି । ଖଗୋଳ,ଶାସ୍ତ୍ର ଜ୍ଞାନୀମାନେ ଅନେକ ଖୋଜ କରି କରି ପୃଥିବୀ ପୃଷ୍ଠରୁ ବିନା ଫିତା ବିନା କରିବରେ ସୂର୍ଯ୍ୟାଦି ଆକାଶ ପିଣ୍ଡର ଦୂରତ୍ୱ ସ୍ଥିର କରିଛନ୍ତି । ଏଥିରେ ପୃଥିବୀର ସ୍ଥିତି କେଉଁ ଗ୍ରହ କେଉଁ ଉପଗ୍ରହ କେତେ ଦୂର ସ୍ଥିତିରେ ଅଛି ଏ ସ୍ଥିର ଧାର୍ଯ୍ୟ ମାପ କରିଛନ୍ତି । ବଡ଼ ଆଶ୍ଚର୍ଯ୍ୟ ସମସ୍ତେ ଏକ ଏକ ବୃତ ପଥରେ ପରିକ୍ରମା କରିବା ଜଣାପଡୁଛନ୍ତି । ଏହି ସୂର୍ଯ୍ୟଙ୍କୁ କେନ୍ଦ୍ର କରି ଶନି ପର୍ଯ୍ୟନ୍ତ ଦୂରତ୍ୱରେ ବୁଧ, ଶୁକ୍ର, ପୃଥିବୀ, ମଙ୍ଗଳ, ଗ୍ରହାଣୁ ପୁଞ୍ଜ ବୃହସ୍ପତି ଓ ଶେଷ ଶନି ପରିକ୍ରମା କରୁଛନ୍ତି । ଏମାନେ ଗ୍ରହ ଅନେକ ଗ୍ରହଙ୍କ ଉପଗ୍ରହ ଅଛନ୍ତି, ଯେଉଁମାନେ ଏ ମଧ୍ୟରେ ସ୍ୱ ସ୍ୱ ମୁଖିଆ ଗ୍ରହକୁ ପରିକ୍ରମା ଧର୍ମରେ ଅଛନ୍ତି । ଏମିତି ଚନ୍ଦ୍ର ପୃଥିବୀକୁ ପରିକ୍ରମା କରୁଚନ୍ତି । ସୂର୍ଯ୍ୟଙ୍କ ଠାରୁ କ୍ରମରେ ସେ ଶୁକ୍ର ଓ ପୃଥିବୀ ମଧ୍ୟରେ ରହିଛନ୍ତି । ଦୁଇ ବିପରୀତ ବିଦ୍ୟୁତ ପରିବାହୀ ମଧ୍ୟରେ ବିଭାଜକ ବା ବାଧକ ରହିବା ପରି ସୂର୍ଯ୍ୟଙ୍କ ମହାଆକର୍ଷଣ ଶକ୍ତିକୁ ବୁଧ ଶୁକ୍ର ଚନ୍ଦ୍ର ଏକପକ୍ଷରେ ବିଭାଜ୍ୟ କରି ବା ସହ ଭିନ୍ନ ପଟେପୁଣି ଗ୍ରହଣୁ ବୃହସ୍ପତି ଶନି ବିଛୁରିତ କରିଦେଉଛନ୍ତି । ଖାଲି ବିଛୁରିତ କରୁନାହାନ୍ତି ତାଙ୍କ ପ୍ରୋଢ଼ୀ ତହିଁରେ ଯୋଡୁଛନ୍ତି ଯାହା ପୃଥିବୀ ତାର ଅଧିବାସୀ ଭୋଗୁଛନ୍ତି, ଭୋଗୀ ଚାଲିଛନ୍ତି ।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ
ଦୂରଭାଷ : ୯୪୩୭୧୦୩୧୨୫୩

'ଭାବରୁ ଯାହାଟି ସମ୍ଭୂତ / ଏଣୁଟି ନାମ ଭାଗବତ'

॥ ଡକ୍ଟର ତପନ କୁମାର ପାଳ ॥

ଜୀବନ ଯେଉଁଠି ତୀର୍ଥ, ସେଇଠି ଅଛି ଭାଗବତ । ଯେଉଁଠି ନାହିଁ ଭାଗବତ, ସେଇଠି ଜୀବନ ବ୍ୟର୍ଥ । ଭାଗବତ ବେଦ ରୂପକ କଳ୍ପବୃକ୍ଷ, ଭଗବାନଙ୍କ ଶ୍ରୀମୁଖ ବଚନ, ଶ୍ରୀହରିଙ୍କ ସାକ୍ଷାତ ବାଙ୍ମୟ ମୂର୍ତି, ଅତ୍ୟନ୍ତ ରହସ୍ୟମୟ ପୁରାଣରତ୍ନ । ଭାବରୁ ଭାଗବତର ସୃଷ୍ଟି, ଭାବରୁ ଏହାର ବ୍ୟାପ୍ତି । 'ଭାବରୁ ଯାହାଟି ସମ୍ଭୂତ / ଏଣୁଟି ନାମ ଭାଗବତ' (ବ୍ରହ୍ମାଣ୍ଡ ଭୂଗୋଳ, ବଳରାମ ଦାସ) । ଭଗବାନଙ୍କର ହୋଇ ରହିବା ହିଁ ଭାଗବତ । ଯିଏ ଜାଣେ ଭଗବାନ ମୋର, ମୁଁ ତାଙ୍କର - ସେ ହିଁ ଭାଗବତ । ଏହା ଅଷ୍ଟାଦଶ ପୁରାଣ ଶ୍ରେଷ୍ଠ ଜୀବତ୍ରାଣ ମାର୍ଗଦର୍ଶିକା ଧର୍ମଗ୍ରନ୍ଥ । ସକଳ ରସର ମଧୁର ଆସ୍ୱାଦନରେ ମନୋଜ୍ଞ ପରିପ୍ରକାଶ - ଭାଗବତ ।

ଭକ୍ତମାନଙ୍କର ପାଇଁ ଭଗବାନଙ୍କ କଣ୍ଠରୁ ଓମ୍କାର ରୂପକ ତିନି ଅକ୍ଷର ସୃଷ୍ଟି ହେଲା ଓ ଏହା ଅନନ୍ତଙ୍କୁ ଅର୍ପିତ ହେଲା । ଅନନ୍ତ ଚବିଶ ଅକ୍ଷର ବିଶିଷ୍ଟ ଗାୟତ୍ରୀ ମନ୍ତ୍ର ସୃଷ୍ଟି କରି ସୃଷ୍ଟିକର୍ତା ବ୍ରହ୍ମାଙ୍କୁ ସମର୍ପଣ କଲେ । ବ୍ରହ୍ମା ଚାରିଗୋଟି ଶ୍ଳୋକରେ ନାରାୟଣ ଋଷିଙ୍କୁ ପ୍ରଦାନ କଲେ । ଋଷି ବ୍ୟାସଦେବଙ୍କୁ, ବ୍ୟାସ ଅଠର ହଜାର ଶ୍ଳୋକରେ ଶୁକମୁନିଙ୍କୁ ଅର୍ପଣ କରିଥିଲେ । ଶୁକମୁନି ପରୀକ୍ଷିତ ମହାରାଜଙ୍କୁ ସପ୍ତାହବ୍ୟାପୀ ବୁଝାଇ ବ୍ରହ୍ମଲୀନ କରାଇଥିଲେ । ତା'ପରେ ଜନସାଧାରଣ ତାହାକୁ ଭାଗବତ ବୋଲି ଜାଣି ପୂଜାଅର୍ଚ୍ଚନା ଓ ଆଲୋଚନା କରିବାରେ ଲାଗିଲେ । ବ୍ୟାସଦେବ ସଂସ୍କୃତ ଭାଷାରେ ରଚନା କରିଥିବାରୁ ଓଡ଼ିଆ ଭାଷାଭାଷୀଙ୍କ ପକ୍ଷରେ ତାହା ଆବୃତ୍ତ ହୋଇପାରିନଥିଲା । ପଂଚସଖା ଯୁଗର ପଣ୍ଡିତ କବି ମହାପୁରୁଷ ଜଗନ୍ନାଥ ଦାସ ଓଡ଼ିଆ ଭାଷାରେ ନବାକ୍ଷରୀ ଛନ୍ଦରେ ଅନୁବାଦ କରି ଅମର ହୋଇ ରହିଯାଇଛନ୍ତି ।

ଶ୍ରୀ ଶ୍ରୀ ବ୍ୟାସଦେବଙ୍କ ସଂସ୍କୃତ ଭାଗବତର ଓଡ଼ିଆ ଅନୁସୃଜନ ହିଁ ସନ୍ଥ ସେବକ ଜଗନ୍ନାଥ ଦାସଙ୍କ ଭାଗବତ । ଏହା ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର ଅନବଦ୍ୟ କୃତି । ଏଥିରେ ଜଗନ୍ନାଥ ଦାସଙ୍କ ସ୍ୱକୀୟତା ଓ ବିଦ୍ୱତାର ପରିଚୟ ମିଳେ । ଭାଗବତ - ଦ୍ୱାଦଶ ଖଣ୍ଡ, ୩୩୫ଟି ପରିଚ୍ଛେଦ, ନବାକ୍ଷରୀ ଗୁଜ୍ଜରୀ ବୃତରେ ରଚିତ, ଦୁଇଟି ଚରଣରେ ଗୋଟିଏ ପାଦ । ସୁଲଳିତ ପଦ ରଚନା ପାଇଁ ୩ୟ, ୬ଷ୍ଠ ଓ ୯ମ ଅକ୍ଷର ଉପରେ ଯତିପାତ ଏବଂ ପାଦରେ ଣ, ପ, ବ, ମ, ର, ଳ, ଲ, ଶ, ସ ଆଦିକୁ ଶେଷ ଅକ୍ଷର ରୂପେ ବ୍ୟବହାର କରିଛନ୍ତି ଜଗନ୍ନାଥ ଦାସ ।

ଭାଗବତ ଧର୍ମ କହିଲେ ମୁଖ୍ୟତଃ ମନୁଷ୍ୟର ଈଶ୍ୱରଙ୍କ ସମ୍ପର୍କ ସଂକ୍ରାନ୍ତ ଦର୍ଶନ ଓ ସୁସଂହତ ଆଚରଣ ବିଧିକୁ ବୁଝାଏ । ଏହା ଜଗନ୍ନାଥ ତତ୍ୱ ଓ ବିଶ୍ୱ ଭ୍ରାତୃତ୍ୱ ଆଦର୍ଶର ବୀଜମନ୍ତ୍ର ଏବଂ ନାମ ସଂକୀର୍ତନ ହେଉଛି ଏକମାତ୍ର ଆଧାତ୍ମ ମାର୍ଗ । ଭାଗବତ ତତ୍କାଳୀନ ସମାଜରେ ବ୍ୟକ୍ତି ଓ ସମାଜ ଜୀବନ ପାଇଁ ନିର୍ଦ୍ଦିଷ୍ଟ ଶୃଙ୍ଖଳା, ଦର୍ଶନ, ବଂଚିବାର ଶୈଳୀ, ଆଦର୍ଶ ଆଚରଣ ଓ ନିର୍ଦ୍ଦିଷ୍ଟ ଧର୍ମ କିମ୍ବା ସଂସ୍କୃତିର ଆବଶ୍ୟକତା ମେଂଟାଉଥିଲା । ତାହା ଭାଗବତରେ ଅଛି । ବିଦେହ ରାଜ୍ୟର ରାଜା ନିମିଙ୍କ ଯଜ୍ଞରେ ସ୍ୱେଚ୍ଛାପ୍ରଣୋଦିତ ୯ଜଣ ଋଷିଙ୍କ ଉପଦେଶ, ସୂତ ଓ ଶୌନକ, ବ୍ରହ୍ମା ଓ ନାରଦ, ଶୁକ ଓ ପରିକ୍ଷିତ, ଉଦ୍ଧବ ଓ ଶ୍ରୀକୃଷ୍ଣ ପ୍ରମୁଖ ଉବାଚରେ ଜୀବଜଗତର ବିଭିନ୍ନ ସମସ୍ୟା ସମାଧାନର ସୂତ୍ର ଏଥିରେ ବର୍ଣ୍ଣିତ । ମହାଭାରତର ସ୍ୱର୍ଗାରୋହଣ ପର୍ବରେ କୁହାଯାଇଛି, ଅଠର ପୁରାଣ ପାଠ କଲେ ଯେଉଁ ଫଳ ମିଳେ, କେବଳ ଭାଗବତ ଶୁଣିଲେ ତାହା ମିଳେ । ସଂସ୍କୃତ ଭାଗବତ କ୍ଲିଷ୍ଟ ହୋଇଥିବାରୁ ଜଗନ୍ନାଥ ଦାସଙ୍କ ଭାଗବତ ଓଡ଼ିଆଙ୍କ ଜୀବନ ବେଦ । ଏହା କେବଳ ଓଡ଼ିଶାବାସୀଙ୍କ ପ୍ରାଣରେ ଧାର୍ମିକ - ନୈତିକ - ସାମାଜିକ ଚେତନା ଆଣିନାହିଁ, ଏହା ଆନ୍ଧ୍ର, ପଶ୍ଚିମବଙ୍ଗ ଓ ଆସାମର ଜନଜୀବନକୁ ମଧ୍ୟ ପ୍ରଭାବିତ କରିଛି । ଋଷିଙ୍କ ସାମ୍ୟବାଦ ସମାଜର ସ୍ୱପ୍ନ ଓ ସମାଜବାଦୀ ବିଚାରଧାରା ଭାଗବତରେ ପ୍ରତିଫଳିତ ।

ଭାଗବତ ଭକ୍ତିଭାବରେ ଏତେ ଜନପ୍ରିୟ ଥିଲା ଯେ, ପୋଥି ବସିବା ଗୀତ ବସିବା, ଭାଗବତ ବସିବା ବୋଲି କୁହାଯାଉଥିଲା ଏବଂ କାର୍ଯ୍ୟକ୍ରମ ସମ୍ପନ୍ନବେଳେ କେହି ପଢ଼ା ସରିଲା ବା ଶେଷ ହେଲା କହୁ ନଥିଲେ, ବରଂ ଗୀତ ବଢ଼ିବା, ପୋଥି ଉଠିବା, ଭାଗବତ ବଢ଼ିବା ଇତ୍ୟାଦି କହୁଥିଲେ । ସନ୍ଧ୍ୟା ହେଲେ ଗୁଖା ଉପରେ ଦୀପଟିଏ ଜଳି ଲୋକ ଗୁଣ୍ଡ ହେଉଥିଲେ ଭାଗବତ ଟୁଙ୍ଗୀରେ । ସେ ସମୟରେ ଏହା ଥିଲା ପୁରାଣ ପାଠଘର, ପାଠଶାଳା, ନୈଶ ବିଦ୍ୟାଳୟ ଓ ଗ୍ରାମ୍ୟ ବିଚାରାଳୟ । ଆଜିର ଲୋକ ଅଦାଲତ ହିଁ ସେ ସମୟର ଭାଗବତ ଟୁଙ୍ଗୀ । ଓଡ଼ିଆଙ୍କ ଭାଗବତ ଜୀବନ ଥିଲା ଭିନ୍ନ । ଦିନର କାମ ସାରି ସଞ୍ଜରେ ଭାଗବତ ଟୁଙ୍ଗୀରେ ଏକାଠି ଭାଗବତ ଶୁଣୁଥିଲେ, ବାସୁଦେବ ଗୋସେଇଁଙ୍କୁ ମୁଣ୍ଡିଆ ମାରି ଭଗବତ୍ ଚେତନା ନେଇ ଘରକୁ ଫେରୁଥିଲେ । ସେଠି ହରି ସ୍ମୃତି ସହଜଲଭ୍ୟ ଥିଲା । ହରିହରି ହୁରି ଓ ହରିବୋଲ ହୁଳହୁଳିରେ ଭାଗବତ ଟୁଙ୍ଗୀ ଉଛୁଳି ଉଠୁଥିଲା । ମଧୁର ରସରେ ରସାପ୍ଲୁତ ହେଉଥିଲା, ଆହ୍ଲାଦିତ ହେଉଥିଲା ଗାଁ । ଘରର ଓରା, ଶେଣୀ, କାନ୍ଥ, କୀର୍ତନ ମଣ୍ଡପ, ବିଦ୍ୟାଳୟ, ମନ୍ଦିର ଓ ଦେବସ୍ଥାନରେ ଭାଗବତ ବାଣୀ ଲେଖି ଦୈନନ୍ଦିନ ଜୀବନରେ ଚେତନା ସୃଷ୍ଟି କରୁଥିଲେ ଓଡ଼ିଆ ଲୋକ । ପ୍ରଣାମ କରୁଥିଲେ ଜଗନ୍ନାଥ ଦାସଙ୍କୁ, ଭାଗବତର ପ୍ରୟୋଗଶାଳା ଭାଗବତ ଟୁଙ୍ଗୀ ଓ ଗାଦି ଗୋସେଇଁଙ୍କୁ । ପ୍ରତ୍ୟେକ ଗାଁର ଆଧାତ୍ମିକ ସ୍ପନ୍ଦନ ଥିଲା ଭାଗବତ ଟୁଙ୍ଗୀ । ଗାଁ ପାଇଁ ଏହା ଥିଲା ଏକ ଆଶ୍ୱାସନା ପୀଠ, ସାମାଜିକ ବିଶ୍ୱାସ ଓ ନୈତିକ ଆଦର୍ଶ ପ୍ରଚାରର ନାଭିକେନ୍ଦ୍ର । କାଳେକାଳେ ବ୍ୟକ୍ତି ଓ ସମାଜ ଜୀବନକୁ ଶୃଙ୍ଖଳିତ, ସମନ୍ୱିତ, ସୁସଂହତ, ସମୁନ୍ନତ କରୁଥିବା ଗ୍ରନ୍ଥ ହିଁ ଭାଗବତ ।

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ

ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ପକ୍ଷରୁ ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ଗିରଫ ଦାବିରେ ଜିଲ୍ଲାପାଳ ଅଫିସ ଘେରାଉ

ଖୋର୍ଦ୍ଧା, ୨୯/୦୯ (ଆ.ପ୍ର) : ଅଖିଳ ଭାରତ କଂଗ୍ରେସ କମିଟି ନିର୍ଦ୍ଦେଶକ୍ରମେ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଭୋଟ ଚୋରି ଘଟଣାରେ ଭାରତର ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ଗିରଫ ଦାବିରେ ଆଜି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା କଂଗ୍ରେସ କମିଟି ସଭାପତି ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ ଖୋର୍ଦ୍ଧା ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ରାଜୀବ କହିଲେ ଯେ ଭାରତର ମୁଖ୍ୟ ନିର୍ବାଚନ କମିସନରଙ୍କ ଏକଚାଟିଆ ନିଷ୍ପତି ସମ୍ପର୍କରେ ଅନ୍ୟ ଦୁଇଜଣ କମିସନର ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସେମାନଙ୍କୁ ଗୁରୁତ୍ୱ ଦିଆଯାଉନଥିଲା । ତେଣୁ ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ଗିରଫ ନହେବା ପର୍ଯ୍ୟନ୍ତ ଏହିଭଳି କାର୍ଯ୍ୟକ୍ରମ ଜାରି ରହିବ ବୋଲି ରାଜୀବ କହିଥିଲେ । କାର୍ଯ୍ୟକ୍ରମ ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଶ୍ରୀ ପଟ୍ଟନାୟକ କଂଗ୍ରେସର ଏକ ପ୍ରତିନିଧି ଦଳ ଏକ ସ୍ମାରକପତ୍ର ଏଡିଏମଙ୍କୁ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ କଂଗ୍ରେସ ଦଳର ବରିଷ୍ଠ ନେତା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ବେଗୁନିଆ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ବରିଷ୍ଠ ନେତା ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, ଚିଲିକା ବିଧାୟକ ପ୍ରାର୍ଥୀ ପ୍ରଦୀପ ସ୍ୱାଇଁ, ଖୋର୍ଦ୍ଧା ବିଧାୟକ ପ୍ରାର୍ଥୀନୀ ସୋନାଲି ସାହୁ, ଜିଲ୍ଲା କୋଷାଧକ୍ଷ ତପନ ଚକ୍ରବର୍ତ୍ତୀ, ଖୋର୍ଦ୍ଧା ପୂର୍ବତନ ବିଧାୟକ ପ୍ରାର୍ଥୀନୀ ସ୍ୱାଗତିକା ପଟ୍ଟନାୟକ, ଅଶୋକ ମଙ୍ଗରାଜ, ଖୋର୍ଦ୍ଧା ନଗର ସଭାପତି ରଞ୍ଜିତ ମହାପାତ୍ର, ବାଲିପାଟଣା ବ୍ଲକ ସଭାପତି ଶଇଳେନ୍ଦୁ ଦାସ, ଅମିତ୍ ମହାନ୍ତି, ମୌମୁଦିନ ଅହମ୍ମଦ, ପ୍ରମୋଦ ହରିଚନ୍ଦନ, ସେଖ ସାଜିଦ, ଶିଶିର ପଟ୍ଟନାୟକ, ତାପସ ମିଶ୍ର, ରମେଶ ପଟ୍ଟନାୟକ, ଶୁଭ୍ରାଂଶୁ ପଟ୍ଟନାୟକ, ଶିବପ୍ରସାଦ ଦାସ, ରମାକାନ୍ତ ପଟ୍ଟନାୟକ, ଅମ୍ବାନୀ ବେଗମ, ସୌମ୍ୟ ପଟ୍ଟନାୟକ, ସୌମ୍ୟ ବରାଳ, ଜୟନ୍ତ ଭୋଇ, ଶ୍ରୀୟା ଶେଠୀ, ଜୟନ୍ତୀ ତ୍ରିପାଠୀ, ସିବୁ ନାୟକ, ପୁଲକ ପଟ୍ଟନାୟକ, ପ୍ରଦୀପ ପଟ୍ଟନାୟକ, ଜିତେନ୍ଦ୍ର ଚମ୍ପତି, ବୁଲୁ ରାଉତ ପ୍ରମୁଖ ବହୁତ୍ ନେତୃମଣ୍ଡଳୀ ଯୋଗଦେଇଥିଲେ ।

ହାଇମାକ୍ସ ଲାଇଟ କାର୍ଯ୍ୟକ୍ଷମ ହେବ କେବେ ?

ଖଣ୍ଡପଡ଼ା, ୨୯/୦୯ (ଆ.ପ୍ର) : ଖଣ୍ଡପଡ଼ା ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟାଳୟ ପକ୍ଷରୁ ସହରର ଗୁରୁତ୍ୱପୂର୍ଣ୍ଣ ତ୍ରିନାଥ ଛକ, ମହିଳା ମହାବିଦ୍ୟାଳୟ ସମ୍ମୁଖରେ ହାଇମାକ୍ସ ଲାଇଟ ପୋଷ୍ଟ ଗୁଡିକ ସ୍ଥାପନ କରାଯାଇଥିଲେ ହେଁ ଏହାକୁ କାର୍ଯ୍ୟକାରୀ କରିବା ଦିଗରେ ଏନଏସି କର୍ତ୍ତୃପକ୍ଷ ଧ୍ୟାନ ଦେଉ ନଥିବା ଅଭିଯୋଗ ହେଉଛି । ଫଳରେ ସଞ୍ଜ ନଇଁଲେ ସହରର ମୁଖ୍ୟ ଛକ, ବଜାର ଓ ଗଳିକନ୍ଦି ରାସ୍ତା ଅନ୍ଧକାରମୟ ହୋଇ ପଡୁଥିବା ଜଣାପଡିଛି । ସହରବାସୀ ଏ ନେଇ ଅସନ୍ତୋଷ ପ୍ରକାଶ କରୁଛନ୍ତି । ତେବେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଇ କାହା ସ୍ୱାର୍ଥରେ ହାଇମାକ୍ସ ଲାଇଟ ପୋଷ୍ଟ ଗୁଡିକ ଗତ ୨ ମାସ ତଳେ ସ୍ଥାପନ କରାଗଲା ବୋଲି ସହରବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସହରର ବିଭିନ୍ନ ସ୍ଥାନରେ ସ୍ଥାପନ ହୋଇଥିବା ହାଇମାକ୍ସ ଲାଇଟ ଗୁଡିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଦିଗରେ ଖଣ୍ଡପଡ଼ା ଏନଏସି ଅଧ୍ୟକ୍ଷା ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି । ଖଣ୍ଡପଡା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ରଙ୍କ ସହ ଯୋଗାଯୋଗ କରିବାରେ ସେଥିପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି ।

ସହରୀ ସ୍ୱାସ୍ଥ୍ୟ କାର୍ଯ୍ୟ ଯୋଜନା କର୍ମଶାଳା ଅନୁଷ୍ଠିତ

ପୁରୀ, ୨୯/୦୯ (ଆ.ପ୍ର) : ସହରୀ ସ୍ୱାସ୍ଥ୍ୟ କାର୍ଯ୍ୟ ଯୋଜନା (ସିଟି ହେଲଥ୍ ଆକ୍ସନ୍ ପ୍ଲାନ) ସମ୍ବନ୍ଧରେ ଜାତୀୟ ସ୍ୱାସ୍ଥ୍ୟ ମିଶନ, ଏସିଆନ ଡେଭେଲପ୍‌ମେଂଟ ବ୍ୟାଙ୍କ ଏବଂ ପାଥ୍‌ର ମିଳିତ ସହଭାଗିତାରେ ଦ୍ୱିତୀୟ ଥର ପାଇଁ ଆଉ ଏକ କର୍ମଶାଳା ହୋଟେଲ ହଲିଡେ ରିସର୍ଟ ପୁରୀଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ପୁରୀ ମହାନଗର ନିଗମର ଯୁଗ୍ମ କମିସନର ଅଭିମନ୍ୟୁ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ସମସ୍ତଙ୍କୁ ଏହି କର୍ମଶାଳା ଆୟୋଜନର ଅଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ଏବଂ କହିଥିଲେ ସମସ୍ତ ବିଭାଗର ମିଳିତ ଉଦ୍ୟମରେ ସହରାଂଚଳରେ ଜନସ୍ୱାସ୍ଥ୍ୟ ବିକାଶ ନିମିତ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉ ଏହାର ସଫଳ ରୂପାୟନରେ ଅନେକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁକାନ୍ତ ଚନ୍ଦ୍ର ରଥ ଏହି କର୍ମଶାଳାରେ ଉପସ୍ଥିତ ସମସ୍ତଙ୍କୁ ସହରାଂଚଳରେ ସ୍ୱାସ୍ଥ୍ୟ ସେବା ପ୍ରଦାନରେ ଥିବା ଚ୍ୟାଲେଞ୍ଜ ଗୁଡିକ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ ଓ ସମସ୍ତ ବିଭାଗର ସହଯୋଗ କାମନା କରିଥିଲେ । କାର୍ଯ୍ୟକ୍ରମରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ନିରୋଦ କୁମାର ସାହୁ ସହରାଂଚଳ ସ୍ୱାସ୍ଥ୍ୟ ମିଶନ ପାଇଁ ଥିବା ଚ୍ୟାଲେଞ୍ଜ ଗୁଡ଼ିକୁ ସମ୍ମୁଖୀନ କରିବା ସହିତ ସରକାରଙ୍କର ଲୋକାଭିମୁଖୀ କାର୍ଯ୍ୟକ୍ରମର ସଫଳ ରୂପାୟନ କରିବା ପାଇଁ ଆହ୍ୱାନ ଦେଇଥିଲେ । ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟର ପ୍ରାଧାପିକା ଡାକ୍ତର ସବିତା ମହାପାତ୍ର ସମସ୍ତଙ୍କୁ ଉଦବୋଧନ ଦେଇ ପୁରୀ ସହରାଂଚଳର ସ୍ୱାସ୍ଥ୍ୟ ଭିତିଭୂମି ବିକାଶ ପାଇଁ ଆହୁରି ଅନେକ ଅଭିନବ ପ୍ରୟାସ ନେବାର ଆବଶ୍ୟକତା ରହିଛି ବୋଲି କହିଥିଲେ । ପାଥ୍‌ର ଡାକ୍ତର ଯତୀନ ଡିଙ୍ଗରା କର୍ମଶାଳାର ପ୍ରାରମ୍ଭରେ ସହରୀ ସ୍ୱାସ୍ଥ୍ୟ କାର୍ଯ୍ୟ ଯୋଜନା (ସିଟି ହେଲଥ୍ ଆକ୍ସନ୍ ପ୍ଲାନ)ର ଲକ୍ଷ୍ୟ ଏବଂ ଆବଶ୍ୟକତା ଉପରେ ସବିଶେଷ ଆଲୋଚନା କରିଥିଲେ । ଅନ୍ୟମାନଂକ ମଧ୍ୟରେ ଡାକ୍ତର ସଂଜୁ ଦାଶ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଡାକ୍ତର ବିନୋଦ ବିହାରୀ ରଥ ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟର ବାହିତ ରୋଗ), ଡାକ୍ତର ଲଳାଟେନ୍ଦୁ ମିଶ୍ର ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା ରୋଗ), ଡାକ୍ତର ଚନ୍ଦ୍ରକାନ୍ତି ଆଚାର୍ଯ୍ୟ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ), ଡାକ୍ତର ମାନସ ରଞ୍ଜନ ଦାଶ ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠ ରୋଗ) ଏବଂ ଡାକ୍ତର ଆର୍.ଏନ୍. ମିଶ୍ର ଅଧିକ୍ଷକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପ୍ରମୁଖ ଉପସ୍ଥିତ ଥିଲେ । କର୍ମଶାଳାରେ ଏସିଆନ ଡେଭେଲପ୍‌ମେଂଟ ବ୍ୟାଙ୍କର ଡାକ୍ତର ମଧୁସୂଦନ ଯାଦବ ଓ ପାଥ୍‌ର ଡାକ୍ତର ଭାରତ ଠାକରେ ଓ ଜନ୍ ସ୍ନୋ ଇଣ୍ଡିଆର ସନ୍ତୋଷ ଭୂୟାଁ ପ୍ରମୁଖ ଉପସ୍ଥିତ ରହି ଅନେକ ମୂଲ୍ୟବାନ ମତାମତ ରଖିଥିଲେ । ଜାତୀୟ ସ୍ୱାସ୍ଥ୍ୟ ମିଶନର ସୁକାନ୍ତ ମିଶ୍ର, ଶ୍ୟାମ ସୁନ୍ଦର ତ୍ରିପାଠି, ସର୍ବେଶ୍ୱର ପ୍ରଧାନ ଏବଂ ସନ୍ଦୀପ ଚରଣ ଓଝା ପ୍ରମୁଖ କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ ।

ମାଁ ବିରଜାଙ୍କ ଦୁର୍ଗାପୂଜା ଓ ରଥଯାତ୍ରା– ୨୦୨୬ର ସବିଶେଷ ସାରଣୀ

ଯାଜପୁର, ୨୯/୦୯ (ଆ.ପ୍ର) : ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ଦୁର୍ଗାପୂଜା ଓ ରଥଯାତ୍ରା– ୨୦୨୬ ଅବସରରେ ପୂଜା ଓ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମର ସାରଣୀ ପ୍ରକାଶ କରାଯାଇଛି । ଭକ୍ତ ଓ ସାଧାରଣ ଜନତାଙ୍କ ଅବଗତି ନିମନ୍ତେ ଏହି ପୂଜା ସାରଣୀର ବ୍ୟାପକ ପ୍ରଚାର-ପ୍ରସାର କରାଯିବ । ମା' ବିରଜା ମନ୍ଦିର ପକ୍ଷରୁ ପ୍ରକାଶିତ ଦୁର୍ଗାପୂଜା ଓ ରଥଯାତ୍ରା– ୨୦୨୬ର ସମ୍ପୂର୍ଣ୍ଣ ସାରଣୀକୁ ଆସୁଥିବା ଭକ୍ତବୃନ୍ଦ ତଥା ଜନସାଧାରଣ ପୂଜାର ବିଭିନ୍ନ କାର୍ଯ୍ୟକ୍ରମ ଓ ସମୟସୂଚୀ ସମ୍ପର୍କରେ ଅବଗତ ହୋଇପାରିବେ । ମା' ବିରଜାଙ୍କ ପବିତ୍ର ଦୁର୍ଗାପୂଜା ଓ ରଥଯାତ୍ରାକୁ ଶୃଙ୍ଖଳିତ ଓ ସୁଚାରୁ ଭାବେ ପାଳନ କରିବା ସହିତ ଭକ୍ତମାନଙ୍କୁ ଆବଶ୍ୟକ ସୂଚନା ସମୟୋପଯୋଗୀ ଭାବେ ପହଂଚାଇବା ନିମନ୍ତେ ଏହି ପଦକ୍ଷେପ ନିଆଯାଇଛି ବୋଲି ମା ବିରଜା ମନ୍ଦିର ଟ୍ରଷ୍ଟି ତଥା ଉପଜିଲ୍ଲାପାଳ, ଯାଜପୁର ତାପସ ରଞ୍ଜନ ଦେହୁରୀ ସୂଚନା ପ୍ରଦାନ କରିଛନ୍ତି ।

ନୂଆପଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ବିପର୍ଯ୍ୟୟ ପରିଚାଳନା ସଚେତନତା କର୍ମଶାଳା

ନୂଆପଡ଼ା, ୨୯/୦୯ (ଆ.ପ୍ର) : ନୂଆପଡ଼ା ପଂଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ ଜିଲ୍ଲା ପ୍ରଶାସନ, ନୂଆପଡ଼ା ଏବଂ ଏନ୍‌ଡିଆର୍‌ଏଫ୍, କଟକର ମିଳିତ ଆନୁକୂଲ୍ୟରେ ବିପର୍ଯ୍ୟୟ ପରିଚାଳନା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଧରମବନ୍ଧା ସରକାରୀ ଏସ୍‌ଏସ୍ ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଧରମବନ୍ଧା ସରକାରୀ ଏସ୍‌ଏସ୍ ଡି ଉଚ୍ଚ ବିଦ୍ୟାଳୟ, ସାଇପଲା ସରକାରୀ ଉଚ୍ଚ ବିଦ୍ୟାଳୟ ସମେତ କୋଟେଂଚୁଆଁ ଓ ବୋଇରଭାଡ଼ି ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ ଏହି ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କର୍ମଶାଳାରେ ଘଉଜର ଟିମ୍‌ର ଇନ୍‌ସପେକ୍ଟର ପିଆର୍ ମହାନ୍ତିଙ୍କ ସମେତ ହାବିଲଦାର ମହମ୍ମଦ ଆରାଫାତ, କନଷ୍ଟେବଲ ବୈକୁଣ୍ଠ ରାଓ, କନଷ୍ଟେବଲ ସନ୍ୟାସୀ ରାଓ ଓ କନଷ୍ଟେବଲ କେ.ସି. ନାୟକ ଉପସ୍ଥିତ ରହି ବିପର୍ଯ୍ୟୟ ସମୟରେ ଆବଶ୍ୟକ ଜରୁରୀକାଳୀନ ପଦକ୍ଷେପ, ଉଦ୍ଧାର କୌଶଳ ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ପ୍ରାୟୋଗିକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ବିଶେଷକରି ପ୍ରାଥମିକ ଚିକିତ୍ସା, ବନ୍ୟା, ଭୂମିକମ୍ପ, ସର୍ପାଘାତ, ଅଗ୍ନି ନିର୍ବାପନ ଏବଂ ଉଦ୍ଧାର ସମ୍ପର୍କରେ ଅଂଶଗ୍ରହଣକାରୀମାନଙ୍କୁ ପ୍ରାୟୋଗିକ ଭାବେ ବୁଝାଇ ଦିଆଯାଇଥିଲା । ବିପର୍ଯ୍ୟୟ ସମୟରେ ଆତଙ୍କିତ ନହୋଇ ନିଜର ସୁରକ୍ଷା ସହ ଅନ୍ୟମାନଙ୍କୁ କିପରି ଉଦ୍ଧାର ଓ ସୁରକ୍ଷିତ ରଖାଯାଇପାରିବ, ସେ ସମ୍ପର୍କରେ ମଧ୍ୟ ଘଉଜର ଟିମ୍ ପକ୍ଷରୁ ବିଭିନ୍ନ କୌଶଳ ପ୍ରଦର୍ଶନ କରାଯାଇଥିଲା । ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ନୂଆପଡ଼ାଙ୍କ ତତ୍ତ୍ୱାବଧାନରେ ଏହି କର୍ମଶାଳାଗୁଡ଼ିକର ଆୟୋଜନ କରାଯାଇଥିଲା । ନୂଆପଡ଼ା ପଂଚାୟତ ସମିତି କାର୍ଯ୍ୟାଳୟର ସମ୍ପୂର୍ଣ୍ଣ ସହଯୋଗରେ କାର୍ଯ୍ୟକ୍ରମଗୁଡ଼ିକ ସଫଳତାର ସହ ସମ୍ପନ୍ନ ହୋଇଥିଲା । କର୍ମଶାଳାରେ ବର୍ତ୍ତମାନର ପରିବର୍ତ୍ତିତ ପରିବେଶୀୟ ପରିସ୍ଥିତିରେ ବିପର୍ଯ୍ୟୟ ପ୍ରତିରୋଧ, ପ୍ରସ୍ତୁତି ଓ ପରିବେଶ ସୁରକ୍ଷା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । ପରିବେଶର ସନ୍ତୁଳନ ରକ୍ଷା ପାଇଁ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା ସହ ପରିବାରର ଶୁଭ ଅବସରରେ ଅନ୍ତତଃ ଗୋଟିଏ ବୃକ୍ଷରୋପଣ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ । ଏହି ଅବସରରେ "ଏକ ପେଡ୍ ମା' କେ ନାମ୍" ଅଭିଯାନ ଅନ୍ତର୍ଗତ ସମୂହ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା । କର୍ମଶାଳାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, କର୍ମଚାରୀ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ଘଉଜର ଟିମ୍‌ର ଏଭଳି ଜନସଚେତନତାମୂଳକ ପଦକ୍ଷେପକୁ ପ୍ରଶଂସା କରିଥିଲେ । ଏହି କର୍ମଶାଳା ମାଧ୍ୟମରେ ବିପର୍ଯ୍ୟୟ ସମୟରେ ସତର୍କତା, ପ୍ରସ୍ତୁତି, ଉଦ୍ଧାର, ପ୍ରାଥମିକ ଚିକିତ୍ସା ଓ ଜରୁରୀକାଳୀନ ପଦକ୍ଷେପ ସମ୍ପର୍କରେ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, କର୍ମଚାରୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ଓ ଦକ୍ଷତା ବୃଦ୍ଧି ପାଇଥିବା ପ୍ରକାଶ ।

୧୯.୫ ଲିଟର ବିଦେଶୀ ମଦ ଜବତ, ଜଣେ ଗିରଫ

ଖଣ୍ଡପଡ଼ା, ୨୯/୦୯ (ଆ.ପ୍ର) : ଭାପୁର ବ୍ଲକ ଅଧୀନ ଫତେଗଡ଼ ଗ୍ରାମର ପ୍ରଶାନ୍ତ କୁମାର ସାହୁ ଦୀର୍ଘ ଦିନ ଧରି ଚୋରରେ ବିଦେଶୀ ମଦ କାରବାର କରି ଆସୁଥିବା ନେଇ ଅଭିଯୋଗ ହୋଇ ଆସୁଥିବା ବେଳେ ଫତେଗଡ ପୁଲିସ କୌଣସି ସୂତ୍ରରୁ ଖବର ପାଇ ରବିବାର ରାତିରେ ଅଚାନକ ଚଢାଉ କରିଥିଲା । ଚଢାଉ ସମୟରେ ପୁଲିସ ଟିମ ପ୍ରଶାନ୍ତ ଠାରୁ ୧୯.୫ ଲିଟର ବିଦେଶୀ ମଦ ଜବତ କରିବା ସହ ଚୋରା କାରବାରରେ ସଂପୃକ୍ତ ଅଭିଯୋଗରେ ତାଙ୍କୁ ଗିରଫ କରିଥିବା ଜଣାଯାଇଛି । ସୂଚନାଯୋଗ୍ୟ ମଦ ବେପାରୀ ପ୍ରଶାନ୍ତ ଏଥି ପୂର୍ବରୁ ମଧ୍ୟ ପୁଲିସ ହାତରେ ଧରା ପଡି ଜେଲ ଯାଇଥିବା ଏଏସଆଇ ଭାବଗ୍ରାହୀ ମଲ୍ଲିକଙ୍କ ଠାରୁ ପ୍ରକାଶ । ଏ ସଂର୍ପକରେ ଫତେଗଡ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ଅଜୟ କୁମାର ସାହୁଙ୍କ ଠାରୁ ପ୍ରକାଶ ।

ମାଲିକାପଡ଼ି ପଂଚାୟତରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି

ଜି.ଉଦୟଗିରି, ୨୯/୦୯ (ଆ.ପ୍ର) : ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ ମାଲିକାପଡ଼ି ପଂଚାୟତରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସରପଂଚ ଝରଣା ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଗ୍ରାମାଂଚଳର ଲୋକମାନେ ନିଜର ବିଭିନ୍ନ ସମସ୍ୟା ସିଧାସଳଖ ପ୍ରଶାସନ ନିକଟରେ ଉପସ୍ଥାପନ କରିବା ଓ ସମସ୍ୟାର ତ୍ୱରିତ ସମାଧାନ ଉଦ୍ଦେଶ୍ୟରେ ଏହି ଶୁଣାଣି ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ଆଇଏଏସ୍ (ପ୍ରୋବେସନ) ଯଶକରଣ ସିଂ ଯୋଗଦେଇ ମୋଟ ୧୦ ଜଣ ଅଭିଯୋଗକାରୀଙ୍କ ଅଭିଯୋଗ ଶୁଣିଥିଲେ । କାମ୍ବାନାମ୍ବୁ ଗ୍ରାମରେ ଅଙ୍ଗନୱାଡ଼ି କେନ୍ଦ୍ର ନଥିବାରୁ ଏକ ମିଲ୍ ଘରେ ଅଙ୍ଗନୱାଡ଼ି କେନ୍ଦ୍ର ଚାଲୁଥିବା ଏବଂ ଉକ୍ତ ଘରଟି ଭାଙ୍ଗିଯାଇଥିବା ନେଇ ଅଭିଯୋଗ ହୋଇଥିଲା । ଏହାର ମରାମତି ପାଇଁ ଦାବି କରାଯାଇଥିଲା । ସେହିପରି ଗୁଡାବାମ୍ବୁ ଗ୍ରାମରେ ଗାର୍ଡ ୱାଲ୍ ନିର୍ମାଣ ଏବଂ କାମ୍ବାନାମ୍ବୁ ଗ୍ରାମରେ କଲଭର୍ଟ ନିର୍ମାଣ ପାଇଁ ମଧ୍ୟ ଅଭିଯୋଗ ଦିଆଯାଇଥିଲା । ଏହା ବ୍ୟତୀତ ଅନ୍ୟ ୭ଟି ସମସ୍ୟା ନେଇ ଲୋକମାନେ ଅଭିଯୋଗ କରିଥିଲେ । କେତେକ ସମସ୍ୟାର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅନ୍ୟ ସମସ୍ୟା ଗୁଡ଼ିକର ଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ଅବସରରେ ସ୍ଥାନୀୟ ସରପଂଚ ଝରଣା ପ୍ରଧାନ, ଜିଡିପିଓ ଅନିଲ କୁମାର ପଟ୍ଟନାୟକ, ଏପିଓ ଶ୍ରୀନିବାସ, ଡବ୍ଲୁ ରୋଜାଲିନ ନାୟକଙ୍କ ସମେତ ପିଇଓ, ଏଡିଓ, ଗାଁ ସାଥୀ, ପଂଚାୟତ କର୍ମଚାରୀ, ଜନପ୍ରତିନିଧି ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ । ଲୋକମାନେ ନିଜ ସମସ୍ୟା ପ୍ରଶାସନ ନିକଟରେ ସିଧାସଳଖ ଭାବେ ଜଣାଇବାର ସୁଯୋଗ ପାଇଥିବାରୁ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ ।

ପୋଲସରା ବିଜ୍ଞାନ ମହାବିଦ୍ୟାଳୟରେ ତାଲୁକା ଆଇନ ସେବା କମିଟି ପକ୍ଷରୁ ଆଇନ ସଚେତନତା କାର୍ଯ୍ୟକ୍ରମ

ପୋଲସରା, ୨୯/୦୯ (ଆ.ପ୍ର) : ତାଲୁକା ଆଇନ ସେବା କମିଟି, ପୋଲସରା ପକ୍ଷରୁ "ସାମାଜିକ ଗଣମାଧ୍ୟମ ଓ ଏହାର ଆଇନ" ସମ୍ପର୍କିତ ଏକ ବିଶେଷ ଆଇନ ସଚେତନତା କାର୍ଯ୍ୟକ୍ରମ ଗଞ୍ଜାମ ଜିଲ୍ଲା ପୋଲସରା ବିଜ୍ଞାନ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ତାଲୁକା ଆଇନ ସେବା କମିଟିର ଅଧକ୍ଷ ତଥା ପୋଲସରା ଅଦାଲତର ବିଚାରପତି ଏ. ଅବିନାଶ ନାଇଡୁ କାର୍ଯ୍ୟକ୍ରମକୁ ଅଧକ୍ଷତା କରିଥିଲେ ।ଯୁବପିଢ଼ିଙ୍କୁ ସାମାଜିକ ଗଣମାଧ୍ୟମର ସୁରକ୍ଷିତ, ଦାୟିତ୍ୱପୂର୍ଣ୍ଣ ଓ ଆଇନସମ୍ମତ ବ୍ୟବହାର ସମ୍ପର୍କରେ ସଚେତନ କରିବା ଏହି କାର୍ଯ୍ୟକ୍ରମର ପ୍ରମୁଖ ଉଦ୍ଦେଶ୍ୟ ଥିଲା । ଏଥିରେ ଅତିଥିଭାବେ ପୋଲସରା ଓକିଲ ସଂଘର ସଭାପତି କବିରାଜ ଦାସ, ସରକାରୀ ଓକିଲ ଅବଧେଶ ପଟ୍ଟନାୟକ, ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ଡଃ ଭଗବାନ ତ୍ରିପାଠୀ ଏବଂ ପୋଲସରା ଥାନାର ଆଇଆଇସି କୌଶିକ ମାଝୀ ପ୍ରମୁଖ ମଂଚାସୀନ ଥିଲେ । ଏହି ଅବସରରେ ତାଲୁକା ଆଇନ ସେବା କମିଟିର ଅଧକ୍ଷ ତଥା ବିଚାରପତି ଏ. ଅବିନାଶ ନାଇଡୁ ଛାତ୍ରଛାତ୍ରୀମାନଙ୍କୁ ସାମାଜିକ ଗଣମାଧ୍ୟମ ବ୍ୟବହାର ସମୟରେ ସଚେତନ ଓ ସତର୍କ ଏବଂ ଯେ କୌଣସି ଅଜଣା ଲିଙ୍କ୍ କିମ୍ବା ସନ୍ଦେହଜନକ ସଂଯୋଗରେ କ୍ଲିକ୍ ନକରିବା, OTP ଓ ପାସୱାର୍ଡ କାହା ସହିତ ମଧ୍ୟ ଅଂଶୀଦାର ନକେବା, ଗୋପନୀୟତା ସୁରକ୍ଷା ବ୍ୟବସ୍ଥା ସକ୍ରିୟ ରଖିବା, କୌଣସି ତଥ୍ୟ ପ୍ରସାରଣ ପୂର୍ବରୁ ତାହାର ସତ୍ୟତା ଯାଂଚ କରିବା ଏବଂ ଅନଲାଇନ୍ ଠକେଇ କିମ୍ବା ସାଇବର ଅପରାଧର ଶିକାର ହେଲେ ତୁରନ୍ତ ଆଇନଗତ ସହାୟତା ନେବା ଏବଂ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ । ଥାନା ଆଇଆଇସି କୌଶିକ ମାଝୀ ସାଇବର ଅପରାଧର ବିଭିନ୍ନ ରୂପ ଓ ଏଥିରୁ ସୁରକ୍ଷିତ ରହିବାର ପ୍ରାଥମିକ ପଦକ୍ଷେପ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିଥିଲେ । ଅଜଣା ବ୍ୟକ୍ତିଙ୍କ ଫୋନ୍, ମେସେଜ୍, ଲିଙ୍କ୍ କିମ୍ବା ଅନଲାଇନ୍ ପ୍ରସ୍ତାବ ପ୍ରତି ସତର୍କ ରହିବା ସହିତ ବ୍ୟାଙ୍କିଂ ଓ ବ୍ୟକ୍ତିଗତ ତଥ୍ୟ କାହା ସହିତ ମଧ୍ୟ ଅସାବଧାନତାରେ ଅଂଶୀଦାର ନକରିବାକୁ ସେ ପରାମର୍ଶ ଦେବାସହ ସାଇବର ଠକେଇର ଶିକାର ହେଲେ ବିଳମ୍ବ ନକରି ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଜଣାଇବା ଓ ଆଇନଗତ ପ୍ରତିକାର ନେବାର ଆବଶ୍ୟକତା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ । ସରକାରୀ ଓକିଲ ଅବଧେଶ ପଟ୍ଟନାୟକ ସାମାଜିକ ଗଣମାଧ୍ୟମ ବ୍ୟବହାର ସହ ସମ୍ପୃକ୍ତ ଆଇନଗତ ବ୍ୟବସ୍ଥା ସମ୍ପର୍କରେ ବୁଝାଇଥିବା ବେଳେ, ଅନ୍ୟତମ ସରକାରୀ ଓକିଲ ବ୍ରଜବନ୍ଧୁ ଦଳବେହେରା ସାଇବର ଅପରାଧର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ ।ଆଇନଜୀବୀ ଜମିର ଅଲି ଖାନ ଆଇନର ବିସ୍ତୃତ ଦିଗ ଓ ଏହାର ପ୍ରାସଙ୍ଗିକତାକୁ ପ୍ରାଞ୍ଜଳ ଭାବେ ବୁଝାଇଥିଲେ ।ଆଇନଜୀବୀ ପ୍ରହଲ୍ଲାଦ ବିଶୋୟୀ ପ୍ରତିକାରାତ୍ମକ ପଦକ୍ଷେପ ସହ ପୂର୍ବସଚେତନତା ଓ ସତର୍କତାର ଗୁରୁତ୍ୱ ଉପରେ ଆଲୋକପାତ କରି କହିଥିଲେ ଯେ, ସଚେତନ ଓ ଦାୟିତ୍ୱପୂର୍ଣ୍ଣ ଭାବେ ସାମାଜିକ ଗଣମାଧ୍ୟମ ବ୍ୟବହାର କଲେ ଅନେକ ଅପ୍ରୀତିକର ଘଟଣାକୁ ପୂର୍ବରୁ ରୋକାଯାଇପାରିବ । ଓକିଲ ସଂଘ ସଭାପତି କବିରାଜ ଦାସ ନିଜ ବକ୍ତବ୍ୟରେ କହିଥିଲେ ଯେ, ଡିଜିଟାଲ୍ ଯୁଗରେ ସାମାଜିକ ଗଣମାଧ୍ୟମ ଜ୍ଞାନ, ଶିକ୍ଷା, ଯୋଗାଯୋଗ ଓ ସୂଚନା ପ୍ରସାରଣର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ । କିନ୍ତୁ ଏହାର ଅସାବଧାନ କିମ୍ବା ଅବୈଧ ବ୍ୟବହାର ବ୍ୟକ୍ତିଗତ ଗୋପନୀୟତା, ସମ୍ମାନ, ସୁରକ୍ଷା ଓ ଆଇନଗତ ଅଧିକାରକୁ ପ୍ରଭାବିତ କରିପାରେ । ତେଣୁ କୌଣସି ତଥ୍ୟ କିମ୍ବା ବାର୍ତ୍ତା ପ୍ରସାରଣ ପୂର୍ବରୁ ତାହାର ସତ୍ୟତା ଯାଂଚ କରିବା ଏବଂ ଆଇନଗତ ସୀମା ସମ୍ପର୍କରେ ଅବଗତ ରହିବା ଆବଶ୍ୟକ ଅଟେ । ଏଥିସହିତ ମହାବିଦ୍ୟାଳୟର ଅଧକ୍ଷ ଡଃ ଭଗବାନ ତ୍ରିପାଠୀଙ୍କ ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀମାନଙ୍କୁ ସାମାଜିକ ଗଣମାଧ୍ୟମର ସୁରକ୍ଷିତ ଓ ଦାୟିତ୍ୱପୂର୍ଣ୍ଣ ବ୍ୟବହାର ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିବା ବେଳେ ଓକିଲ ସଂଘର ଅନ୍ୟାନ୍ୟ ଆଇନଜୀବୀ ଅତିଥିମାନେ ସାମାଜିକ ଗଣମାଧ୍ୟମ ଏବଂ ସାଇବର ଆଇନର ବିଭିନ୍ନ ଦିଗ ଉପରେ ନିଜ ନିଜର ସୁଚିନ୍ତିତ ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ତାଲୁକା ଆଇନ ସେବା କମିଟି ସହ ସମ୍ପୃକ୍ତ ଅଦାଲତ କର୍ମଚାରୀ ସେତୁ ସାମଲ, ଉପପ୍ରଶାସକ ସନ୍ଦୀପ କୁମାର ପ୍ରଧାନ, ମୁଖ୍ୟ କିରାଣି ଦାୟିତ୍ୱରେ ସଲିଲ କୁମାର ସାହୁ, ପ୍ରଯୁକ୍ତିକ ସହାୟକ ଏବଂ ରୂପକ ଚନ୍ଦ୍ର ଆଚାର୍ଯ୍ୟ, କନିଷ୍ଠ କିରାଣି ଉପସ୍ଥିତ ଥିଲେ । ସେତୁ ସାମଲ କାର୍ଯ୍ୟକ୍ରମର ପରିଚାଳନା କରିଥିବାବେଳେ ପ୍ରାକ୍ତନ ସରକାରୀ ଓକିଲ ରତ୍ନାକର ମହାନ୍ତି, ସରକାରୀ ଓକିଲ ବ୍ରଜବନ୍ଧୁ ଦଳବେହେରା, ସଭାପତି କବିରାଜ ଦାସ, ପ୍ରାକ୍ତନ ସଭାପତି ସୁଶାନ୍ତ କୁମାର ସାହୁ, ସହକାରୀ ସମ୍ପାଦକ ବିଜୟ ସାମଲ, ରଜନୀକାନ୍ତ ପ୍ରଧାନ, ପ୍ରହଲ୍ଲାଦ ବିଶୋୟୀ, ଏ. ପ୍ରଶାନ୍ତ କୁମାର ଆଚାର୍ଯ୍ୟ, ଜମିର ଅଲି ଖାନ, ଗଙ୍ଗାଧର ଦାସ, ସୀତାକାନ୍ତ ମିଶ୍ର, ଅନିଲ କୁମାର ମହାକୁଡ, ନାରାୟଣ ସାହୁ ଏବଂ ବାସୁଦେବ ଡାକୁଆ ପ୍ରମୁଖ ଯୋଗଦେଇଥିଲେ । ଏହା ସହିତ ମହାବିଦ୍ୟାଳୟର ବହୁ ସଂଖ୍ୟକ ଛାତ୍ରଛାତ୍ରୀମାନଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟାପକ ରୁଦ୍ର ପ୍ରସାଦ ଗୌଡ଼, ଡଃ ମନୋଜ କୁମାର ସାହୁ, ଡଃ ବିରଂଚି ନାରାୟଣ ରଥ, ଉଷା ରଞ୍ଜନ ଦାଶ, କିଶୋର ଚନ୍ଦ୍ର ଜେନା, ପ୍ରକାଶ ଚନ୍ଦ୍ର ସାହୁ, ସେକ୍ ଫରିଦ, ସ୍ୱାତିମାନ ସାହୁ, ବିଭୂତି ଭୂଷଣ ସାହୁ, ଆକାଶ କୁମାର ଜେନା, ଦେବାଶିଷ ସ୍ୱାଇଁ ଓ ଗୋପୀନାଥ ପାଣିଗ୍ରାହୀ ଏବଂ ଅଧ୍ୟାପିକା ଡଃ ଜ୍ୟୋତ୍ସ୍ନାରାଣୀ ପଟ୍ଟନାୟକ, ପିଙ୍କି ପ୍ରଧାନ ଓ ସୁଜାନୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ବକ୍ତାମାନଙ୍କ ଠାରୁ ଛାତ୍ରଛାତ୍ରୀଙ୍କୁ ଏକ ସଚେତନ ଏବଂ ପ୍ରେରଣାଦାୟୀ ବାର୍ତ୍ତା ଦେଇଥିଲା ଯେ ଛାତ୍ରଛାତ୍ରୀମାନେ ସାମାଜିକ ଗଣମାଧ୍ୟମର ସୁବିଧା, ଦାୟିତ୍ୱ, ଆଇନଗତ ସୀମା ଏବଂ ସାଇବର ଅପରାଧରୁ ନିଜକୁ ସୁରକ୍ଷିତ ରଖିବାର ଉପାୟ ସମ୍ପର୍କରେ ଏବଂ ସ୍ପଷ୍ଟ ସାମାଜିକ ଗଣମାଧ୍ୟମ କେବଳ ଯୋଗାଯୋଗର ମାଧ୍ୟମ ନୁହେଁ, ଏହା ଏକ ଦାୟିତ୍ୱ ମଧ୍ୟ । ତେଣୁ "ପୋଷ୍ଟ କରିବା ପୂର୍ବରୁ ଭାବନ୍ତୁ, ଶେୟାର କରିବା ପୂର୍ବରୁ ଯାଂଚ କରନ୍ତୁ ଏବଂ ଅସୁବିଧାରେ ପଡ଼ିଲେ ଆଇନଗତ ସହାୟତା ନିଅନ୍ତୁ" ଏହି ବାର୍ତ୍ତା ସହ କାର୍ଯ୍ୟକ୍ରମଟି ଯୁବପିଢ଼ିଙ୍କ ମଧ୍ୟରେ ଆଇନ ସଚେତନତା ଓ ଡିଜିଟାଲ୍ ଦାୟିତ୍ୱବୋଧ ବୃଦ୍ଧିରେ ଏକ ସାର୍ଥକ ପ୍ରୟାସ ଭାବେ ପରିଣତ ହୋଇଥିବାର ଦେଖିବାକୁ ମିଳିଛି ।

ଦଶପଲ୍ଲା ବ୍ଲକରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ

ଦଶପଲ୍ଲା, ୨୯/୦୯ (ଆ.ପ୍ର) : ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ ମିଶନ ଶକ୍ତି ଗୃହ ପରିସରରେ ସୋମବାର ଦିନ ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ଯୋଗଦେଇ ଲୋକଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟାର ସିଧାସଳଖ ଶୁଣାଣି କରିଥିଲେ ।ଏହି ଶିବିରରେ ଉପ-ଜିଲ୍ଲାପାଳ କର୍ଣ୍ଣ ଦେବ ସମରଦାର, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ (ପିଡି) ଲଗ୍ନଜିତ ରାଉତ, ଅତିରିକ୍ତ ଜିଲ୍ଲାପାଳ (ଏଡିଏମ୍) ରୋଜିନା ଦାସ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ ପାତ୍ର, ଏସଡିପିଓ ସୃଷ୍ଟି ପ୍ରଧାନ, ସିଡିଏମଓ ଡ଼ଃ.ବି. ସୂର୍ଯ୍ୟ ରାଓ, ଜିଲ୍ଲା ଶିକ୍ଷାଧିକାରୀ ଚିତରଞ୍ଜନ ପାଣ୍ଡେ, ଅତିରିକ୍ତ ତହସିଲଦାର ଚନ୍ଦ୍ରଶେଖର ବାରିକ, ବ୍ଲକ ଅଧକ୍ଷା ସୁନନ୍ଦା ସାହୁ ଏବଂ ବିଡିଓ ଶରତ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ବୁଝିଥିଲେ । ଦଶପଲ୍ଲା ଥାନାର ଏସଆଇ ରମେଶ ଚନ୍ଦ୍ର ଦିଗାଲ , ଏନଏସି ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ଦଶପଲ୍ଲା ବନାଂଚଳ ଅଧିକାରୀ ଶ୍ରୀନିବାସ ଦାସ, ବ୍ଲକ ଶିକ୍ଷା ଅଧିକାରୀ ଉତ୍ତ ବିନୋଦ ସଲ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ଃ . ଅନ୍ତର୍ଯାମୀ ସାହୁଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଆଜିର ଏହି ଶିବିରରେ ମୋଟ ୧୧୧ ଗୋଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ୯୩ଟି ବ୍ୟକ୍ତିଗତ ସମସ୍ୟା ୧୬ଟି ଗ୍ରାମ୍ୟ ସାମୂହିକ ସମସ୍ୟା ୨ଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ସହାୟତା ପାଇଁ ଆବେଦନ ଦାଖଲ ହୋଇଥିବା ଅଭିଯୋଗ ମଧ୍ୟରୁ ୨୬ଟି ସମସ୍ୟାର ଘଟଣାସ୍ଥଳରେ ତୁରନ୍ତ ସମାଧାନ କରାଯାଇଥିବା ବେଳେ ବାକି ଆବେଦନଗୁଡ଼ିକୁ ଶୀଘ୍ର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ମହେନ୍ଦ୍ରଗିରିରେ ଅକ୍ଟୋବର ୧ରୁ ୪ ତାରିଖ ପର୍ଯ୍ୟନ୍ତ ୨୩ତମ ଜାତୀୟସ୍ତରୀୟ ମାଉଂଟେନ୍ ବାଇକ୍ ସାଇକ୍ଲିଂ ଚାମ୍ପିଅନ୍‌ସିପ୍ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୨୯/୦୯ (ଆ.ପ୍ର) : ଓଡ଼ିଶା ସାଇକ୍ଲିଂ ଆସୋସିଏସନ୍ ଏବଂ ସାଇକ୍ଲିଂ ଫେଡେରେସନ୍ ଅଫ୍ ଇଣ୍ଡିଆ (ସି:ଏଫ୍:ଆଇ)ର ମିଳିତ ଆୟୋଜନରେ ୨୩ତମ ଜାତୀୟ ମାଉଂଟେନ୍ ବାଇକ୍ ସାଇକ୍ଲିଂ ଚାମ୍ପିଅନ୍?ସିପ୍ ଗଜପତି ଜିଲ୍ଲାର ମହେନ୍ଦ୍ରଗିରି ଠାରେ ଆସନ୍ତା ଅକ୍ଟୋବର ୧ରୁ ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ନେଇ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଦ୍ୱାରା ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଦେଶର ପ୍ରାୟ ୩୦ଟି ରାଜ୍ୟରୁ ୮୦୦ରୁ ଅଧିକ ଖେଳାଳି, କୋଚ୍, ମ୍ୟାନେଜର, ଟିମ୍ ଅଫିସିଆଲ୍ ଓ ଟେକ୍ନିକାଲ୍ ଅଫିସିଆଲ୍ ଯୋଗଦେବେ। ପ୍ରତିଯୋଗିତାରେ ଯୋଗ ଦେଉଥିବା ଖେଳାଳି ଓ ଅଫିସିଆଲ୍ ମାନଙ୍କ ରହଣି, ଖାଦ୍ୟ ଏବଂ ଆବଶ୍ୟକୀୟ ଅନ୍ୟାନ୍ୟ ସୁବିଧା ଓଡ଼ିଶା ସାଇକ୍ଲିଂ ଆସୋସିଏସନ୍ ପକ୍ଷରୁ ସୁବ୍ୟବସ୍ଥିତ କରାଯାଇଛି। ଚାମ୍ପିଅନ୍‌ସିପ୍‌କୁ ସୁଚାରୁ ଓ ସଫଳ ଭାବେ ଆୟୋଜନ ପାଇଁ ଗଜପତି ଜିଲ୍ଲା ପ୍ରଶାସନ, କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ସରକାର ଏବଂ ସମ୍ପୃକ୍ତ ବିଭାଗଗୁଡ଼ିକ ପକ୍ଷରୁ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯାଉଛି। ମାଉଂଟେନ୍ ବାଇକ୍ ସାଇକ୍ଲିଂ ଏକ ଟେକ୍ନିକାଲ୍ ଓ ଚ୍ୟାଲେଞ୍ଜିଂ କ୍ରୀଡ଼ା। ମହେନ୍ଦ୍ରଗିରିର ପାହାଡ଼ିଆ ଭୂପୃଷ୍ଠ ଓ ପ୍ରାକୃତିକ ପରିବେଶ ଏହି ପ୍ରତିଯୋଗିତାକୁ ଆକର୍ଷଣୀୟ କରିବ। ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ କରୁଥିବା ଯୋଗ୍ୟ ଖେଳାଳି ମାନେ ଭାରତୀୟ ଦଳରେ ସ୍ଥାନ ପାଇ ଆନ୍ତର୍ଜାତୀୟ ସ୍ତରରେ ଦେଶକୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇପାରିବେ। ଏହି ଜାତୀୟ ସ୍ତରୀୟ ପ୍ରତିଯୋଗିତା ମାଧ୍ୟମରେ ଗଜପତି ଜିଲ୍ଲାର ମହେନ୍ଦ୍ରଗିରିର ପ୍ରାକୃତିକ ସୌନ୍ଦର୍ଯ୍ୟ, ପର୍ଯ୍ୟଟନ ଓ କ୍ରୀଡ଼ା ସମ୍ଭାବନା ଦେଶବ୍ୟାପୀ ଭାବେ ପ୍ରଚାରିତ ହେବା ସହ ଓଡ଼ିଶାର କ୍ରୀଡ଼ା ପରିବେଶକୁ ଆହୁରି ସମୃଦ୍ଧ କରିବ। ଏହି ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ସାଇକ୍ଲିଂ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ରାଉତ, ସାଇକ୍ଲିଂ ଫେଡେରେସନ୍ ଅଫ୍ ଇଣ୍ଡିଆର ଯୁଗ୍ମ ସମ୍ପାଦକ ଶୈଳେନ୍ଦ୍ର ପାଠକ ଏବଂ ସାଇକ୍ଲିଂ ଫେଡେରେସନ୍ ଅଫ୍ ଇଣ୍ଡିଆର ବୈଷୟିକ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ବିଷୋୟୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ତ୍ରିନାଥ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ସାମ୍ବାଦିକ ମାନଙ୍କୁ ପ୍ରସ୍ତାବିତ ଜାତୀୟ ଏମ୍‌ଟିବି ସାଇକ୍ଲିଂ ଚାମ୍ପିୟନଶିପ୍ ସମ୍ପର୍କରେ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ।

ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କଲେ ବିଜେପି ନେତା ପ୍ରଫୁଲ୍ଲ ସ୍ୱାଇଁ

ଟାଙ୍ଗୀ ଚୌଦ୍ୱାର, ୨୯/୦୯ (ଆ.ପ୍ର) : ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ, ସାଂସଦ ତଥା ମହାରାଷ୍ଟ୍ର ପ୍ରଦେଶ ପ୍ରଭାରୀ ବୈଜୟନ୍ତ ପଣ୍ଡା ମହୋଦୟଙ୍କୁ ନୂତନ ଭାବେ ମହାରାଷ୍ଟ୍ର ପ୍ରଦେଶ ପ୍ରଭାରୀ ଦାୟିତ୍ୱ ମିଳିଥିବାରୁ ଟାଙ୍ଗୀ ସାଲେପୁର ବିଜେପି ନେତା ପ୍ରଫୁଲ୍ଲ ସ୍ୱାଇଁ ଦିଲ୍ଲୀ ସ୍ଥିତ ଶ୍ରୀ ପଣ୍ଡାଙ୍କ ବାସଭବନରେ ପହଁଚି ସ୍ୱାଗତ ସମ୍ବର୍ଦ୍ଧନା କରିବା ସହ ଟାଙ୍ଗୀ ସାଲେପୁର ନିର୍ବାଚନ ମଣ୍ଡଳୀର ସାର୍ବଜନୀନ ଉନ୍ନତି, ଜନସ୍ୱାର୍ଥ ଓ ଅଂଚଳର ବିଭିନ୍ନ ବିକାଶ ମୂଳକ ପ୍ରସଙ୍ଗ ଉପରେ ଶ୍ରୀ ପଣ୍ଡାଙ୍କ ସହ ଆଲୋଚନା କରିଥିବାର ସୂଚନା ମିଳିଛି।

ବଳିତାକୁଦର, ଧୀବର ଏଣ୍ଡ ଝରା ସମାଜର ପ୍ରଥମ ଦ୍ୱିଦିବସୀୟ ଫୁଟବଲ ପ୍ରତିଯୋଗୀତାରେ ନୂଆଗାଁ ଚ୍ୟାମ୍ପିୟାନ

ବଣାଇଁ, ୨୯/୦୯ (ଆ.ପ୍ର) : ପ୍ରଥମ କରି ବଣାଇଁ ଉପଖଣ୍ଡ ବଳିତାକୁଦର ଧୀବର ସମାଜ ପକ୍ଷରୁ ଏକ ବହୁତ୍ୱପୂର୍ଣ୍ଣ ଦ୍ୱିଦିବସୀୟ ଫୁଟବଲ ପ୍ରତିଯୋଗୀତା ଆୟୋଜନ କରିବାରେ ସଫଳ ହେବା ସହିତ ସମାଜରେ ଥିବା ଖେଳ

ପ୍ରତିଭାମାନଙ୍କୁ ଏକତ୍ରିତ କରି ଏକ ଭାଇଚାରା ପରିଚୟ ସୃଷ୍ଟି କରିପାରିଛି। ଏହି ପ୍ରତିଯୋଗିତାରେ କେବଳ ଧୀରବ ବା ଝରା ସଂପ୍ରଦାୟର ଖେଳାଳି ମାନେ ଅଂଶଗ୍ରହଣ କରି ଖେଳ ପ୍ରଦର୍ଶନ କରିଥିଲେ। ଏଥିରେ ବିଭିନ୍ନ ଅଂଚଳରୁ ୨୦ଟି ଝରା ସଂପ୍ରଦାୟର ଦଳ ଯୋଗଦାନ କରିଥିଲେ। ପ୍ରଥମ ଦିବସ ଉଦଘାଟନୀ ମ୍ୟାଚ ସେମିଫାଇନାଲରେ ଏନଜେଓଯାଏସ, ନୂଆଗାଁ ଏବଂ ବାରକୋଟ ମଧ୍ୟରେ ହୋଇଥିବା ବେଳେ ନୂଆଗାଁ ଦଳ ବାରକୋଟ ଦଳକୁ ପରାସ୍ତ କରି ଉତୀର୍ଣ୍ଣ ହୋଇଥିଲା। ଦ୍ୱିତୀୟ ଦିନରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଲାୟନ ଟାଇଗର ବଳିତାକୁଦର ଏବଂ ଅକରଣୀଳା ମଧ୍ୟରେ ହୋଇଥିବା ବେଳେ ଅକରଣୀଳା ଦଳ ବଳିତାକୁଦରକୁ ୧.୦ ଗୋଲ୍ ବ୍ୟବଧାନରେ ପରାସ୍ତ କରି ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଅନ୍ତିମ ଫାଇନାଲ ମ୍ୟାଚ ନୂଆଗାଁ ଏବଂ ଅକରଣୀଳା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଖେଳ ଶେଷ ସୁଧା କେହି କାହାକୁ ଗୋଲ ଦେବାରେ ସଫଳ ହୋଇନଥିଲେ। ପେଣ୍ଡାଲଟିକ୍ ସଟ୍ ଆଉଟ୍ ରେ ନୂଆଗାଁ ଦଳ ୪.୩ ରେ ଅଗ୍ରଣୀ ରହି ଚ୍ୟାମ୍ପିୟାନ ହୋଇଥିଲେ। ନିମନ୍ତ୍ରିତ ଅତିଥିଙ୍କ ଦ୍ୱାରା ପ୍ରଥମ ବିଜୟୀ ଦଳକୁ ୧୬ ହଜାର ନଗଦ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଦ୍ୱିତୀୟ ଦଳକୁ ୧୩ ହଜାର ଟଙ୍କା ପ୍ରଦାନ କରାଯିବା ସହିତ ତୃତୀୟ ଏବଂ ଚତୁର୍ଥ ଦଳକୁ ସ୍ୱାନ୍ତନାମୂଳକ ଭାବେ ତିନି ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଖେଳକୁ ବଳିତାକୁଦର ଧୀବର ସମାଜ ସଂପୂର୍ଣ୍ଣ ସାହାଯ୍ୟ ସହଯୋଗ କରିଥିଲେ। କମିଟିର ସଭାପତି ରୋହିତ ଭଞ୍ଜ ଏବଂ ସଂପାଦକ ଦୀପୁ ଭଞ୍ଜ ପରିଚାଳନା କରିଥିଲେ। ଖେଳରେ ରେଫରୀ ଭାବରେ ବାସୁଦେବ ଛଦିଆ, ବିରେନ କାଲୋ, ଦିଲ୍ଲୀପ ବାର୍ଲ୍ଲି ପରିଚାଳନା କରିଥିଲେ। ଉଦଯାପନୀ ଉତ୍ସବରେ ଅତିଥି ଭାବେ ବାଜୀ କିସାନ, ପଦ୍ମନାଭ ବଡନାୟକ, ଅବସର ରେଞ୍ଜର, ଗୋଲୁକ ନାଏକ ଯୋଗଦେଇଥିବା ବେଳେ କମିଟିର ସଭ୍ୟ ଶମ୍ଭୁ ନାଥ ପ୍ରଧାନ, ଉଇତ୍ରୁ ପ୍ରଧାନ, ସୁଜିତ କୁମାର ପ୍ରଧାନ ପ୍ରଭୃତି ଖେଳ ପରିଚାଳନା କରିବାରେ ପ୍ରମୁଖ ଭୂମିକା ନିଭାଇଥିଲେ। ଏହି ପ୍ରତିଯୋଗିତା ସଫଳତା ସହିତ ଶାନ୍ତି ଶୃଙ୍ଖଳାରେ ସମାପ୍ତ କରିବାରେ ବଳିତିକୁଦର ଗାଁ ର ସମସ୍ତ ସଭ୍ୟ ତଥା ଗାଁ ସମସ୍ତ ଜନ ସାଧାରଣ ନିଜର ଭୂମିକା ପ୍ରତିପାଦିତ କରିଥିଲେ।

ଡିଜେ ନେଉଛି ଜୀବନ, ଜାଣି ଅଜଣା ପ୍ରଶାସନ

ଯାଜପୁର, ୨୯/୦୯ (ଆ.ପ୍ର) : ପାର୍ବଣ ଋତୁ ପ୍ରାରମ୍ଭରେ ରାଜ୍ୟର ବିଭିନ୍ନ ସ୍ଥାନରେ ଡ଼ିଜେକୁ ନେଇ ବହୁ ଅଘଟଣ ମାନ ଘଟୁଥିବାର ଦେଖାଯାଉଛି। କେଉଁଠି ଡିଜେର କର୍କଶ ଶବ୍ଦରେ ହୃଦରୋଗୀ ମୃତ୍ୟୁ ବରଣ କରୁଛି ତ, କେଉଁଠି ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ା ରେ ବ୍ୟାଘାତ ଘଟୁଛି, ଗାଁ ଗହଳିର ଅଣ ଓସାରିଆ ରାସ୍ତାରେ ଡିଜେ ଯିବାବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ବହୁ ମୂଲ୍ୟବାନ ଧନଜୀବନ ହାନି ଘଟୁଛି। ଡିଜେର ଭାଇବ୍ରେସନ ଦ୍ୱାରା ଘରର ପକ୍କା ଛାତ ଗଳିପଡି ଲୋକ ମୃତ୍ୟୁ ବରଣ କରୁଛି ତ, ଘରମାନଙ୍କରେ ଥିବା ଥାକରୁ ଆସବାବପତ୍ର ଖସିପଡି ଭାଙ୍ଗି ରୁଜି ନଷ୍ଟ ହେଉଛି। ଏବେ ଚାଲିଥିବା ଖୁଦୁରୁକୁଣୀ ଓ ଗଣେଶ ଭସାଣୀରେ ବିଭିନ୍ନ ସ୍ଥାନରେ ଡିଜେକୁ ନେଇ ଅଘଟଣ ମାନ ଘଟିଥିବା ଜଣାପଡିଛି। ସଦର ଥାନା ଅନ୍ତର୍ଗତ ଯାହାନପୁର ପଂଚାୟତ ବାଛିଆରୀ ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ଖୁଦୁରୁକୁଣୀ ଭସାଣୀରେ ବ୍ୟବହୃତ ଏକ ପିକଅପ ଭ୍ୟାନ ଓଲଟି ପଡିବାରୁ ସେହି ଗ୍ରାମର ନଣ୍ଡା ଦଳେଇଙ୍କ ପୁଅ ମୃଷା ଦଳେଇ ଗାଡି ତଳେ ଚାପି ହୋଇ ମୃତ୍ୟୁ ବରଣ କରିଥିବା ଜଣାପଡିଛି। ସେହିପରି ଛତିଶଦେବିଲ ପଂଚାୟତ ଅନ୍ତର୍ଗତ ମହମଦଜମା ପୁର ଗ୍ରାମରେ ସୋମବାର ସଂନ୍ଧ୍ୟାରେ ଖୁଦୁରୁକୁଣୀ ଭସାଣୀରେ ମଧ୍ୟ ଡିଜେକୁ ନେଇ ଆଉ ଏକ ଅଘଟଣ ଘଟିଛି। ଖବରରୁ ଜଣାପଡିଛି ଯେ ମହମଦଜମା ପୁର ସାହୁ ସାହି ଶୋଭାଯାତ୍ରାରେ ଡ଼ିଜେର ତାଳେ ତାଳେ ବହୁ ସଂଖ୍ୟା ରେ ଝିଅ ମାନେ ନାଚୁଥିବା ବେଳେ ଏକ ଗଛ ଡାଳରେ ଡିଜେ ବାଜିବାରୁ ଡିଜେ ବନ୍ଧା ହୋଇଥିବା ରଶିଟି ଛିଡି ଯାଇଥିଲା। ଫଳରେ ଗାଡ଼ିରେ ଥିବା ସାଉଣ୍ଡ ବକ୍ସ ଗୁଡିକ ତଳେ ନାଚୁଥିବା ଝିଅ ମାନଙ୍କ ଉପରେ ଖସିପଡିଥିଲା। ଏହି ଘଟଣାରେ ୭ ଜଣରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ଜଣାପଡିଛି। ଗ୍ରାମବାସୀ ମାନଙ୍କ ସହଯୋଗ ରେ ଆହତ ମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଥିମଧ୍ୟରୁ ୩ ଜଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବା ଜଣାପଡିଛି। ଆଗକୁ ଦୁର୍ଗାପୂଜା, ଲକ୍ଷ୍ମୀ ପୂଜା, କାଳୀପୂଜା ଓ ରାହାସ ଉତ୍ସବ ଆସୁଥିବାରୁ ଏଭଳି ବହୁ ଦୁର୍ଘଟଣା ମାନ ଘଟି ଜୀବନ ହାନି ହେବାର ଆଶଙ୍କା କରାଯାଉଛି। ଏଣୁ ଜିଲ୍ଲା ପୋଲିସ ଓ ପ୍ରଶାସନ ଏଥିପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସମଗ୍ର ସଦର ଅଂଚଳରେ ଉଚ୍ଚ ଶକ୍ତି ସଂପନ୍ନ ଡାକବାଜି ଯନ୍ତ୍ର ଗୁଡିକୁ ନିଷିଦ୍ଧ ଘୋଷଣା କରାଯିବାକୁ ବହୁ ବୁଦ୍ଧିଜୀବୀ ଓ ସାଧାରଣ ଜନତା ଦାବି କରିଛନ୍ତି।

ମନ୍ଦାର ମାଳିନୀ ବେଶରେ ଦର୍ଶନ ଦେଲେ ମା' ପାଟଖଣ୍ଡା

ବାଲିଗୁଡ଼ା, ୨୯/୦୯ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଅଂଚଳର ଅଧିଷ୍ଠାତ୍ରୀ ଦେବୀ ମା' ପାଟଖଣ୍ଡାଙ୍କ ଆଶ୍ୱିନ ମାସର ପ୍ରଥମ ମଙ୍ଗଳବାର ଯାତ୍ରା ଭକ୍ତି ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ପବିତ୍ର ଅବସରରେ ମା' ପାଟଖଣ୍ଡା ମନ୍ଦାର ମାଳିନୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ପ୍ରତ୍ୟୁଷରୁ ମନ୍ଦିରରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମା'ଙ୍କର ପୂଜାର୍ଚ୍ଚନା ଓ ନୀତିକାନ୍ତି ସମ୍ପନ୍ନ ହୋଇଥିଲା। ପରେ ମା'ଙ୍କ ମନୋମୁଗ୍ଧକର ମନ୍ଦାର ମାଳିନୀ ବେଶ ଦର୍ଶନ ପାଇଁ ମନ୍ଦିର ପରିସରରେ ଭକ୍ତଙ୍କ ସମାଗମ ବଢ଼ିଥିଲା। କନ୍ଧମାଳ ଜିଲ୍ଲାର ବିଭିନ୍ନ ଅଂଚଳ ସମେତ ରାଜ୍ୟର ଅନ୍ୟାନ୍ୟ ସ୍ଥାନରୁ ମଧ୍ୟ ବହୁ ଭକ୍ତ ବାଲିଗୁଡ଼ାରେ ପହଂଚି ମା'ଙ୍କ ଦର୍ଶନ କରିଥିଲେ। ମା' ଙ୍କ ଦର୍ଶନ ପାଇଁ ଲାଗିଥିବା ଲମ୍ବା ଧାଡ଼ି ମଧ୍ୟରେ ଭକ୍ତମାନେ ଶୃଙ୍ଖଳିତ ଭାବେ ଦର୍ଶନ କରି ଆଶୀର୍ବାଦ ଲାଭ କରିଥିଲେ। ମନ୍ଦିର ପରିସରରେ ଦିନତମାମ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଏହି ଅବସରରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଭକ୍ତମାନଙ୍କୁ ପ୍ରସାଦ ସହ ପଣା ବଂଟନ କରାଯାଇ ଥିଲା। କମିଟିର ସମସ୍ତ ସଦସ୍ୟ ଓ ପୂଜକମାନେ ଉପସ୍ଥିତ ରହି ଯାତ୍ରାର ସୁଚାରୁ ପରିଚାଳନାରେ ସହଯୋଗ କରିଥିଲେ।

ଆବାସସ୍ଥଳକୁ ସଂଯୋଗ କରିବା, ବନ୍ୟଜନ୍ତୁଙ୍କ ସମୃଦ୍ଧି ବାର୍ତାରେ ବନ୍ୟଜନ୍ତୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ନବରଙ୍ଗପୁର, ୨୯/୦୯ (ଆ.ପ୍ର) : ବନ୍ୟଜନ୍ତୁ ସୁରକ୍ଷା, ସେମାନଙ୍କ ପ୍ରାକୃତିକ ଆବାସସ୍ଥଳୀର ସଂରକ୍ଷଣ ଏବଂ ଜୈବ ବିବିଧତାର ସୁରକ୍ଷା ନେଇ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ନବରଙ୍ଗପୁର ବନଖଣ୍ଡ ପକ୍ଷରୁ 'ଆବାସସ୍ଥଳକୁ ସଂଯୋଗ କରିବା, ବନ୍ୟଜନ୍ତୁଙ୍କ ସମୃଦ୍ଧି' ବିଷୟବସ୍ତୁକୁ ଆଧାର କରି ସ୍ଥାନୀୟ ଖଣ୍ଡିୟ ବନ ଅଧିକାରୀଙ୍କ କାର୍ଯ୍ୟାଳୟ ସ୍ଥିତ ସମିଳନୀ କକ୍ଷ ଠାରେ ଏକ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବନ୍ୟଜନ୍ତୁ ସୁରକ୍ଷା ଓ ସେମାନଙ୍କ ଆବାସସ୍ଥଳୀ ସଂରକ୍ଷଣର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରାକୃତିକ ପରିବେଶର ସନ୍ତୁଳନ ବଜାୟ ରଖିବାରେ ବନ୍ୟଜନ୍ତୁଙ୍କ ଭୂମିକା, ଜଙ୍ଗଲ ସୁରକ୍ଷା ଏବଂ ଜୈବ ବିବିଧତା ସଂରକ୍ଷଣର ଆବଶ୍ୟକତା ଉପରେ ଉପସ୍ଥିତ ଅତିଥିମାନେ ଆଲୋକପାତ କରିଥିଲେ। ବନ୍ୟଜନ୍ତୁଙ୍କ ଆବାସସ୍ଥଳୀ ଦିନକୁ ଦିନ ବିଭିନ୍ନ କାରଣରୁ ପ୍ରଭାବିତ ହେଉଥିବା ପରିପ୍ରେକ୍ଷୀରେ ଜଙ୍ଗଲ ଓ ପ୍ରାକୃତିକ ଆବାସସ୍ଥଳୀର ସୁରକ୍ଷା ପାଇଁ ସମନ୍ୱିତ ପଦକ୍ଷେପ ନେବାର ଆବଶ୍ୟକତା ନେଇ ସଚେତନ କରାଯାଇଥିଲା। ବନ୍ୟଜନ୍ତୁଙ୍କ ସୁରକ୍ଷା କେବଳ ବନ ବିଭାଗର ଦାୟିତ୍ୱ ନୁହେଁ, ବରଂ ସ୍ଥାନୀୟ ସମୁଦାୟ, ବନ ସୁରକ୍ଷା ସମିତି ଓ ସାଧାରଣ ଜନତାଙ୍କ ସକ୍ରିୟ ସହଯୋଗ ମାଧ୍ୟମରେ ଏହି ଦାୟିତ୍ୱକୁ ସଫଳତାର ସହିତ ସମ୍ପାଦନ କରାଯାଇପାରିବ ବୋଲି ମତପ୍ରକାଶ କରାଯାଇଥିଲା। କାର୍ଯ୍ୟକ୍ରମରେ ମାନବ ଓ ବନ୍ୟଜନ୍ତୁଙ୍କ ମଧ୍ୟରେ ସୁସ୍ଥ ସହାବସ୍ଥାନ ସୃଷ୍ଟି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ବନ୍ୟଜନ୍ତୁଙ୍କ ଆବାସସ୍ଥଳୀ ସୁରକ୍ଷିତ ରଖିବା, ଜଙ୍ଗଲ ନଷ୍ଟ ରୋକିବା ଏବଂ ବନ୍ୟଜନ୍ତୁଙ୍କ ସୁରକ୍ଷା ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ ନିୟମିତ ସଚେତନ କରାଇବା ଦିଗରେ ବିଭାଗୀୟ ପଦକ୍ଷେପ ସମ୍ପର୍କରେ ଅବଗତ କରାଯାଇଥିଲା। ଏଥିସହ ବନ ସୁରକ୍ଷା ସମିତି ଓ ସ୍ଥାନୀୟ ସମୁଦାୟର ସହଯୋଗରେ ବନ ସୁରକ୍ଷା କାର୍ଯ୍ୟକୁ ଅଧିକ ଫଳପ୍ରଦ କରିବା, ବନ୍ୟଜନ୍ତୁଙ୍କ ଆବାସସ୍ଥଳୀର ସୁରକ୍ଷା କରିବା ଏବଂ ପରିବେଶ ସନ୍ତୁଳନ ରକ୍ଷା କରିବା ନେଇ ଆଲୋଚନା ହୋଇଥିଲା। ବନ୍ୟଜନ୍ତୁ ସୁରକ୍ଷା ଓ ପ୍ରାକୃତିକ ସମ୍ପଦର ସଂରକ୍ଷଣରେ ସାଧାରଣ ଜନତାଙ୍କ ସହଭାଗିତା ଅତ୍ୟନ୍ତ ଆବଶ୍ୟକ। ଏଥିପାଇଁ ଗ୍ରାମସ୍ତରରେ ସଚେତନତା ବୃଦ୍ଧି କରିବା, ବନ୍ୟଜନ୍ତୁଙ୍କ ପ୍ରତି ସମ୍ବେଦନଶୀଳ ଆଭିମୁଖ୍ୟ ଗଢ଼ି ତୋଳିବା ଏବଂ ଜଙ୍ଗଲ ସୁରକ୍ଷାରେ ସମସ୍ତଙ୍କୁ ସାମିଲ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ଚିନ୍ତାମଣି ବେହେରା, ନବରଙ୍ଗପୁରର ଏସିଏଫ୍ ସୁବାଷ ଚନ୍ଦ୍ର ଖୁଂଟିଆ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ, ଗ୍ରାମ ବିକାଶ ସଂଗଠନର ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ସାବତ, ଫରେଷ୍ଟ ରେଞ୍ଜର ଗୋପୀନାଥ ସାହୁ, ଦେବସ୍ମିତା ସାହୁ, ପୂର୍ଣ୍ଣଚନ୍ଦ୍ର ନନ୍ଦଙ୍କ ସମେତ ବନ ବିଭାଗର କର୍ମଚାରୀ, ବନ ସୁରକ୍ଷା ସମିତିର ସଦସ୍ୟ ଓ ସ୍ଥାନୀୟ ଅଂଶୀଦାରମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ବନ୍ୟଜନ୍ତୁ, ଜଙ୍ଗଲ ଓ ପରିବେଶର ସୁରକ୍ଷା ପାଇଁ ସାମୂହିକ ପ୍ରୟାସ ଜାରି ରଖିବା ସହିତ ଆଗାମୀ ପିଢ଼ି ପାଇଁ ସୁସ୍ଥ ଓ ସନ୍ତୁଳିତ ପ୍ରାକୃତିକ ପରିବେଶ ସୁନିଶ୍ଚିତ କରିବାକୁ ସମସ୍ତଙ୍କୁ ଆହ୍ୱାନ କରାଯାଇଥିଲା।

ସେବା ସଂକଳ୍ପ ଅଭିଯାନ ଉପଲକ୍ଷେ ଜିଲ୍ଲାସ୍ତରୀୟ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା

କୋରାପୁଟ, ୨୯/୦୯ (ଆ.ପ୍ର) : ସେବା ସଂକଳ୍ପ ଅଭିଯାନ ୨୦୨୬ ଉପଲକ୍ଷେ ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲାସ୍ତରୀୟ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୪ ଟି ବ୍ଲକରେ ପ୍ରଥମ ହୋଇଥିବା କୃତୀ ପ୍ରତିଯୋଗୀ ମାନେ ଅଂଶଗ୍ରହଣ କରିଥିଲେ। ଉଦଯାପନୀ ଉତ୍ସବରେ କୋରାପୁଟ ଜିଲ୍ଲା ବିଜେପି ସଭାପତି ତଥା କୋରାପୁଟ ବିଧାୟକଙ୍କ ପ୍ରତିନିଧି ଭାବେ ଶିବ ମୁଦୁଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ମାନପତ୍ର ଓ ଉପଢୌକନ ଦେଇ ପୁରସ୍କୃତ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରୀତିସୁଧା ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଜିଲ୍ଲାସ୍ତରରେ ପ୍ରଥମ ହୋଇଥିବା ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି। ପ୍ରତିଯୋଗିତାର ବିଚାରକ ଭାବେ ରମେଶ ଚନ୍ଦ୍ର ସାହୁ, ଧରଣୀଧର ରଣା, ରତିକାନ୍ତ ଦାସ, ଗଣେଷ ବେହେରା, କ୍ଷେତ୍ର ମୋହନ ସେଠୀ, ସୁଷମା ବେହେରା, ଦଳେଇ ଜାନୀ, ପ୍ରତିମା ହନ୍ତାଳ, ଶୁଭେନ୍ଦୁ ଖୋସଲା, ଗୀତା ଦଳେଇ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀ ଚୟନ କରିଥିଲେ। କାର୍ଯ୍ୟକ୍ରମରେ ସମଗ୍ର ଶିକ୍ଷା ଅଭିଯାନର ଜିଲ୍ଲା ଆଦିବାସୀ ଶିକ୍ଷା ସଂଯୋଜକ ଶୁଭେନ୍ଦୁ ବାରିକ, ପଂଚସଖା ଶିକ୍ଷା ସେତୁ ସଂଯୋଜକ ଉମେଶ କୁମାର ପତି, ସାଗରିକା ମିଶ୍ର, ଦେବ କିରଣ ପଟ୍ଟନାୟକ, ଶ୍ରୀନୁ ରାଓ ପ୍ରମୁଖ ଯୋଗଦେଇ ପରିଚାଳନା କରିଥିଲେ। ରମେଶ ଚନ୍ଦ୍ର ସାହୁ ମଂଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରବାସୀ ଶ୍ରମିକ ପ୍ରଥା ହ୍ରାସ ପାଇଁ ବିଭାଗୀୟ ପଦକ୍ଷେପ ବଢ଼ାଇବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ନୂଆପଡ଼ା, ୨୯/୦୯ (ଆ.ପ୍ର) : ପ୍ରବାସୀ ଶ୍ରମିକମାନଙ୍କ ସୁରକ୍ଷା, କଲ୍ୟାଣ ଓ ଜୀବିକାର ସୁଦୃଢ଼ୀକରଣ ସହ ଜିଲ୍ଲାରେ ପ୍ରବାସ ପ୍ରଥା ହ୍ରାସ ଲକ୍ଷ୍ୟରେ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟିର ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସଭାଚନା ସଭାଗୃହରେ ଅନୁଷ୍ଠିତ ହୋଇଛି। ବୈଠକ ପ୍ରାରମ୍ଭରେ ଜିଲ୍ଲା ଶ୍ରମ ଅଧିକାରୀ ଦିବ୍ୟାଶଙ୍କର ଧରୁଆ ସମସ୍ତଙ୍କୁ ସ୍ୱାଗତ କରିବା ସହ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ପରେ ବିଭିନ୍ନ ବିଭାଗ ପକ୍ଷରୁ ପ୍ରବାସୀ ଶ୍ରମିକ ଓ ସେମାନଙ୍କ ପରିବାରଙ୍କ ପାଇଁ ଗ୍ରହଣ କରାଯାଇଥିବା ଯୋଜନା ଓ ହସ୍ତକ୍ଷେପର ଅଗ୍ରଗତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରାଯାଇଥିଲା। ଜିଲ୍ଲାପାଳ ବିଭିନ୍ନ ବିଭାଗ ପକ୍ଷରୁ ପ୍ରବାସ ରୋକିବା ଓ ପ୍ରବାସୀ ପରିବାରଙ୍କୁ ସହାୟତା ପ୍ରଦାନ ଦିଗରେ କରାଯାଇଥିବା ବିଭାଗଦ୍ୱାରା ପଦକ୍ଷେପର ସମୀକ୍ଷା କରିଥିଲେ। ଓଡ଼ିଶା ଜୀବିକା ମିଶନ୍ ଓ ମିଶନ ଶକ୍ତି ପକ୍ଷରୁ ଅଗଷ୍ଟ ମାସରେ ୩,୫୬୨ଟି ପ୍ରବାସୀ ପରିବାର ପରିଦର୍ଶନ କରାଯାଇଥିବା ବେଳେ ୩୦୪ଟି ପରିବାରକୁ ୮୦ ଲକ୍ଷରୁ ଅଧିକ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଥିଲା। ସେହିପରି, ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ବିଭାଗ ପକ୍ଷରୁ ୧୭୮ଟି ପ୍ରବାସୀ ପରିବାର ପରିଦର୍ଶନ କରାଯାଇ ୭ଟି ପରିବାରକୁ ୧.୫ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇଥିବାବେଳେ ମତ୍ସ୍ୟ ବିଭାଗ ପକ୍ଷରୁ ପ୍ରବାସୀ ପରିବାରଙ୍କୁ ୬୦ ହଜାର ଟଙ୍କା ଏବଂ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ୪ଟି ପ୍ରବାସୀ ପରିବାରକୁ ୪୪,୯୦୦ ଟଙ୍କାର ସହାୟତା ପ୍ରଦାନ କରାଯାଇଥିବା ଜଣାଯାଇଥିଲା। ଜିଲ୍ଲା ଦକ୍ଷତା ବିକାଶ କାର୍ଯ୍ୟାଳୟ ପକ୍ଷରୁ ମାଗଣା ପ୍ରଶିକ୍ଷଣ ଓ କୋଚିଂ ଗ୍ରହଣ କରୁଥିବା ଜଣେ ପ୍ରାର୍ଥୀ ଓପିଏସ୍‌ସି ସିଭିଲ ସର୍ଭିସ୍ ମୁଖ୍ୟ ପରୀକ୍ଷା ପାଇଁ ଯୋଗ୍ୟତା ହାସଲ କରିଥିବା ସୂଚନା ଦିଆଯାଇଥିଲା। ଏହା ବ୍ୟତୀତ ବିଭିନ୍ନ ବିଭାଗ, ବିଡିଓ ଓ ତହସିଲଦାରମାନେ ପ୍ରବାସ ହ୍ରାସ ଓ ପ୍ରବାସୀ ପରିବାରଙ୍କ ଜୀବିକା ସୁଦୃଢ଼ୀକରଣ ଦିଗରେ ନିଜ ନିଜ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲାପାଳ ସମସ୍ତ ବିଭାଗକୁ ପ୍ରବାସୀ ପରିବାରଙ୍କ ସହ ଅଧିକ ସମନ୍ୱୟ ରକ୍ଷା କରି ନିୟମିତ ପରିଦର୍ଶନ ଓ ଆବଶ୍ୟକ ହସ୍ତକ୍ଷେପ ବଢ଼ାଇବାକୁ ନିର୍ଦ୍ଦେଶ ଦେଇଥିଲେ। ସ୍ଥାନୀୟ ସ୍ତରରେ ଜୀବିକା ସୁଯୋଗ ସୃଷ୍ଟି, ସରକାରୀ ଯୋଜନାର ଲାଭ ପହଂଚାଇବା ଓ ପ୍ରବାସୀ ପରିବାରଙ୍କୁ ଆବଶ୍ୟକ ସହାୟତା ଯୋଗାଇବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମୀ ସୋରେନ, ସହକାରୀ ଶ୍ରମ ଅଧିକାରୀ ମୁରଲୀଧର ପାଳଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର ଓ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

ମୁଖ୍ୟମନ୍ତ୍ରୀ ବସ ଧକ୍କାରେ ୧୫ରୁ ଊର୍ଦ୍ଧ୍ୱ ଛାତ୍ରୀ, ଯାତ୍ରୀ ଓ ଚାଳକ ଆହତ



ଖଣ୍ଡପଡ଼ା, ୨୯/୦୯ (ଆ.ପ୍ର) : ଖଣ୍ଡପଡ଼ା ସହରରୁ ସିଙ୍ଘାପଡ଼ା ଅଂଚଳକୁ ସୋମବାର ଅପରାହ୍ନରେ ଯାତ୍ରା କରୁଥିବା ଏକ ମୁଖ୍ୟମନ୍ତ୍ରୀ ବସ ରାସ୍ତାରେ ଦୁର୍ଘଟଣାଗ୍ରସ୍ତ ହେବାରୁ ଉକ୍ତ ବସରେ ଯାତ୍ରା କରୁଥିବା ଯାତ୍ରୀ, ଚାଳକ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଆହତ ହୋଇଥିବା ସୂଚନା ମିଳିଛି। ତେବେ ଦ୍ରୁତ ଗତିରେ ଗାଡି ଚାଳନା ଯୋଗୁଁ ଏଭଳି ଘଟଣା ଘଟିଥିବା ବସରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ଠାରୁ ଜଣାପଡିଛି। ମୁଖ୍ୟମନ୍ତ୍ରୀ ବସଟି ଖଳିସାହିରୁ ସିଙ୍ଘାପଡାକୁ ସଂଯୋଗ କରୁଥିବା ରାସ୍ତାର ଖୁଂଟୁବନ୍ଧ ପ୍ରାଥମିକ ବିଦ୍ୟାଳୟ ନିକଟରେ ଆଗରେ ଯାତ୍ରା କରୁଥିବା ଘରୋଇ ପରିବହନର ଏକ ମିନି ବସକୁ ପଛରୁ ଧକ୍କା ଦେଇଥିଲା। ଫଳରେ ବସରେ ଯାତ୍ରା କରୁଥିବା ଛାତ୍ରଛାତ୍ରୀ ଓ ଯାତ୍ରୀମାନେ ଆହତ ହୋଇଥିଲେ। ସ୍ଥାନୀୟ ବାସିନ୍ଦା ଖବର ପାଇ ଘଟଣାସ୍ଥଳରେ ପହଂଚି ଆହତ ମାନଙ୍କୁ ବସ ମଧ୍ୟରୁ ଉଦ୍ଧାର କରି ଆଶୁ ଚିକିତ୍ସା ନିମନ୍ତେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ଜଣାଯାଇଛି। ଆହତ ସମସ୍ତ ଯାତ୍ରୀ ସିଙ୍ଘାପଡ଼ା ପଂଚାୟତ ଅଧୀନ ଖୁଂଟୁବନ୍ଧ, ସାରଣ୍ଡା, ବୁଢୀଝରି ଓ ଟିକିରିବାରି ଅଂଚଳର ବୋଲି ସୂଚନା ମିଳିଛି। ଖବରପାଇ ସିଙ୍ଘାପଡା ସରପଂଚ ସୁନୀଲ କୁମାର ପ୍ରଧାନ ଆହତମାନଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭେଟି ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ପଚାରି ବୁଝିବା ସହ କାର୍ଯ୍ୟରତ ଡାକ୍ତରଙ୍କ ସହ ପରାମର୍ଶ କରିଥିବା ଜଣାଯାଇଛି। ମୁଖ୍ୟମନ୍ତ୍ରୀ ବସ ଚାଳକଙ୍କ ବେପରୁଆ ଗାଡି ଚାଳନା ଯୋଗୁଁ ଏଭଳି ଘଟଣା ଘଟିଥିବା ବେଳେ ଖଣ୍ଡପଡ଼ା ଥାନାରେ ଉଭୟ ବସ କର୍ମଚାରୀ ପରସ୍ପରକୁ ଦୋଷାରୋପ କରି ପୃଥକ ପୃଥକ ଭାବେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି।

୧୪ ବ୍ଲକର କୃତୀ ପ୍ରତିଯୋଗୀଙ୍କୁ ନେଇ ଜିଲ୍ଲାସ୍ତରୀୟ ପ୍ରତିଭା ପରୀକ୍ଷା

କୋରାପୁଟ, ୨୯/୦୯ (ଆ.ପ୍ର) : ସେବା ସଂକଳ୍ପ ଅଭିଯାନ ୨୦୨୬ ଉପଲକ୍ଷେ ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲାସ୍ତରୀୟ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୪ ଟି ବ୍ଲକରେ ପ୍ରଥମ ହୋଇଥିବା କୃତୀ ପ୍ରତିଯୋଗୀ ମାନେ ଅଂଶଗ୍ରହଣ କରିଥିଲେ। ଉଦଯାପନୀ ଉତ୍ସବରେ କୋରାପୁଟ ଜିଲ୍ଲା ବିଜେପି ସଭାପତି ତଥା କୋରାପୁଟ ବିଧାୟକଙ୍କ ପ୍ରତିନିଧି ଭାବେ ଶିବ ମୁଦୁଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ମାନପତ୍ର ଓ ଉପଢୌକନ ଦେଇ ପୁରସ୍କୃତ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରୀତିସୁଧା ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଜିଲ୍ଲାସ୍ତରରେ ପ୍ରଥମ ହୋଇଥିବା ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି। ପ୍ରତିଯୋଗିତାର ବିଚାରକ ଭାବେ ରମେଶ ଚନ୍ଦ୍ର ସାହୁ, ଧରଣୀଧର ରଣା, ରତିକାନ୍ତ ଦାସ, ଗଣେଷ ବେହେରା, କ୍ଷେତ୍ର ମୋହନ ସେଠୀ, ସୁଷମା ବେହେରା, ଦଳେଇ ଜାନୀ, ପ୍ରତିମା ହନ୍ତାଳ, ଶୁଭେନ୍ଦୁ ଖୋସଲା, ଗୀତା ଦଳେଇ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀ ଚୟନ କରିଥିଲେ। କାର୍ଯ୍ୟକ୍ରମରେ ସମଗ୍ର ଶିକ୍ଷା ଅଭିଯାନର ଜିଲ୍ଲା ଆଦିବାସୀ ଶିକ୍ଷା ସଂଯୋଜକ ଶୁଭେନ୍ଦୁ ବାରିକ, ପଂଚସଖା ଶିକ୍ଷା ସେତୁ ସଂଯୋଜକ ଉମେଶ କୁମାର ପତି, ସାଗରିକା ମିଶ୍ର, ଦେବ କିରଣ ପଟ୍ଟନାୟକ, ଶ୍ରୀନୁ ରାଓ ପ୍ରମୁଖ ଯୋଗଦେଇ ପରିଚାଳନା କରିଥିଲେ। ରମେଶ ଚନ୍ଦ୍ର ସାହୁ ମଂଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

ସ୍ୱେଚ୍ଛାସେବୀ ସଂଗଠନ ସଞ୍ଜିବନୀ ଦ୍ୱାରା ବନ୍ୟାରେ ପ୍ରଭାବିତ ୪୦୦ ଶିଶୁଙ୍କୁ ବସ୍ତ୍ର ଓ ଚପଲ ବଂଟନ

ନବରଙ୍ଗପୁର, ୨୯/୦୯ (ଆ.ପ୍ର) : ବନ୍ୟା ପାଣି ଚାଲିଗଲା, ହେଲେ ଛାଡ଼ିଗଲା ଅସରନ୍ତି ଦୁଃଖ । ବନ୍ୟାରେ ପ୍ରଭାବିତ ଶିଶୁଙ୍କ ମୁହଁରେ ହସ ଫୁଟାଇବା ପାଇଁ ଆଗେଇ ଆସିଛି ସ୍ୱେଚ୍ଛାସେବୀ ସଂଗଠନ ସଞ୍ଜିବନୀ । ନନ୍ଦାହାଣ୍ଡି ବ୍ଲକର ସାନ ତାଇଭଟା ଓ ବଡ଼ ତାଇଭଟା ଅଂଚଳର ବନ୍ୟା ପ୍ରଭାବିତ ୨ରୁ ୧୫ ବର୍ଷ ବୟସର ଶିଶୁଙ୍କ ପାଇଁ ନୂତନ ବସ୍ତ୍ର ଓ ଚପଲ ବଂଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମରେ ୪୦୦ରୁ ଊର୍ଦ୍ଧ୍ୱ ଶିଶୁଙ୍କୁ ନୂତନ ବସ୍ତ୍ର ଓ ଚପଲ ବଂଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ନନ୍ଦାହାଣ୍ଡି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ ଯୋଗଦେଇ ସ୍ୱେଚ୍ଛାସେବୀଙ୍କ ଏଭଳି ପ୍ରୟାସକୁ ଉତ୍ସାହିତ କରିଥିଲେ ଏବଂ ଆବଶ୍ୟକ ସହଯୋଗ ପ୍ରଦାନ କରିଥିଲେ । ବନ୍ୟା ପରେ ପ୍ରଭାବିତ ଅଂଚଳର ଆବଶ୍ୟକ ଭିତିଭୂମିକୁ ପୁଣି ସଜାଡ଼ିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଥିବା ବେଳେ, ପୀଡ଼ିତଙ୍କ ସହାୟତା ପାଇଁ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକୁ ମଧ୍ୟ ଆଗେଇ ଆସିବାକୁ ଉତ୍ସାହିତ କରାଯାଉଛି । ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଉପଜିଲ୍ଲାପାଳ ପ୍ରକାଶ ମିଶ୍ର, ନନ୍ଦାହାଣ୍ଡି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ, ତହସିଲଦାର ଚନ୍ଦ୍ରଦାସ ମହାନନ୍ଦିଆ, ଅତିରିକ୍ତ ତହସିଲଦାର ବିଶ୍ୱଜିତ କରକରା, ସ୍ଥାନୀୟ ସରପଂଚ ପ୍ରତିନିଧି ଜିତେନ୍ଦ୍ର ଭତରାଙ୍କ ସମେତ ସଞ୍ଜିବନୀ ସଂଗଠନର ସଦସ୍ୟମାନେ ଉପସ୍ଥିତ ଥିଲେ । ବନ୍ୟାର ଦୁଃଖ ମଧ୍ୟରେ ଶିଶୁଙ୍କ ମୁହଁରେ ହସ ଫୁଟାଇବାର ଏହି ପ୍ରୟାସ ସ୍ଥାନୀୟ ଅଂଚଳରେ ପ୍ରଶଂସା ସାଉଁଟିଛି ।

ବାଲୁଗାଁ ଅବକାରୀ ବିଭାଗ ଦ୍ୱାରା ୧୨ କେଜି ଗଂଜେଇ ଜବତ : ଜଣେ ଗିରଫ

ଚିଲିକା/ବାଣପୁର, ୨୯/୦୯(ଆ.ପ୍ର): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଅବକାରୀ ଇନିସ୍ପେକ୍ଟର ଅଜିତ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଏବଂ ବାଲୁଗାଁ ଅବକାରୀ ଅଧିକାରୀ ସୌମ୍ୟ ରଞ୍ଜନ ବେହେରା ଓ ତାଙ୍କ କର୍ମଚାରିଙ୍କ ସହ ରେଳ ଷ୍ଟେସନର ଜଗର ଟିମ୍‌ର ସହଯୋଗରେ କୌଣସି ସୂତ୍ରରୁ ଖବରପାଇ ବାଲୁଗାଁ ରେଳ ଷ୍ଟେସନର ପଛ ଗେଟ୍ ନିକଟସ୍ଥ ଉମା ମହେଶ୍ୱର ରୋଡ଼୍‌ରେ ଚଢ଼ାଉ କରାଯାଇଥିଲା । ଏହି ଚଢ଼ାଉ ସମୟରେ ବିହାର ରାଜ୍ୟର ଅଭିଯୁକ୍ତ ଅଂଶୁ କୁମାର ବୟସ ୨୪ ବର୍ଷ ପିତା-ବାଙ୍କେ ରାମ, ଗ୍ରାମ-କର୍ମା, ପୋଷ୍ଟ ଅଫିସ-ପୁତୁର, ଥାନା-ନରହଟ, ଜିଲ୍ଲା-ନୱାଦା, ରାଜ୍ୟ-ବିହାରଙ୍କ ଠାରୁ ୧୨ କେଜି ଗଞ୍ଜେଇ ଜବତ କରାଯାଇଥିଲା । ଏ ସମ୍ପର୍କରେ ବାଲୁଗାଁ ଅବକାରୀ ଥାନାରେ ପିଆର ନଂ - ୧୭୮/୨୦୨୬-୨୭ ତା. ୨୯.୦୯.୨୦୨୬ରେ ଏକ ମାମଲା ରୁଜୁ କରାଯାଇଛି । ଅଭିଯୁକ୍ତଙ୍କୁ ଗିରଫ କରି ମାନ୍ୟବର ଅଦାଲତରେ ହାଜର କରାଯାଇଛି । ଆଗକୁ ଏହି ଚଢ଼ାଉ ଜାରି ରହିବା ସହ ଚୋରାବେପାରିଙ୍କ ଉପରେ ତୀକ୍ଷ୍ଣ ନଜର ରଖିବା ନିମନ୍ତେ ଅବକାରୀ ବିଭାଗ ତରଫରୁ ଉଦ୍ୟମ କରାଯାଉଛି ବୋଲି ବାଲୁଗାଁ ଅବକାରୀ ଅଧିକାରୀ ଶ୍ରୀବେହେରାଙ୍କ ଠାରୁ ପ୍ରକାଶ ।

ନାଲ୍ସା ଏସିଡ୍ ମାଡ ପୀଡ଼ିତଙ୍କୁ ଆଇନ ସହାୟତା ଯୋଜନା, ୨୦୧୭ ବିଷୟରେ ସଚେତନତା କାର୍ଯ୍ୟକ୍ରମ ଓ କ୍ଷୁଦ୍ର ନାଟକ

କୋମନା, ୨୯/୦୯ (ଆ.ପ୍ର) : ରିଖ କୋମନା ସ୍ଥିତ ପଂଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ନାଲ୍ସା (ଏସିଡ୍ ମାଡ ପୀଡ଼ିତଙ୍କୁ ଆଇନ ସହାୟତା) ଯୋଜନା, ୨୦୧୬, ବିଭିନ୍ନ ଦଣ୍ଡ ବିଧାନ ଓ ପୀଡ଼ିତ କ୍ଷତିପୂରଣ ଯୋଜନା, ୨୦୧୭ ବିଷୟରେ ସଚେତନତା କାର୍ଯ୍ୟକ୍ରମ ଓ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟର ଜିଲ୍ଲା ସଂଯୋଜକ ରଞ୍ଜନ କୁମାର ସାହୁ, ବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ. ଦୀପକ କୁମାର ଦାଶ, ଦରବାର ସାହିତ୍ୟ ସଂସଦର ଜିଲ୍ଲା ସଂଯୋଜିକା ବୈଦେହୀ ସେଠିଆ ଓ ପ୍ରାଧିକରଣର ଅଧିକାର ମିତ୍ରଗଣ ଉପସ୍ଥିତ ହୋଇ ନାଲ୍ସା (ଏସିଡ୍ ମାଡ ପୀଡିତଙ୍କୁ ଆଇନ ସହାୟତା) ଯୋଜନା, ୨୦୧୬, ବିଭିନ୍ନ ଦଣ୍ଡ ବିଧାନ ଓ ପୀଡ଼ିତ କ୍ଷତିପୂରଣ ଯୋଜନା, ୨୦୧୭ ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିଥିଲେ । ଏହି ଅବସରରେ ପଂଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଗଣ ଏସିଡ ମାଡ଼ ଉପରେ ଏକ ନାଟକ ପ୍ରଦର୍ଶନ କରିଥିଲେ । ଏହା ପରେ ଦରବାର ସାହିତ୍ୟ ସଂସଦ ତରଫରୁ ଅଧିକାର ମିତ୍ର ମାନଙ୍କ ପାଇଁ ଏକ ତାଲିମ ଶିବିର ଆୟୋଜିତ କରାଯାଇଥିଲା ।

ଜି.ଉଦୟଗିରିର ୧୧୪ ଅଙ୍ଗନୱାଡ଼ି କେନ୍ଦ୍ରରେ ଆଙ୍ଗନ କା ଉତ୍ସବ ଉଦ୍‌ଯାପିତ

ଜି.ଉଦୟଗିରି, ୨୯/୦୯ (ଆ.ପ୍ର) : ଜି.ଉଦୟଗିରି ବ୍ଲକ ଓ ଏନ୍ଏସି ଅଂଚଳର ୧୧୪ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ତିନି ଦିନ ଧରି ଚାଲିଥିବା ନବମ ରାଷ୍ଟ୍ରୀୟ ପୋଷଣ ମାସ-୨୦୨୬ର ଆଙ୍ଗନ କା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଛି । ସେପ୍ଟେମ୍ବର ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ରରେ ପୋଷଣ ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ଓ ସଚେତନତାମୂଳକ ଉତ୍ସବ ଆୟୋଜିତ ହୋଇଥିଲା । ସିଡିପିଓ କଳ୍ପନା ଶତପଥୀ ଜାକାମାହା ଅଙ୍ଗନୱାଡ଼ି କେନ୍ଦ୍ର ସମେତ ବିଭିନ୍ନ କେନ୍ଦ୍ରରେ ଆୟୋଜିତ ପୋଷଣ ଉତ୍ସବରେ ଯୋଗଦେଇଥିଲେ । ବିଭିନ୍ନ କେନ୍ଦ୍ରରେ ଶିକ୍ଷକ, ଗ୍ରାମ୍ୟ ସଂଗଠନର ସଦସ୍ୟ, ଆଶା କର୍ମୀ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଆନନ୍ଦ ଉଲ୍ଲାସର ସହ ତିନି ଦିନିଆ ପୋଷଣ ମାସ ଉତ୍ସବ ଉଦ୍‌ଯାପିତ ହୋଇଥିଲା । ୭ ନମ୍ବର ୱାର୍ଡ଼ରେ ଥିବା ୩ ଟି ଅଙ୍ଗନୱାଡି କେନ୍ଦ୍ରରେ ହେଉଥିବା କାର୍ଯ୍ୟକ୍ରମରେ ସୁପରଭାଇଜର ଉର୍ବଶୀ ଦିଗାଲ, କାଉନ୍ସିଲର ଲକ୍ଷ୍ମୀ ପ୍ରିୟା ପରିଚ୍ଛା, କୁନ୍ତୀମା ମଲ୍ଲିକ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଶୁଭଶ୍ରୀ ଦଳବେହେରା, ସସ୍ମିତା ନାୟକ ପରିଚାଳନା କରିଥିଲେ । ନୂଆସାହି ୮ ନମ୍ବର ୱାର୍ଡର ଅଙ୍ଗନୱାଡ଼ି କେନ୍ଦ୍ରରେ ଉଦ୍‌ଯାପନୀ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ କାଉନସିଲର ଜାକେଶ କୁମାର ପ୍ରଧାନ ଯୋଗ ଦେଇଥିବା ବେଳେ ୱାର୍ଡ଼ର ବରିଷ୍ଠ ସଭ୍ୟ ପ୍ରମୋଦ ରଞ୍ଜନ ନାୟକ, ଆଇନଜୀବୀ କାଳିନ୍ଦୀ ପ୍ରିୟଦର୍ଶିନୀ ଯୋଗ ଦେଇଥିଲେ । ୱାର୍ଡ଼ରେ ଥିବା ଉଭୟ ଅଙ୍ଗନୱାଡ଼ି ଦିଦି ରଶ୍ମିତା ପ୍ରଧାନ, ସଂଯୁକ୍ତା ପ୍ରଧାନଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଭାଗୀୟ କାର୍ଯ୍ୟାଳୟ ପକ୍ଷରୁ ଅଙ୍ଗନୱାଡ଼ି ସୁପରଭାଇଜର ଉର୍ବଶୀ ଦିଗାଲ, ବିଷୟା କହଁର, ବ୍ଲକ କୋଡିନେଟର ସିଦ୍ଧାନ୍ତ ଶେଖର ନାୟକ, ସୁଭଦ୍ରା ସହାୟିକା ତୁଳିମା ପ୍ରଧାନ ଓ ସୁକାନ୍ତି ପ୍ରଧାନଙ୍କ ସମେତ ଅନ୍ୟମାନେ ଉତ୍ସବରେ ଯୋଗ ଦେଇଥିଲେ । ତିନି ଦିନିଆ କାର୍ଯ୍ୟକ୍ରମର ପ୍ରଥମ ଦିନରେ ପୋଷଣ ପିଠା ପ୍ରଦର୍ଶନୀ ସହ ପିତାମାନଙ୍କ ପାଇଁ ସ୍ୱତନ୍ତ୍ର ରନ୍ଧନ ପ୍ରତିଯୋଗିତା ହୋଇଥିଲା । ଦ୍ୱିତୀୟ ଦିନରେ ଶିଶୁମାନଙ୍କ ପାଇଁ ଖେଳ, କାହାଣୀ କହିବା, ପୁସ୍ତକ ପ୍ରଦର୍ଶନୀ ଆଦି ଆୟୋଜନ କରାଯାଇଥିଲା । ଏଥିସହ ଇଉ, ସ୍ଥାନୀୟ ଫଳ ଓ ମିଲେଟ କୁକିଜ୍ ବଂଟନ କରାଯାଇଥିଲା । ତୃତୀୟ ଦିନରେ ପୋଷଣ, ସୁଭଦ୍ରା, ମମତା, ପିଏମ୍ ଏୱାଇ ଓ ଅଦ୍ୱିକା ଭଳି ସରକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା । ଶ୍ରମିକ ମାନଙ୍କ ପାଇଁ 'ସୁସ୍ଥ ତିରଙ୍ଗା ଥାଳି' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ରନ୍ଧନ ପ୍ରତିଯୋଗିତାରେ ଭଲ ଖାଦ୍ୟ ପ୍ରସ୍ତୁତ କରିଥିବା ଅଭିଭାବକ ମାନଙ୍କୁ ଫଳ ଚାରୁଡ଼ି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା । ଉପସ୍ଥିତ ଅତିଥିମାନେ ଅଙ୍ଗନୱାଡ଼ି କେନ୍ଦ୍ରରେ ଏଭଳି ଉତ୍ସବ ପ୍ରଥମ ଥର ପାଇଁ ଆୟୋଜିତ ହୋଇଥିବାରୁ ଖୁସି ବ୍ୟକ୍ତ କରିଥିଲେ । ଶିଶୁ ଓ ପରିବାରର ସୁସ୍ଥତା ପାଇଁ ପୋଷଣଯୁକ୍ତ ଖାଦ୍ୟର ଆବଶ୍ୟକତା ସମ୍ପର୍କରେ ଲୋକଙ୍କୁ ବୁଝାଇବା ସହ ଅଙ୍ଗନୱାଡ଼ି ଓ ଆଶା କର୍ମୀ ମାନଙ୍କୁ ସମ୍ମାନ ଦେବା ଓ ସେମାନଙ୍କ କାର୍ଯ୍ୟରେ ସମସ୍ତେ ସହଯୋଗ କରିବାକୁ ଅତିଥି ବୃନ୍ଦ ଆହ୍ୱାନ ଦେଇଥିଲେ । ଏହିପରି ସ୍ଥାନୀୟ ବ୍ଲକ ଓ ଏନଏସିରେ ଥିବା ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ଅଙ୍ଗନ କା ଉତ୍ସବ ଅନୁଷ୍ଠିତ ହୋଇଥିଲା ।

'କାମନା ଉପରେ କରୁଣାର ବିଜୟ' ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କଲା ନାଟକ 'ବାସବଦତ୍ତା'

ବ୍ରହ୍ମପୁର, ୨୯/୦୯ (ଆ.ପ୍ର) : କାମନାର ବିନାଶରେ ଦୁଃଖର ବିନାଶ । ଯେତେବେଳେ ମନରୁ କାମନା ଓ ଲୋଭ ଦୂର ହୋଇଯାଏ ସେତେବେଳେ ଜୀବନର ସମସ୍ତ ଦୁଃଖ ଦୂର ହୋଇଯାଏ । ଗୋଟିଏ ପଟେ ଅତୁଳନୀୟ ରୂପ ଓ ସୌନ୍ଦର୍ଯ୍ୟର ଉନ୍ମାଦନା ଓ ଅନ୍ୟପଟେ ଦିପ୍ତୀମନ୍ତ ବୈରାଗ୍ୟ । ଦିନେ ପ୍ରଲୋଭିତା ବାସବଦତ୍ତାଙ୍କୁ ଯୁବ ବୌଦ୍ଧ ସନ୍ନ୍ୟାସୀ ଉପଗୁପ୍ତ ମୁଁ ସଠିକ ବେଳାରେ ଆସିବି ତୁମେ ଅପେକ୍ଷା କର ବୋଲି କହି ଏକ ଅନ୍ଧକାର ରାତ୍ରୀରେ ପହଂଚି ନିଜ ପ୍ରତିଶ୍ରୁତି ପାଳନ କଲେ । ଆଉ ସେତେବେଳେ କାମନାର ବିନାଶ ହୋଇଥିଲା । କାମନା ଉପରେ କରୁଣାର ବିଜୟ ପୃଷ୍ଠ ଭୂମିର ଏକ ସୁନ୍ଦର ବାର୍ତା ଦେଇ ମଂଚସ୍ଥ ହୋଇ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଛି ନାଟକ 'ବାସବଦତ୍ତା' । ଜାତୀୟ ପର୍ଯ୍ୟଟନ ମହୋତ୍ସବର ଉଦଘାଟନ ଦିବସର ପ୍ରଥମ ସନ୍ଧ୍ୟାରେ ନାଟ୍ୟଶ୍ରୀ ବ୍ରହ୍ମପୁର ତରଫରୁ ସୁସାହିତ୍ୟିକା ଓ ପ୍ରତିଷ୍ଠିତ ନାଟ୍ୟକାର ଦୀପିକା ଦାସଙ୍କ ରଚିତ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ସତ୍ୟବ୍ରତ ଦାସଙ୍କ ନିର୍ଦ୍ଦେଶିତ ଏହି ନାଟକରେ ଯତୀନ ଦାସ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ସନ୍ଦୀପ ପଟ୍ଟନାୟକ, ସାଗରିକା ଆଚାର୍ଯ୍ୟ, ଜାହ୍ନବୀ ପଣ୍ଡା, ଭକ୍ତି ବିନୋଦ ରଥ, ସରୋଜ ବାରିକ, ସମିତ ରଣା ପ୍ରମୁଖ ଅଭିନୟ କରିଥିଲେ ।

ଆନ୍ତର୍ଜାତୀୟ ନିରାପଦ ଗର୍ଭପାତ ଦିବସ ପାଳିତ

ପାରଳାଖେମୁଣ୍ଡି, ୨୯/୦୯ (ଆ.ପ୍ର) : ପାରଳାଖେମୁଣ୍ଡି ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଅନ୍ତର୍ଗତ ଗାରାବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଆନ୍ତର୍ଜାତୀୟ ନିରାପଦ ଗର୍ଭପାତ ଦିବସ ପାଳିତ ହୋଇଯାଇଛି । ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ମମତା ପାତ୍ରୀଙ୍କ ସଂଯୋଜନାରେ ଆୟୋଜିତ ଏହି ସମାବେଶରେ ଡଏସ୍ ଲଳିତା, ଡ.ପୂର୍ଣ୍ଣଚନ୍ଦ୍ର ପାତ୍ର, ଡ. ରଜତ ସେଠୀ, ଡ. ଦିପାଞ୍ଜଳି ନାଏକ, ସଖୀ ୱାନ୍ ଷ୍ଟେପ୍ ସେଂଟରର ପ୍ରଶାସକ ସୁନୀତା ରଥ ଯୋଗଦାନ କରିଥିଲେ । ଅତିଥିମାନେ ନିରାପଦ ଗର୍ଭପାତ ସେବା, ମହିଳା ଅଧିକାର ଓ ବିଭିନ୍ନ ସରକାରୀ ଯୋଜନାର ସ୍ୱାସ୍ଥ୍ୟସେବା ସମ୍ପର୍କରେ ଅବଗତ କରିଥିଲେ । ଏଥିରେ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ, ସ୍ୱାସ୍ଥ୍ୟ ସୁପରଭାଇଜର ମାନେ ଯୋଗଦାନ କରିଥିଲେ ।

ଏକଲବ୍ୟ ଶିକ୍ଷାକେନ୍ଦ୍ରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା

ନିମାପଡା, ୨୯/୦୯ (ଆ.ପ୍ର) : ସ୍ଥାନୀୟ ତଳଅଣ୍ଡିଆସ୍ଥିତ ବେହେରାସାହି ଏକଲବ୍ୟ ଶିକ୍ଷାକେନ୍ଦ୍ରରେ ଅଧ୍ୟୟନ ରତ ଛାତ୍ରଛାତ୍ରୀ ମାନଙ୍କଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ ଗୁଡ଼ିକୁ ନେଇ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି ଓ ଏହି ପିଲାମାନଙ୍କ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସାଧାରଣ ସମ୍ପାଦକ ଗଗନ ବିହାରୀ ଦାସଙ୍କ ସମେତ ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀମାନଙ୍କ ଉପସ୍ଥିତିରେ ଉଦଘାଟିତ ହୋଇଥିଲା ଓ ବିଦ୍ୟାଳୟର ଅଧକ୍ଷ ଲିଙ୍ଗରାଜ ପ୍ରଧାନ, ଶିକ୍ଷାବିତ ଦେବାଶିଷ ପତି, କ୍ରୀଡ଼ାବିତ ନିର୍ମଳ କୁମାର ମିଶ୍ର, ପିପିୟୁଓର କୋଷାଧ୍ୟକ୍ଷ ପଦ୍ମଲୋଚନ ମହାନ୍ତି ପ୍ରମୁଖ ଉପସ୍ଥିତଥିଲେ ଓ ସଭାକାର୍ଯ୍ୟକୁ ବିରଂଚି ନାରାୟଣ ମିଶ୍ର ପରିଚାଳନା କରିଥିଲେ ଓ ଉକ୍ତ ବିଜ୍ଞାନମେଳରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ୧୦୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ଓ ସ୍ୱଚ୍ଛ ଭାରତ, ଟ୍ରାଫିକ ସମ୍ପର୍କୀୟ ମହାକାଶ ସମ୍ପର୍କୀୟ ତଥା କୁନି କୁନି ବୈଜ୍ଞାନିକ ମାନଙ୍କ ଦ୍ୱାରା ବାୟୁ ଜଳ ଶବ୍ଦ ମୃତ୍ତିକା ପ୍ରଦୂଷଣ ସହିତ ଆଧୁନିକ କୃଷି ସମ୍ପର୍କୀୟ ଅନେକ ପ୍ରକଳ୍ପ ସ୍ଥାନ ପାଇଥିବା ସହିତ ୧୦ ପ୍ରକଳ୍ପକୁ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ନିମନ୍ତେ ମନୋନୀତ କରାଯାଇଛି ଓ ପ୍ରକଳ୍ପ ଗୁଡ଼ିକୁ ନିରୀକ୍ଷକ ଭାବରେ ନିର୍ମଳ ମିଶ୍ର, ଦେବାଶିଷ ପତି ମୂଲ୍ୟାୟନ କରିଥିବାବେଳେ ଅନୁଷ୍ଠାନର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀଙ୍କ ସହିତ ସମସ୍ତ କର୍ମଚାରୀମାନେ ସହଯୋଗ କରିଥିଲେ ।

ଗାନ୍ଧୀ ଜୟନ୍ତୀରେ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷାର ସଂକଳ୍ପ

ଗୁଣପୁର, ୨୯/୦୯ (ଆ.ପ୍ର) : ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଉତ୍କଳ ମିଡ଼ିଆ ସାମ୍ବାଦିକ ସଂଘ, ରାୟଗଡ଼ା ଜିଲ୍ଲା ଶାଖା ପକ୍ଷରୁ ଗୁଣପୁର ବ୍ଲକର ଚିନାସାରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ଦୟାନନ୍ଦ ଖାଡ଼୍‌ଗାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୁଣପୁର ସହକାରୀ ଜିଲ୍ଲାପାଳ ବିପିନ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଏବଂ ଗୁଣପୁର ଥାନା ଅଧିକାରୀ କମଳାକାନ୍ତ ବସନ୍ତ କହଁର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଅତିଥିମାନେ ଗାନ୍ଧୀଜୀଙ୍କ ଜୀବନୀ, ଆଦର୍ଶ ଓ ଦେଶ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ବକ୍ତାମାନେ ସ୍ୱଚ୍ଛତା ହିଁ ସୁସ୍ଥ ଜୀବନର ମୂଳମନ୍ତ୍ର ବୋଲି ମତପ୍ରକାଶ କରିବା ସହ ପରିବେଶ ସୁରକ୍ଷାରେ ପ୍ରତ୍ୟେକଙ୍କ ଭୂମିକା ରହିଥିବା କହିଥିଲେ । ବିଦ୍ୟାଳୟ ଓ ନିଜ ଆଖପାଖ ଅଂଚଳକୁ ସଫାସୁତୁରା ରଖିବା, ପ୍ଲାଷ୍ଟିକର ବ୍ୟବହାର କମାଇବା ଏବଂ ବୃକ୍ଷରୋପଣ ମାଧ୍ୟମରେ ସବୁଜ ପରିବେଶ ସୃଷ୍ଟି କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦିଆଯାଇଥିଲା । ପ୍ରତିଯୋଗିତାରେ ମୋଟ ୧୪ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ । କନିଷ୍ଠ ବିଭାଗରେ ସୁନୀଲ ଶବର ପ୍ରଥମ, ସରୋଜ ଶବର ଦ୍ୱିତୀୟ ଓ ଆମାସ ଜେରେପୁଟିଙ୍ଗ ତୃତୀୟ ସ୍ଥାନ ହାସଲ କରିଥିଲେ । ସେହିପରି ବରିଷ୍ଠ ବିଭାଗରେ କବିତା ଦଣ୍ଡସେନା ପ୍ରଥମ, ମହେନ୍ଦ୍ର ଶବର ଦ୍ୱିତୀୟ ଓ ସମୀର ଶବର ତୃତୀୟ ସ୍ଥାନ ଅଧିକାର କରିଥିଲେ । କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ମାନପତ୍ର ଓ ସିଲ୍ ପ୍ରଦାନ କରି ପୁରସ୍କୃତ କରିଥିଲେ । ଏଥିସହ ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଦେଇ ଉତ୍ସାହିତ କରାଯାଇଥିଲା । ସଂଘର ସଭାପତି ଦୟାନନ୍ଦ ଖାଡ଼୍‌ଗା ନିଜ ବକ୍ତବ୍ୟରେ ସମାଜରେ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ସମ୍ପର୍କିତ ସଚେତନତା ପ୍ରସାରରେ ସାମ୍ବାଦିକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା କହିଥିଲେ । ଏଥିସହ ସଂଘ ପକ୍ଷରୁ ଆଗାମୀ ଦିନରେ ଏଭଳି ଜନସଚେତନତା କାର୍ଯ୍ୟକ୍ରମ ଜାରି ରହିବ ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ସଂଘର ଉପସଭାପତି ସନ୍ତୋଷ ଲମତା, ସମ୍ପାଦକ ମନୋଜ କୁମାର ସାହୁ, ଦୀପକ ପଣ୍ଡା, ବିରୁ ପ୍ରସାଦ ଶତପଥୀ, ଗିରୀଶେଖର ରଥ, କୈଳାଶ ଗୌଡ଼ ଓ ସାମ୍ବାଦିକ ଈଶ୍ୱର ମିଶାଲଙ୍କ ସମେତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଇନ୍ଦିରା ମହାପାତ୍ର, ମଧୁସୂଦନ ପଟ୍ଟନାୟକ, ଘନଶ୍ୟାମ ବେହେରା, ଉମାଶଙ୍କର ଦାସ ଓ ଘାସିରାମ ରଥ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

୫ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

ଦଶପଲ୍ଲା, ୨୯/୦୯ (ଆ.ପ୍ର) : ବାଣିଗୋଛା ଥାନା ଅନ୍ତର୍ଗତ କାମିଟିପଙ୍ଗା ବସ୍‌ଷ୍ଟପ୍ ନିକଟରୁ ୫ କିଲୋଗ୍ରାମ୍ ଗଞ୍ଜେଇ ଜବତ କରିବା ସହିତ ଜଣଙ୍କୁ ଗିରଫ କରିଛି ପୁଲିସ । ଗିରଫ ବ୍ୟକ୍ତି ହେଲେ ପଶ୍ଚିମବଙ୍ଗର ହାୱଡ଼ା ଜିଲ୍ଲା ଉଲୁବେରିଆ ଥାନା ଅନ୍ତର୍ଗତ ଚେଙ୍ଗାଇଲ ଗ୍ରାମର ବବୁଲୁ ଶାହ (୪୭) ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି । ସୂଚନା ଅନୁଯାୟୀ, ଗତ କାଲି ଅପରାହ୍ଣ ସମୟରେ ବାଣିଗୋଛା ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ରଙ୍କ ନିର୍ଦ୍ଦେଶକ୍ରମେ ଏସ ଆଇ ବିରେନ୍ଦ୍ର କୁମାର ବେହୁରାଙ୍କ ନେତୃତ୍ୱରେ ପୁଲିସର ଏକ ଟିମ୍ କାମିଟିପଙ୍ଗା ବସ୍‌ଷ୍ଟପ୍ ଠାରେ ଚଢ଼ାଉ କରିଥିଲା । ବସ୍‌କୁ ଅପେକ୍ଷା କରିଥିବା ବବୁଲୁଙ୍କ ନିକଟରୁ ୫ କିଲୋଗ୍ରାମ୍ ଗଞ୍ଜେଇ, ଗୋଟିଏ ମୋବାଇଲ୍ ଫୋନ୍ ଓ ନଗଦ ୧,୭୨୦ ଟଙ୍କା ଜବତ କରାଯାଇଥିଲା । ଏଥି ନେଇ ବାଣିଗୋଛା ଥାନାରେ କେସ୍ ନମ୍ବର ୧୨୪/୨୮.୦୯.୨୦୨୬ ରୁଜୁ କରାଯାଇ ଏନ୍‌ଡିପିଏସ୍ ଆଇନର ଧାରା ୨୦(ବି) (ସସ)(ବି)ଅନୁଯାୟୀ ମାମଲା ରୁଜୁ ହୋଇଛି । ଗିରଫ ଅଭିଯୁକ୍ତଙ୍କୁ ଆଜି ନୟାଗଡ଼ ଜିଲ୍ଲା ଅଦାଲତରେ ହାଜର କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି ।

କବିବର ରାଧାନାଥ ରାୟଙ୍କ ଜୟନ୍ତୀ ପାଳିତ

ଓଡ଼ିଆ ସାହିତ୍ୟରେ ରାଧାନାଥଙ୍କ ଅବଦାନ ଅତୁଳନୀୟ : ଆଲୋଚକ

ବାଲିଗୁଡ଼ା, ୨୯/୦୯ (ଆ.ପ୍ର) : ଅଖିଳ ଭାରତୀୟ ସାହିତ୍ୟ ପରିଷଦ ସୌଜନ୍ୟରେ ଏବଂ ଶାଳବଣ ସାହିତ୍ୟ ସଂସଦର ସଂଯୋଜନାରେ ବାଲିଗୁଡ଼ା ସ୍ଥିତ ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟ ଠାରେ କବିବର ରାଧାନାଥ ରାୟଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ଶାଳବଣ ସାହିତ୍ୟ ସଂସଦର ସଭାପତି ଡ. ମଧୁସୂଦନ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବରିଷ୍ଠ ଆଇନଜୀବୀ କୌଶିକ ସାହୁ ଓ ରବୀନ୍ଦ୍ରନାଥ ରଥ ମୁଖ୍ୟ ଅତିଥି ଭାବେ ମଂଚାସୀନ ଥିଲେ । ସଭାରେ କବିବର ରାଧାନାଥ ରାୟଙ୍କ ଜୀବନୀ, ସାହିତ୍ୟ ସୃଷ୍ଟି ଏବଂ ଓଡ଼ିଆ ସାହିତ୍ୟର ବିକାଶରେ ତାଙ୍କର ଅବଦାନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଆଲୋଚକମାନେ ରାଧାନାଥଙ୍କ ସାହିତ୍ୟ ସୃଷ୍ଟି ଓ ଭାଷା ଶୈଳୀ ଓଡ଼ିଆ ସାହିତ୍ୟକୁ ଏକ ନୂଆ ଦିଗ ଦେଇଥିବା ମତବ୍ୟକ୍ତ କରିଥିଲେ । ଶିକ୍ଷକ ତୀର୍ଥବାସୀ ଘଡ଼େଇ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ । ଆଲୋଚକ ଭାବେ କୈଳାଶ ବେହେରା, ବିଶ୍ୱେଶ୍ୱର ଆଚାର୍ଯ୍ୟ, ସ୍ନେହଲତା, ସୁଲୋଚନା କହଁରଙ୍କ ସମେତ ବହୁ ସାହିତ୍ୟ ପ୍ରେମୀ ଉପସ୍ଥିତ ଥିଲେ । ଶେଷରେ ବରିଷ୍ଠ ନାଗରିକ ସଂଘର ସମ୍ପାଦକ ପ୍ରକାଶ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ସାହିତ୍ୟପ୍ରେମୀ ଓ ବୁଦ୍ଧିଜୀବୀଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମଟି ସାରଗର୍ଭକ ହୋଇଥିଲା ।

ଉପଖଣ୍ଡରେ ୫ଜି ନେଟୱର୍କକୁ ନେଇ ଉପଭୋକ୍ତାମାନଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ

ବଣାଇଁ, ୨୯/୦୯ (ଆ.ପ୍ର) : ଆଜିର ସମୟରେ ମୋବାଇଲ୍ କେବଳ ଯୋଗାଯୋଗର ମାଧ୍ୟମ ନୁହେଁ; ଏହା ଶିକ୍ଷା, ବ୍ୟାଙ୍କିଂ, ବ୍ୟବସାୟ, ସରକାରୀ ସେବା, ଚାକିରି ଓ ଦୈନନ୍ଦିନ ଜୀବନର ଏକ ଅତ୍ୟାବଶ୍ୟକ ଅଂଶ । କିନ୍ତୁ ବଣାଇର ଅନେକ ଅଂଚଳରେ ମୋବାଇଲ୍ ନେଟୱର୍କ ଓ ଇଂଟରନେଟ୍ ସେବାକୁ ନେଇ ଗ୍ରାହକଙ୍କ ଅଭିଯୋଗ ଦିନକୁ ଦିନ ସାମ୍ନାକୁ ଆସୁଛି । ଏଥିରତେଲ, ଜିଓ ଏବଂ ଭିଆଇ ଭଳି ଘରୋଇ ଅପରେଟରଙ୍କ ବିଭିନ୍ନ ରିଚାର୍ଜ ପ୍ଲାନ୍‌କୁ ନେଇ ଗ୍ରାହକଙ୍କ ମଧ୍ୟରେ ମୁଖ୍ୟ ପ୍ରଶ୍ନ ହେଉଛି, ଆମେ ଯେତେ ଟଙ୍କା ଦେଉଛୁ, ସେହି ଅନୁପାତରେ ମୋବାଇଲ ସେବା ପାଉଛୁ କି? ବଣାଇର ଗ୍ରାମାଂଚଳରୁ ଆସୁଥିବା ଅଭିଯୋଗ ଅନୁଯାୟୀ, କେତେକ ସ୍ଥାନରେ ନେଟୱର୍କ ସୂଚକାଙ୍କ ଦୁର୍ବଳ ରହୁଛି, କଲ୍ କରିବା ବେଳେ ସମସ୍ୟା ହେଉଛି, କଲ୍ ଡ୍ରପ୍ ହେଉଛି ଏବଂ ଇଂଟରନେଟ୍ ଡାଟାର ବେଗ ଆଶାନୁରୂପ ମିଳୁନାହିଁ । ଫଳରେ ରିଚାର୍ଜ କରିଥିବା ଗ୍ରାହକଙ୍କ ମନରେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି, ସେବା ଯଦି ନିରବଚ୍ଛିନ୍ନ ନୁହେଁ, ତେବେ ବଢୁଥିବା ଟାରିଫ୍‌ର ଯଥାର୍ଥ ଲାଭ ଗ୍ରାହକ ପାଉଛନ୍ତି କି? ଏହା ସେବା ନା'ରେ ଧୋକା ନୁହେଁ କି, ବୋଲି ଗ୍ରାହକ ଅନୁଭବ କରୁଛନ୍ତି । ଆଉ ଏକ ଅଭିଯୋଗ ହେଉଛି ରିଚାର୍ଜ ପ୍ଲାନ୍‌ର ବୈଧତାକୁ ନେଇ । ଅନେକ ଗ୍ରାହକଙ୍କ କହିବା ଅନୁଯାୟୀ, ଦୈନିକ ମିଳୁଥିବା ଡାଟା ସମ୍ପୂର୍ଣ୍ଣ ବ୍ୟବହାର ହୋଇପାରୁନଥିଲେ ମଧ୍ୟ ପ୍ଲାନ୍‌ର ନିର୍ଦ୍ଧାରିତ ଅବଧି ଶେଷ ହୋଇଯାଉଛି । ଫଳରେ ବଳକା ଡାଟା ସୁବିଧାର ମୂଲ୍ୟ ଗ୍ରାହକଙ୍କ ପାଉ ନାହାନ୍ତି । ଦେଶ ୫ଜି ଯୁଗରେ ପ୍ରବେଶ କରିସାରିଛି । କିନ୍ତୁ ବଣାଇର ଗ୍ରାମାଂଚଳର ଗ୍ରାହକଙ୍କ ପ୍ରଶ୍ନ, ଆମ ଅଂଚଳରେ ଏହି ଉନ୍ନତ ସେବାର ବାସ୍ତବିକ ଅନୁଭବ କେବେ ମିଳିବ? କମ୍ପାନୀମାନେ ୫ଜି ସେବାର ବିଭିନ୍ନ ସୁବିଧା ବିଷୟରେ ବିଜ୍ଞାପନ ପ୍ରଚାର କରୁଥିଲେ ମଧ୍ୟ ପ୍ରତ୍ୟେକ ଗ୍ରାମ, ପ୍ରତ୍ୟେକ ରାସ୍ତା ଓ ପ୍ରତ୍ୟେକ ଘର ନିକଟରେ ସମାନ ନେଟୱର୍କ ଅନୁଭବ ମିଳୁନାହିଁ । ସେଥିପାଇଁ ଗ୍ରାହକଙ୍କ

ଦାବି ହେଉଛି, ବିଜ୍ଞାପନର ୫ଜି ନୁହେଁ, ମାଟିରେ ମିଳୁଥିବା ୫ଜି ଦରକାର । ଏହି ପରିସ୍ଥିତିରେ ରାଷ୍ଟ୍ରାୟତ ଟେଲିକମ୍ ସଂସ୍ଥା ବିଏସଏନଏଲକୁ ନେଇ ମଧ୍ୟ ବଣାଇର କେତେକ ଗ୍ରାହକ ଆଶା ପ୍ରକାଶ କରୁଛନ୍ତି । ଗ୍ରାମାଂଚଳରେ ଭଲ ନେଟୱର୍କ, ଦ୍ରୁତ ଡାଟା ସେବା, ଉନ୍ନତ ଭିତିଭୂମି ଓ ଦାୟିତ୍ୱଶୀଳ ଗ୍ରାହକ ସେବା ମିଳିଲେ ବିଏସଏନଏଲ ପ୍ରତି ଲୋକଙ୍କ ଆଗ୍ରହ ଆହୁରି ବଢ଼ିପାରେ । ଏହା କୌଣସି ଗୋଟିଏ କମ୍ପାନୀ ବିରୋଧରେ ଅଭିଯାନ ନୁହେଁ । ଏହା ହେଉଛି ବଣାଇର ସାଧାରଣ ମୋବାଇଲ୍ ଗ୍ରାହକଙ୍କ ଏକ ମୌଳିକ ପ୍ରଶ୍ନ । ଗ୍ରାହକ ରିଚାର୍ଜ କରୁଛନ୍ତି । ମାସକୁ ମାସ ଟଙ୍କା ଦେଉଛନ୍ତି । ଡିଜିଟାଲ୍ ଭାରତର ସ୍ୱପ୍ନରେ ସେମାନେ ମଧ୍ୟ ସାମିଲ ହେଉଛନ୍ତି । ତେବେ ଗାଁରେ ନେଟୱର୍କ ଖୋଜିବା ପାଇଁ ଯଦି ଘର ଛାଡ଼ି ବାହାରକୁ ଯିବାକୁ ପଡ଼େ, ଫୋନ୍ କରିବା ପାଇଁ ଯଦି ଉଚ୍ଚ ସ୍ଥାନ ଖୋଜିବାକୁ ପଡ଼େ, ଅନଲାଇନ୍ କାମ ପାଇଁ ଯଦି ଘଂଟା ଘଂଟା ଅପେକ୍ଷା କରିବାକୁ ପଡ଼େ, ତେବେ ଡିଜିଟାଲ୍ ସେବାର ସତ୍ୟତାର ଲାଭ ଗ୍ରାମବାସୀ କେବେ ପାଇବେ? ଗ୍ରାହକଙ୍କ ଦାବି ତେଣୁ ସ୍ପଷ୍ଟ, ଟାରିଫ୍ ଯାହା ହେଉ, ସେବାର ମାନ ସ୍ପଷ୍ଟ ହେଉ । ଯେଉଁଠାରେ ନେଟୱର୍କ ଦୁର୍ବଳ, ସେଠାରେ ନେଟୱର୍କ ମଜବୁତ ହେଉ । ଯେଉଁଠାରେ ୫ଜି ଦାବି କରାଯାଉଛି, ସେଠାରେ ବାସ୍ତବିକ ଉପଲବ୍ଧତା ସ୍ପଷ୍ଟ ହେଉ । ଏବଂ ଗ୍ରାହକ ଯେଉଁ ଟଙ୍କା ଦେଉଛନ୍ତି, ତାହାର ବଦଳରେ ଗୁଣବତ୍ତାପୂର୍ଣ୍ଣ ଓ ନିର୍ଭରଯୋଗ୍ୟ ସେବା ମିଳୁ । ଭାରତୀୟ ସମ୍ବିଧାନରେ ଉଲ୍ଲେଖିତ ମୌଳିକ ଅଧିକାରଗୁଡ଼ିକ ମଧ୍ୟରୁ ଟେଲିକମ୍ ସେବା ସହ ଜଡିତ ଦୁଇଟି ଅଧିକାର, ସମାନତାର ଅଧିକାର ଓ ଶୋଷଣ ବିରୋଧୀ ଅଧିକାର, ନେଇ ମଧ୍ୟ ଗ୍ରାହକମାନେ ପ୍ରଶ୍ନ ଉଠାଉଛନ୍ତି । ସେବାରେ ସମାନତା ନଥିବା, ଗ୍ରାମାଂଚଳ ଓ ସହରାଂଚଳ ମଧ୍ୟରେ ନେଟୱର୍କ ଗୁଣବତାର ତଫାତ ରହିବା ଏବଂ ଗ୍ରାହକ ଦେଉଥିବା ଟାରିଫ୍‌ର ଯଥୋଚିତ ମୂଲ୍ୟ ଅନୁଯାୟୀ ସେବା ନମିଳିବାକୁ ସେମାନେ ଅସମାନତା ଓ ଶୋଷଣର ଉଦାହରଣ ବୋଲି ମନେ କରୁଛନ୍ତି । ତେଣୁ ଘରୋଇ କମ୍ପାନୀଗୁଡ଼ିକ ଗ୍ରାହକଙ୍କ ଅଧିକାରକୁ ସମ୍ମାନ କରି ସ୍ୱଚ୍ଛ ଟାରିଫ୍, ସମାନ ସେବା ଓ ଦାୟିତ୍ୱଶୀଳ ଗ୍ରାହକ ସେବା ସୁନିଶ୍ଚିତ କରିବା ଆବଶ୍ୟକ । ବଣାଇର ପାହାଡ଼, ଜଙ୍ଗଲ ଓ ଦୁର୍ଗମ ଗ୍ରାମ ମଧ୍ୟରେ ରହୁଥିବା ଲୋକଙ୍କ ପାଇଁ ମୋବାଇଲ୍ ନେଟୱର୍କ କେବଳ ମନୋରଞ୍ଜନ ନୁହେଁ -ଏହା ଆଜି ଜୀବନ, ଜୀବିକା ଓ ଅତ୍ୟାବଶ୍ୟକ ସେବା ସହ ଯୋଡ଼ିବାର ଏକ ମୁଖ୍ୟ ସେତୁ । ସେହି ସେତୁ ଦୁର୍ବଳ ହେଲେ ଡିଜିଟାଲ୍ ଭାରତର ସ୍ୱପ୍ନ, ଗାଁର ଦ୍ୱାରରେ ଅଟକିଯିବ, ଜନସାଧାରଣରେ ଆଲୋଚନା ହେଉଛି ।

ସେଇଥୁ ଆରମ୍ଭ
SEITHO ARAMBHA
ବୁଧବାର, ୩୦ ସେପ୍ଟେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ଦୌଡ଼କୁଦରୁ ଭାରତକୁ ପ୍ରଥମ ସ୍ୱର୍ଣ୍ଣ

ନୂଆଦିଲ୍ଲୀ, ୨୯/୯(ନ୍ୟୁ.ଏ): ଏସିଆନ ଗେମ୍ସ ୨୦୨୬ରେ ଭାରତକୁ ଦୌଡ଼କୁଦ ଇଭେଂଟରେ ପ୍ରଥମ ସ୍ୱର୍ଣ୍ଣ । ଦେଶକୁ ଏହି ସଫଳତା ଆଣି ଦେଇଛନ୍ତି ମହିଳା । ଆଜି ୪ ଗୁଣା ୪୦୦ ମିଟର ରିଲେରେ ଭାରତୀୟ ଝିଅ କରିଛନ୍ତି କମାଲ । ସେମାନେ ଦେଶ ପାଇଁ ଜିତିଛନ୍ତି ଐତିହାସିକ ସ୍ୱର୍ଣ୍ଣ । ବିଥ୍ୟା ରାମରାଜ, କିରଣ, ମାଚେଟି ପୋଭାମା ଓ ପ୍ରାଚୀ ଦେଶ ପାଇଁ ଏହି ସଫଳତା ଆଣି ଦେଇଛନ୍ତି । ଭାରତ ଚଳିତ ବର୍ଷ ଏସିଆନ ଗେମ୍ସର ଦୌଡ଼କୁଦରୁ ବିନା ସ୍ୱର୍ଣ୍ଣରେ ଅଭିଯାନ ଶେଷ କରିବାର ଆଶଙ୍କା ଦେଖାଯାଉଥିଲା । କାରଣ ଏଯାଏ ଭାରତ ଚଳିତ ଏସିଆନ ଗେମ୍ସର ଦୌଡ଼କୁଦରୁ ସ୍ୱର୍ଣ୍ଣ ସଫଳତା ପାଇ ନଥିଲା । ୧୯୯୪ ହିରୋଶିମା ଗେମ୍ସ ପରେ ଭାରତ ପୁଣି ଗୋଟିଏ ଲଜ୍ଜାଜନକ ସ୍ଥିତିର ସମ୍ମୁଖୀନ ହେବ ବୋଲି ସମସ୍ତେ ଆକଳନ କରିଥିଲେ । ହେଲେ ଭାରତୀୟ ମହିଳା ରିଲେ ଟିମ ବେଶ ନାଟକୀୟ ଷ୍ଟାଇଲରେ ଏହି ଲଜ୍ଜାରୁ ଦେଶକୁ ବଂଚାଇ ଦେଇଛି । ଆଜି ମହିଳା ରିଲେର ଆରମ୍ଭ ଭାରତ ପାଇଁ ଆଦୌ ଭଲ ନଥିଲା । ହେଲେ ଶେଷ ୨ ରାଉଣ୍ଡ ଭାରତୀୟ ଖେଳାଳି ଜବରଦସ୍ତ କମବ୍ୟାକ କରିଥିଲେ । ଶେଷରେ ବିଥ୍ୟା ରାମରାଜ ୫ମ ସ୍ଥାନରୁ ସିଧା ଜମ୍ପ ମାରି ଭାରତକୁ ସ୍ୱର୍ଣ୍ଣ ଭେଟି ଦେଇଥିଲେ । ଭାରତ ୩.୨୯.୬୯ ସେକେଣ୍ଡରେ ରେସ୍ ଶେଷ କରି ସ୍ୱର୍ଣ୍ଣ ଜିତିଛି । ବାହାରିନର ଟାଇମିଂ ୩.୩୦.୨୧ ସେକେଣ୍ଡ ରହିଥିଲା ବେଳେ ଚାଇନାକୁ ମିଳିଛି କାଂସ୍ୟ ପଦକ । ଏକଦା ଚାଇନା ଲିଡ କରୁଥିଲା । ହେଲେ ଶେଷ ରାଉଣ୍ଡରେ ସବୁ କିଛି ଓଲଟ ପାଲଟ ହୋଇ ଯାଇଥିଲା । ବିଥ୍ୟାଙ୍କ ପାଇଁ ଚଳିତ ଏସିଆନ ଗେମ୍ସରେ ଏହା ବ୍ୟକ୍ତିଗତ ଭାବେ ତୃତୀୟ ପଦକ । ସେ ଏହା ପୂର୍ବରୁ ସେ ୪ ଗୁଣା ୪୦୦ ମିକ୍ସଡ ରିଲେରେ ରୌପ୍ୟ ଓ ମହିଳା ୪୦୦ ମିଟର ହର୍ଡଲ୍ସରେ ବ୍ରୋଞ୍ଜ ପଦକ ଜିତିଥିଲେ । ଏବେ ସେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି । ମହିଳା ଟିମ ୪ ଗୁଣା ୪୦୦ ରିଲେରେ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ପୁରୁଷ ଟିମ ମଧ୍ୟ ସମାନ ବର୍ଗରେ ଆଦୌ ନିରାଶ କରି ନାହିଁ । ପୁରୁଷ ଟିମ ୪ ଗୁଣା ୪୦୦ ରିଲେରେ ଦେଶ ପାଇଁ କାଂସ୍ୟ ପଦକ ଜିତିଛି । ଧର୍ମବୀର ଚୌଧୁରୀ, ମନୁ ଥିକିନିଲ, ଜୟ କୁମାର ଓ ବିଶାଲ ଥେନାରାସୁ ଭାରତ ପାଇଁ ଏହି ସଫଳତା ଆଣିଛନ୍ତି । ଏହି ସଫଳତା ପରେ ଚଳିତ ଏସିଆନ ଗେମ୍ସରେ ଭାରତର ପଦକ ସଂଖ୍ୟା ୫୨କୁ ବୃଦ୍ଧି ପାଇଛି । ଏହା ମଧ୍ୟରେ ୬ଟି ସ୍ୱର୍ଣ୍ଣ ରହିଛି ।

ଆର୍ମି ଶୁଟର ନୀରୁ ଜିତିଲେ ଭାରତ ପାଇଁ ଐତିହାସିକ ସ୍ୱର୍ଣ୍ଣ

ନୂଆଦିଲ୍ଲୀ, ୨୯/୯(ନ୍ୟୁ.ଏ): ଏହା ରାଇଫଲ କିମ୍ବା ପିସ୍ତଲ ଭଳି ପ୍ରତିଷ୍ଠିତ ବର୍ଗ ନଥିଲା । କିନ୍ତୁ ଶଟଗନ୍ ବର୍ଗରେ ଭାରତକୁ ଏସିଆନ୍ ଗେମ୍ସରେ ମିଳିଛି ନିଜର ପ୍ରଥମ ସ୍ୱର୍ଣ୍ଣ । ୨୬ ବର୍ଷୀୟ ଆର୍ମି ଶୁଟର ନୀରୁ ଧଣ୍ଡା ମହିଳା ବର୍ଗର ଟ୍ରାପ ଇଭେଂଟରେ ଭାରତ ପାଇଁ ଜିତିଛନ୍ତି ଐତିହାସିକ ସ୍ୱର୍ଣ୍ଣ ପଦକ । ସେ କେବଳ ସ୍ୱର୍ଣ୍ଣ ପଦକ ଜିତି ନାହାନ୍ତି, ବରଂ ନୂଆ ଏସିଆନ ରେକର୍ଡ ମଧ୍ୟ ସୃଷ୍ଟି କରିପାରିଛନ୍ତି । ସ୍ୱର୍ଣ୍ଣ ପାଇଁ ଭାରତ ଅପେକ୍ଷା କରିଥିଲା । ଏବେ ବେଶ ନାଟକୀୟ ଶୈଳୀରେ ଭାରତକୁ ଏହି ସଫଳତା ମିଳିଛି । ନୀରୁ ଜାପାନର ଆଇଚି ପ୍ରେଫରେ ବର୍ଷା ହେଉଥିଲେ ମଧ୍ୟ ନିଜର ଜଲୱା ଦେଖାଇଛନ୍ତି । କିଛି ମାସ ତଳେ ନୀରୁ ମହିଳା ଟ୍ରାପ ଇଭେଂଟରେ ବିଶ୍ୱକପ ସ୍ୱର୍ଣ୍ଣ ହାତେଇଥିଲେ । ଏବେ ଏସିଆନ ଗେମ୍ସରେ ମଧ୍ୟ ସେ ଶୀର୍ଷ ସ୍ଥାନ ଦଖଲ କରିଛନ୍ତି । ଏସିଆନ ଗେମ୍ସର ମହିଳା ଟ୍ରାପ୍ ଇଭେଂଟରେ ଏହାର ଭାରତର ପ୍ରଥମ ବ୍ୟକ୍ତିଗତ ସ୍ୱର୍ଣ୍ଣ । ଏହାପୂର୍ବରୁ ସେ ଭାରତୀୟ ମହିଳା ଦଳର ନେତୃତ୍ୱ ନେଇ ସମାନ ବର୍ଗରେ ଦେଶ ପାଇଁ ରୌପ୍ୟ ପଦକ ଜିତିଥିଲେ । ବ୍ୟକ୍ତିଗତ ଯୋଗ୍ୟତା ପର୍ଯ୍ୟାୟରେ ନୀରୁ ୧୨୫ରୁ ୧୧୮ ପଏଂଟ ସହ ଟପ୍‌ରେ ରହିଥିଲେ । ୩ ଦିନ ଧରି ଜାରି ରହିଥିବା ଯୋଗ୍ୟତା ପର୍ଯ୍ୟାୟରେ ନୀରୁଙ୍କ ଦବଦବା ଦେଖିବାକୁ ମିଳିଥିଲା । ନୀରୁ ୩୦ଟିରୁ ୨୮ଟି ଶଟ୍ ହିଟ୍ କରିଥିଲେ । ଏହା ପୂର୍ବ ଏସିଆନ ରେକର୍ଡ ଠାରୁ ୪ ଅଧିକ । ଚାଇନାର ଝନ୍ ୟୁନୋଙ୍ଗ ୩୦ରୁ ୨୬ଟି ଶଟ୍ ହିଟ୍ କରି ରୌପ୍ୟ ଓ କୁଏତର ହାଜାର ଅବଦୁଲମାଲିକ ୨୧ଟି ଶଟ ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଫାଇନାଲ ସିରିଜରେ ପ୍ରବେଶ କରିବା ପୂର୍ବରୁ ନୀରୁଙ୍କ ପାଖରେ ୨ ପଏଂଟର ଲିଡ୍ ଥିଲା । କିନ୍ତୁ ଚାପ ଅନେକ ଥର ଭାରତୀୟ ଶୁଟରଙ୍କୁ ଅଡୁଆରେ ପକାଇବାର ନଜିର ରହିଥିଲା । ହେଲେ ନୀରୁ ସବୁ ଧାରାକୁ ବଦଳାଇ ଦେଇଛନ୍ତି । ପ୍ରବଳ ବର୍ଷା ସତ୍ତ୍ୱେ ସେ ନିଜର ଟାର୍ଗେଟକୁ ମିସ କରି ନଥିଲେ । ସେ ୫ଟି ଯାକ ଶଟ୍‌କୁ ହିଟ୍ ? କରି ଝନ ୟୁନୋଙ୍ଗଙ୍କୁ ପଛରେ ପକାଇ ଦେଇଥିଲେ । ନୀରୁ କେବଳ ସିରିଜ ୨ ଓ ୫ରେ ଗୋଟିଏ ଲେଖାଏ ଶଟ୍ ମିସ କରିଛନ୍ତି । ନଚେତ ବାକି ସବୁ ଶଟ୍‌କୁ ସେ ହିଟ କରିପାରିଛନ୍ତି । ନିଜର ଭାଉ ଲକ୍ଷ୍ୟ ଶେରାନଙ୍କ ଠାରୁ ଅନୁପ୍ରାଣିତ ହୋଇ ନୀରୁ ଶୁଟିଂ ଟ୍ରାପ ଇଭେଂଟକୁ ଆସିଥିଲେ । ୨୦୧୮ ଏସିଆନ ଗେମ୍ସରେ ଲକ୍ଷ୍ୟ ଦେଶ ପାଇଁ ରୌପ୍ୟ ପଦକ ପାଇଥିଲେ । ଏହାକୁ ଦେଖିବା ପରେ ନୀରୁ ଭାରତ ପାଇଁ ଖେଳିବା ସହ ଏବେ ଐତିହାସିକ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ।

ଏସିଆନ ଗେମ୍ସରେ ଗୁଲବୀର ସିଂହଙ୍କ ହ୍ୟାଟ୍ରିକ୍

ନୂଆଦିଲ୍ଲୀ, ୨୯/୯(ନ୍ୟୁ.ଏ): ଭାରତର ଷ୍ଟାର ଲଙ୍ଗ ରନର ଗୁଲବୀର ସିଂହ ଜାପାନରେ କରିଛନ୍ତି କମାଲ । ସେ ଭାରତ ପାଇଁ ଏସିଆନ ଗେମ୍ସ ୨୦୨୬ରେ ହାସଲ କରିଛନ୍ତି ହ୍ୟାଟ୍ରିକ । ସେ ଏକାକୀ ଭାରତ ପାଇଁ ୩ଟି ଭିନ୍ନଭିନ୍ନ ରନିଂ ଇଭେଂଟରେ ୩ଟି ପଦକ ଜିତି ନୂଆ ରେକର୍ଡ ସୃଷ୍ଟି କରିଛନ୍ତି । ଗୁଲବୀର ମଙ୍ଗଳବାର ପୁରୁଷ ୫୦୦୦ ମିଟର ଫାଇନାଲରେ ଦେଶ ପାଇଁ ଜିତିଛନ୍ତି ବ୍ରୋଞ୍ଜ ପଦକ । ଏହା ଚଳିତ ଏସିଆନ ଗେମ୍ସରେ ତାଙ୍କର ବ୍ୟକ୍ତିଗତ ତୃତୀୟ ପଦକ । ଗୁଲବୀର ସିଂହ ୫୦୦୦ ମିଟର ଦୂରତାକୁ ୧୩ ମିନିଟ୍ ୩୨.୭୫ ସେକେଣ୍ଡରେ ଅତିକ୍ରମ କରି ଏପରି ସଫଳତା ପାଇଛନ୍ତି । ବାହାରିନର ବ୍ରିହାନୁ ବାଲେଓ୍ୱ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ତାଙ୍କ ଟାଇମିଂ ରହିଛି ୧୩ ମିନିଟ ୩୦.୭୯ ସେକେଣ୍ଡ । ସେହିପରି ରୌପ୍ୟ ପଦକ ଦଖଲ କରିଛନ୍ତି ଏସିଆନ ଗେମ୍ସର ଆୟୋଜକ ଜାପାନର ଟୋମୋନୋରି ୟାମାଗୁଚି । ସେ ୧୩.୩୧.୪୩ ସେକେଣ୍ଡରେ ୫୦୦୦ ମିଟର ଦୂରତାକୁ ଅତିକ୍ରମ କରିଛନ୍ତି । ଗୁଲବୀର ଏହି ଇଭେଂଟରେ ବ୍ରୋଞ୍ଜ ପଦକ ପାଇଥିବା ବେଳେ ଏହା ପୂର୍ବରୁ ମଧ୍ୟ ଦୁଇଟି ପଦକ ସଫଳତା ପାଇଥିଲେ । ୧୫୦୦ ମିଟର ଫାଇନାଲରେ ସେ ଦେଶ ପାଇଁ ରୌପ୍ୟ ପଦକ ଓ ୧୦ ହଜାର ମିଟର ଫାଇନାଲରେ ମଧ୍ୟ ରୌପ୍ୟ ପଦକ ପାଇଥିଲେ । ୧୫୦୦ ମିଟର ଦୂରତାକୁ ସେ ୩ ମିନିଟ ୩୧.୧୩ ସେକେଣ୍ଡରେ ଅତିକ୍ରମ କରିଥିଲେ । ଏହି ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଥିଲା । ଗତ ସପ୍ତାହରେ ଅନୁଷ୍ଠିତ ୧୦,୦୦୦ ମିଟର ଫାଇନାଲରେ ତାଙ୍କ ଟାଇମିଂ ଥିଲା ୨୮ ମିନିଟ ୨୯.୩୮ ସେକେଣ୍ଡ । ୧୦ ହଜାର ମିଟର ରେସ୍‌ରେ ରୌପ୍ୟ ପାଇବା ଗୁଲବୀରଙ୍କ ପାଇଁ ପ୍ରଥମ ଘଟଣା । ସେ ୨୦୨୩ ଚାଇନା ସ୍ଥିତ ଏସିଆନ ଗେମ୍ସରେ ଦେଶ ପାଇଁ ଏହି ଇଭେଂଟରେ ବ୍ରୋଞ୍ଜ ପଦକ ପାଇଥିଲେ । ଏଥର ସେ ରୌପ୍ୟ ପଦକ ପାଇଛନ୍ତି । ଏପଟେ ମହିଳା ଉଚ୍ଚ ଡିଆଁରେ ମଧ୍ୟ ଭାରତକୁ ବ୍ରୋଞ୍ଜ ପଦକ ମିଳିଛି । ୧.୮୪ ମିଟର ସଫଳତା ସହ ଭାରତର ପୂଜା ଏହି ସଫଳତା ପାଇଛନ୍ତି । ସେହିପରି ୪ ଗୁଣା ୧୦୦ ମିଟର ମିକ୍ସଡ ରିଲେରେ ମଧ୍ୟ ଭାରତକୁ କାଂସ୍ୟ ପଦକ ମିଳିଛି । ଭାରତ ଏହି ରେସ୍‌କୁ ସିଜିନ ବେଷ୍ଟ ୪୧.୦୬ ସେକେଣ୍ଡରେ ଶେଷ କରିପାରିଛି । ଚାଇନା ଏହି ବର୍ଗରେ ପ୍ରଥମ ସ୍ଥାନରେ ରହିଥିବା ବେଳେ ଥାଇଲାଣ୍ଡ ରୌପ୍ୟ ପଦକ କବଜା କରିଛି ।

ଦିଲ୍ଲୀରୁ ଡ୍ରଗ୍ସ କୁଇନ୍ ଗିରଫ

ନୂଆଦିଲ୍ଲୀ, ୨୯/୯(ନ୍ୟୁ.ଏ): ଏକ ବଡ଼ ଆନ୍ତଃରାଜ୍ୟ ଡ୍ରଗ୍ସସିଣ୍ଡିକେଟ୍‌ର ପର୍ଦ୍ଦାଫାସ୍ ଦିଲ୍ଲୀ ପୁଲିସଦ୍ୱାରା କରାଯାଇଛି । ଅପରେସନ୍ ସମୟରେ ଡ୍ରଗ୍ସ କୁଇନ୍ ଚାଳଣକାରୀ ପାର୍ବତୀଙ୍କ ଘରୁ କୋଟି କୋଟି ଟଙ୍କାର ବେଆଇନ ସମ୍ପତି ଜବତ କରାଯାଇଛି । ପୁଲିସ ମୋଟ ୧.୨୦୪ କିଲୋଗ୍ରାମ ହେରୋଇନ୍ ଏବଂ ୬୪ ଲକ୍ଷ ୬୨ ହଜାର ନଗଦ ମଧ୍ୟ ଜବତ କରିଛି ।ଏଫଆଇଆର ଅନୁଯାୟୀ, ଡ୍ରଗ୍ସ କିଙ୍ଗପିନ୍ ପାର୍ବତୀଙ୍କ ଘରୁ ନଗଦ ସହିତ ୩୫୫ ଗ୍ରାମ ସୁନା ଏବଂ ୧୬୧ ଗ୍ରାମ ରୁପା ମଧ୍ୟ ଜବତ କରାଯାଇଛି । ପୁଲିସ ଚୋରା ଚାଲାଣରୁ କିଣାଯାଇଥିବା ସମ୍ପତି ସହିତ ଜଡିତ ଚାରୋଟି ସମ୍ପତିର ରେଜିଷ୍ଟ୍ରି ଡକ୍ୟୁମେଂଟ ମଧ୍ୟ ଜବତ କରିଛି । ଡିସିପିଙ୍କ କାର୍ଯ୍ୟାଳୟ ବାହ୍ୟ ଉତର ଜିଲ୍ଲାରୁ ଏକ ଦଳ ଏହି ଅଭିଯାନ ଚଳାଇଥିଲା । ଏହି ମାମଲାରେ ଏପର୍ଯ୍ୟନ୍ତ ତିନି ଜଣ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଛି । ଏହି ଗ୍ୟାଙ୍ଗର ନେଟୱାର୍କ ଦିଲ୍ଲୀରୁ ରାଜସ୍ଥାନ ପର୍ଯ୍ୟନ୍ତ ଲମ୍ବିଥିବା କୁହାଯାଉଛି । ଏହି ଗ୍ୟାଙ୍ଗ ହେରୋଇନ୍ ଯୋଗାଣରେ ସାମିଲ ଥିଲା । ପୁଲିସ ଦୁଇଟି କାର ମଧ୍ୟ ଜବତ କରିଛି । ଉଦ୍ଧାର ହୋଇଥିବା ସମସ୍ତ ଜିନିଷ ନିଶା କାରବାରରୁ ବେଆଇନ ଆୟ ବୋଲି ଅନୁମାନ କରାଯାଉଛି ।

ନିର୍ବାଚନ କମିଶନଙ୍କ ନିଷ୍ପତିକୁ ନେଇ ସନ୍ଦେହ

ନୂଆଦିଲ୍ଲୀ, ୨୯/୯(ନ୍ୟୁ.ଏ): ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ନେତୃତ୍ୱାଧୀନ ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ) ପକ୍ଷରୁ ନିଆଯାଇଥିବା ବିଭିନ୍ନ ନିଷ୍ପତିକୁ ନେଇ ଆଗତ ଆବେଦନର ଆସନ୍ତା ସପ୍ତାହରେ ଶୁଣାଣି କରିବାକୁ ମଙ୍ଗଳବାର ସୁପ୍ରିମକୋର୍ଟ ସମ୍ମତି ପ୍ରକାଶ କରିଛନ୍ତି । ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ବିଚାରପତି ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ସମ୍ମୁଖରେ ବରିଷ୍ଠ ଆଇନଜୀବୀ ବିକାଶ ସିଂହ ଏହି ମାମଲାକୁ ଉପସ୍ଥାପନ କରିଥିଲେ । ବହୁସଦସ୍ୟ ବିଶିଷ୍ଟ ନିର୍ବାଚନ କମିଶନଙ୍କ ଆଇନଗତ ନିୟମାନୁସାରେ ସମସ୍ତ ନିଷ୍ପତି ସର୍ବସମ୍ମତିକ୍ରମେ କିମ୍ବା ବହୁମତ ଆଧାରରେ ଗ୍ରହଣ କରାଯିବା ଆବଶ୍ୟକ । ମାତ୍ର ବର୍ତମାନ କମିଶନ ଯେପରି କାର୍ଯ୍ୟ କରୁଛନ୍ତି, ସେଥିରେ ନିଷ୍ପତିଗୁଡ଼ିକ ସର୍ବସମ୍ମତ କି ନୁହେଁ ସେ ନେଇ ସନ୍ଦେହ ସୃଷ୍ଟି ହୋଇଛି ବୋଲି ବିକାଶ ସିଂହ ଅଦାଲତକୁ ଜଣାଇଛନ୍ତି । ଗତ ୧୦ ମାସ ମଧ୍ୟରେ ଭୋଟର ତାଲିକା ନାମ ସାମିଲ କରିବା, ବାଦ୍ ଦେବା, ପୁନରୁଦ୍ଧାର ଏବଂ ପଞ୍ଜୀକରଣ ପ୍ରକ୍ରିୟାରେ ପରିବର୍ତନ ସହ ଜଡ଼ିତ ପ୍ରାୟ ୧୪ଟି ନିଷ୍ପତି ଓ ଆଦେଶକୁ ନେଇ ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଏବଂ ବିବେକ ଯୋଶୀ ଆନୁଷ୍ଠାନିକ ଭାବେ ଆପତି ଜଣାଇଥିବା ନେଇ ସମ୍ବାଦ ପ୍ରକାଶ ପାଇବା ପରେ ଏହି ବିବାଦ ଆରମ୍ଭ ହୋଇଛି । ଅନ୍ୟପକ୍ଷରେ, ନିର୍ବାଚନ ଆୟୋଗ ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରି ନିଜର ସମସ୍ତ ନିଷ୍ପତି ସର୍ବସମ୍ମତିକ୍ରମେ ନିଆଯାଇଛି ବୋଲି ସ୍ପଷ୍ଟ କରିଛନ୍ତି । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଏବଂ ଦୁଇ ନିର୍ବାଚନ କମିଶନର ଏସ.ଏସ. ସାନ୍ଧୁ ଓ ବିବେକ ଯୋଶୀଙ୍କ ବୈଠକ ପରେ ଜାରି ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ଯେ, କ୍ୟାବିନେଟ୍ ସଚିବ ଟି.ଭି. ସୋମନାଥନଙ୍କୁ ଲେଖାଯାଇଥିବା ଚିଠି କୌଣସି ନୀତିଗତ ବିଷୟ ସହ ଜଡ଼ିତ ନୁହେଁ, ବରଂ ଡେପୁଟେସନରେ ଥିବା ଜଣେ ଅଧିକାରୀଙ୍କ କାର୍ଯ୍ୟାବଳୀ ସହ ଜଡ଼ିତ ।

ଆମେରିକା ଉପରେ ଅସନ୍ତୋଷ ଝାଡ଼ିଲେ ଜୟଶଙ୍କର

ନୂଆଦିଲ୍ଲୀ, ୨୯/୯(ନ୍ୟୁ.ଏ): ପାକିସ୍ତାନରୁ ଚାଲିଥିବା ଆତଙ୍କବାଦ ଓ ଦ୍ୱିପାକ୍ଷିକ ବାଣିଜ୍ୟ ପ୍ରସଙ୍ଗରେ ଆମେରିକାର ମନୋଭାବକୁ ନେଇ ଭାରତର ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଅସନ୍ତୋଷ ପ୍ରକାଶ କରିଛନ୍ତି । ମଙ୍ଗଳବାର ନିୟୁୟର୍କଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ ସ୍ପଷ୍ଟ ଭାବେ କହିଛନ୍ତି ଯେ, ପାକିସ୍ତାନ ଦ୍ୱାରା ଭାରତ ଉପରେ ବର୍ଷ ବର୍ଷ ଧରି ହେଉଥିବା ଆତଙ୍କବାଦୀ ଆକ୍ରମଣ ଭାରତ ପାଇଁ ସବୁଠାରୁ ବଡ଼ ସମସ୍ୟା । ମାତ୍ର ଆମେରିକା ଭଳି ସହଯୋଗୀ ଦେଶ ଭାରତର ଏହି ସମ୍ବେଦନଶୀଳ ସମସ୍ୟାକୁ ସଠିକ୍ ଭାବେ ନବୁଝିବା କିମ୍ବା ଗୁରୁତ୍ୱ ନଦେବା ଦ୍ୱାରା ଦୁଇ ଦେଶର ବନ୍ଧୁତା ଓ ସମ୍ପର୍କ ଉପରେ ଖରାପ ପ୍ରଭାବ ପଡୁଛି । ଏହା ସହିତ ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି କଠିନ ହେବା ଏବଂ ଆମେରିକାର ନୂଆ ଶୁଳ୍କ (ଟାରିଫ୍) ନୀତି ଯୋଗୁଁ ସମ୍ପର୍କରେ କିଛି ମତଭେଦ ଦେଖାଦେଇଥିବା ସେ ସ୍ୱୀକାର କରିଛନ୍ତି । ଭାରତର କ୍ଷୁଦ୍ର ବ୍ୟବସାୟୀ, ଚାଷୀ ଓ ଛୋଟ କାରଖାନାଗୁଡ଼ିକର ସ୍ୱାର୍ଥକୁ ସୁରକ୍ଷିତ ରଖିବା ପାଇଁ ଭାରତ ନିଜ ସ୍ଥାପନାରେ କୌଣସି ଆପୋଷ ବୁଝାମଣା କରିନାହିଁ । ତେବେ ବର୍ତମାନ ଏହି ବାଣିଜ୍ୟ ଚୁକ୍ତି ଉପରେ ଏକ ପ୍ରକାର ସହମତି ପ୍ରକାଶ ପାଇଛି । ଅନ୍ୟପକ୍ଷରେ, ଜାତିସଂଘ ସାଧାରଣ ସଭାରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ମିଥ୍ୟା ଦାବିର କଡ଼ା ଜବାବ ଦେଇଛନ୍ତି ଜୟଶଙ୍କର । ସେ ପାକିସ୍ତାନକୁ ''କ୍ରମାଗତ ଆତଙ୍କବାଦ ରପ୍ତାନି କରୁଥିବା ଦେଶ'' ବୋଲି କହିବା ସହ ଆତଙ୍କବାଦ ଓ ବନ୍ଧୁତା କେବେ ହେଲେ ଏକାଠି ଚାଲିପାରିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି । ନିଜର ସୁରକ୍ଷା ପାଇଁ ଭାରତ କଠୋର ପଦକ୍ଷେପ ନେବାର ପୂର୍ଣ୍ଣ ଅଧିକାର ରଖିଛି ବୋଲି ସେ ଦୃଢ଼ ଭାବେ କହିଛନ୍ତି ।

୧୫୦ ଆସନ ମାଗିଲା କଂଗ୍ରେସ: ସପା ନେତା କହିଲେ, '୫ ପିଢ଼ି ଯାଏଁ ପ୍ରଧାନମନ୍ତ୍ରୀ ପଦ ଭୁଲିଯାଅ'

ନୂଆଦିଲ୍ଲୀ, ୨୯/୯(ନ୍ୟୁ.ଏ): ୨୦୨୭ ଉତରପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ସମାଜବାଦୀ ପାର୍ଟି ଓ କଂଗ୍ରେସ ମଧ୍ୟରେ ଆସନ ବଂଟନକୁ ନେଇ ରାଜନୈତିକ ବୟାନବାଜି ତୀବ୍ର ହୋଇଛି । କଂଗ୍ରେସ ୪୦୩ ଆସନ ମଧ୍ୟରୁ ଅତିକମରେ ୧୫୦ ଆସନରେ ଲଢ଼ିବାକୁ ଚାହୁଁଥିବା କହିବା ପରେ ସପା ନେତା ଆଇପି ସିଂହ ଏହାକୁ ନେଇ କଟାକ୍ଷ କରିଛନ୍ତି । କଂଗ୍ରେସର ଉତରପ୍ରଦେଶ ପ୍ରଭାରୀ ରାଜେନ୍ଦ୍ର ପାଲ ଗୌତମ କହିଛନ୍ତି, ଦଳ ୧୫୦ରୁ କମ୍ ଆସନରେ ଲଢ଼ିବାକୁ ଚାହୁଁନାହିଁ ଏବଂ ସମସ୍ତ ୪୦୩ ଆସନ ପାଇଁ ପ୍ରସ୍ତୁତି ରହିଛି । ଏହାର ପ୍ରତିକ୍ରିୟାରେ ଆଇପି ସିଂହ କଂଗ୍ରେସକୁ ସମସ୍ତ ୪୦୩ ଆସନରେ ଏକାକୀ ଲଢ଼ି ନିଜ ଶକ୍ତି ପରୀକ୍ଷା କରିବାକୁ ଆହ୍ୱାନ ଦେଇଛନ୍ତି । କଂଗ୍ରେସ ନେତାମାନେ ଦିଲ୍ଲୀରେ ବସି ବଡ଼ ସ୍ୱପ୍ନ ଦେଖୁଛନ୍ତି ବୋଲି ସେ କଟାକ୍ଷ କରିବା ସହ ରାହୁଲ ଗାନ୍ଧୀଙ୍କ ଦୀର୍ଘ ରାଜନୈତିକ ଯାତ୍ରା ପରେ ମଧ୍ୟ ଉତରପ୍ରଦେଶରେ କଂଗ୍ରେସର ସଂଗଠନ କେତେ ମଜବୁତ ହୋଇଛି ବୋଲି ପ୍ରଶ୍ନ ଉଠାଇଛନ୍ତି । ସିଂହଙ୍କ କହିବା ଅନୁଯାୟୀ, କେବଳ ବଡ଼ ମଂଚ, କ୍ୟାମେରା ଓ ବୟାନ ଦ୍ୱାରା ଜନାଧାର ସୃଷ୍ଟି ହୁଏନାହିଁ । ରାସ୍ତାରେ ଆନ୍ଦୋଳନ, ବୁଥ୍ ?ସ୍ତରରେ ସଂଗଠନ ଏବଂ ଲୋକଙ୍କ ସହ ନିରନ୍ତର ସମ୍ପର୍କ ରଖିବା ହିଁ ରାଜନୈତିକ ଶକ୍ତିର ମୂଳ ଆଧାର ବୋଲି ସେ କହିଛନ୍ତି । କଂଗ୍ରେସ ନିଜର ରାଜନୈତିକ ଦିଗ ଓ ଲକ୍ଷ୍ୟ ସ୍ପଷ୍ଟ କରିବା ଉଚିତ ବୋଲି ମଧ୍ୟ ସେ ମତ ରଖିଛନ୍ତି ।

ଜ୍ଞାନେଶ କୁମାରଙ୍କ ଉପରେ ଚାପ ପକାଇଥିବା ପ୍ରଧାନମନ୍ତ୍ରୀ ମୋଦୀ ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ : ଖଡଗେ

ନୂଆଦିଲ୍ଲୀ, ୨୯/୯(ନ୍ୟୁ.ଏ): କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ଶାସକ ଦଳକୁ ଲାଭ ପହଂଚାଉଥିବା ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଉପରେ ଚାପ ପକାଇଥିବାରୁ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବା ଉଚିତ୍ । ସେ ଜ୍ଞାନେଶ କୁମାରଙ୍କୁ ତୁରନ୍ତ ପଦରୁ ବହିଷ୍କାର କରିବାକୁ ମଧ୍ୟ କହିଛନ୍ତି । କଂଗ୍ରେସ କାର୍ଯ୍ୟକାରିଣୀ କମିଟି ବୈଠକରେ ଉଦବୋଧନ ଦେଇ ଖଡ଼ଗେ କହିଛନ୍ତି ଯେ, ଦଳର ଲଢ଼େଇ କୌଣସି ଦଳ, ସଂଗଠନ କିମ୍ବା ବ୍ୟକ୍ତିବିଶେଷଙ୍କ ବିରୋଧରେ ନୁହେଁ, ବରଂ ଭୋଟରଙ୍କ ଅଧିକାର, ସମ୍ବିଧାନ ଏବଂ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁରକ୍ଷା ଦେବା ପାଇଁ । ସେ କହିଛନ୍ତି,ନିର୍ବାଚନ କମିସନର ସ୍ୱାଧୀନତା ଗଣତନ୍ତ୍ରର ସୁରକ୍ଷା ପାଇଁ ପ୍ରଥମ ସର୍ତ ମଧ୍ୟରୁ ଗୋଟିଏ । ଭୋଟର ତାଲିକାର ଏକ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କରିବା ପାଇଁ କିଏ ନିଷ୍ପତି ନେଇଥିଲା ଏବଂ ଦୁଇ ନିର୍ବାଚନ କମିସନରଙ୍କୁ ଆଭ୍ୟନ୍ତରୀଣ ପୋର୍ଟାଲରୁ କାହିଁକି ବାଦ୍ ଦିଆଯାଇଥିଲା ବୋଲି କଂଗ୍ରେସ ଅଧ୍ୟକ୍ଷ ପ୍ରଶ୍ନ କରିଥିଲେ । ନିର୍ବାଚନ କମିସନରଙ୍କ କାର୍ଯ୍ୟକାରିତା ଉପରେ ଗମ୍ଭୀର ପ୍ରଶ୍ନ ଉଠାଯାଉଛି ଏବଂ ନିର୍ବାଚନ କମିସନରମାନଙ୍କ ମଧ୍ୟରେ ମତଭେଦ ଦେଖାଦେଇଛି । ଏପରି ପରିସ୍ଥିତିରେ ସମ୍ପୃକ୍ତ ସିଇସିଙ୍କର ପଦବୀରେ ରହିବାର କୌଣସି ଅଧିକାର ନାହିଁ । ତାଙ୍କୁ ତୁରନ୍ତ ବହିଷ୍କାର କରାଯିବା ଉଚିତ୍ । ପ୍ରଧାନମନ୍ତ୍ରୀଙ୍କ ଚାପ ଯୋଗୁଁ ଏହା ଘଟିଛି, ଏବଂ ପ୍ରଧାନମନ୍ତ୍ରୀ ନିଜେ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବା ଉଚିତ୍ । ସେ ଅଭିଯୋଗ କରିଛନ୍ତି, ଭୋଟର ତାଲିକାରୁ ଲୋକଙ୍କ ନାମ କଟାଯାଉଛି, ଯାହା ଯୋଗ୍ୟ ନାଗରିକଙ୍କ ଭୋଟଦାନ ଅଧିକାରକୁ ପ୍ରଭାବିତ କରିପାରେ । ସମ୍ବିଧାନ ସଭାରେ, ଡକ୍ଟର ବି.ଆର. ଆମ୍ବେଦକର ମତଦାନ ଅଧିକାରକୁ ଗଣତନ୍ତ୍ରର ସବୁଠାରୁ ମୌଳିକ ଉପାଦାନ ଭାବରେ ବର୍ଣ୍ଣନା କରିଥିଲେ । ଗଣତନ୍ତ୍ରରେ, ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ଭୋଟକୁ ସୁରକ୍ଷିତ ରଖିବା ଉଚିତ୍ ଏବଂ ପ୍ରତ୍ୟେକ ଭୋଟକୁ ନିରପେକ୍ଷ ଭାବରେ ଗଣନା କରାଯିବା ଉଚିତ୍ । କୌଣସି ଅଧିକାରୀଙ୍କ ଇଚ୍ଛା ଉପରେ ଆଧାର କରି କୌଣସି ଯୋଗ୍ୟ ବ୍ୟକ୍ତିଙ୍କୁ ଭୋଟର ତାଲିକାରୁ ବାଦ ଦିଆଯିବା ଉଚିତ୍ ନୁହେଁ । ଦେଶରେ ଏପରି ପ୍ରତିଷ୍ଠାନ ସୃଷ୍ଟି କରିବାରେ ଏବଂ ସେଗୁଡ଼ିକୁ ସ୍ୱାଧୀନ ଏବଂ ସଶକ୍ତ କରିବାରେ କଂଗ୍ରେସ ଭୂମିକା ଗ୍ରହଣ କରିଥିଲା, କିନ୍ତୁ ଆଜି ଏହି ପ୍ରତିଷ୍ଠାନଗୁଡ଼ିକର ସ୍ୱାଧୀନତା ଉପରେ ପ୍ରଶ୍ନ ଉଠାଯାଉଛି । ଆମର ପ୍ରଶ୍ନ ଏହି ପ୍ରତିଷ୍ଠାନଗୁଡ଼ିକୁ ଦୁର୍ବଳ କରିବା ପାଇଁ ନୁହେଁ । ଆମେ ଚାହୁଁଛୁ ଯେ ନିର୍ବାଚନ କମିସନ ଏତେ ଶକ୍ତିଶାଳୀ ଏବଂ ନିର୍ଭରଯୋଗ୍ୟ ହେଉ ଯେ, ଶାସକ ଦଳ ଏବଂ ବିରୋଧୀ ଦଳ ଉଭୟ ଏହାର ନିଷ୍ପତି ଉପରେ ସମାନ ବିଶ୍ୱାସ ରଖିବେ । କଂଗ୍ରେସ ଅଧ୍ୟକ୍ଷ ଦଳ ପକ୍ଷରୁ ପାଂଚଟି ଦାବି ରଖାଯାଇଛି । ସେଥିରେ ଭୋଟର ତାଲିକାରେ ହୋଇଥିବା ପ୍ରମୁଖ ପରିବର୍ତନର ସମ୍ପୂର୍ଣ୍ଣ ତଥ୍ୟ ସାର୍ବଜନୀନ କରିବା । ଯେଉଁ ଭୋଟରଙ୍କ ନାମ ବାଦ ଦିଆଯାଉଛି ସେମାନଙ୍କୁ ସୂଚନା ଦେବା ଏବଂ ସେମାନଙ୍କୁ ଆବେଦନ କରିବାର ସୁଯୋଗ ପ୍ରଦାନ କରିବା । ରାଜନୈତିକ ଦଳଗୁଡ଼ିକୁ ସମୟ ମଧ୍ୟରେ ଭୋଟର ତାଲିକା ସମ୍ବନ୍ଧୀୟ ଆବଶ୍ୟକୀୟ ତଥ୍ୟ ପ୍ରଦାନ କରିବା ।

ବ୍ଲାକ୍ ଗାଉନ୍‌ରେ ରାଜକୀୟ ଲୁକ୍, ପ୍ୟାରିସ୍‌ରେ ଛାଇଗଲେ ଐଶ୍ୱର୍ଯ୍ୟା

ନୂଆଦିଲ୍ଲୀ, ୨୯/୯(ନ୍ୟୁ.ଏ): ପ୍ୟାରିସ୍‌ରେ ଫ୍ୟାଶନ୍‌ର ଜଲୱା... ଆଉ ସେହି ମଂଚରେ ଚମକିଲେ ବଲିଉଡ୍‌ର ବିଶ୍ୱସୁନ୍ଦରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ । ବ୍ଲାକ୍ ଭେଲଭେଟ୍ ଗାଉନ୍‌ରେ ତାଙ୍କ ରାଜକୀୟ ଅନ୍ଦାଜ ଦେଖି ଫ୍ୟାନ୍‌ଙ୍କ ଆଖି ଅଟକି ଯାଇଛି । କେବଳ ଲୁକ୍ ନୁହେଁ, ଇଂଟରନ୍ୟାସନାଲ୍ ଷ୍ଟାରଙ୍କ ସହ ରାମ୍ପ ୱାକ୍ କରି ପୁଣିଥରେ ଗ୍ଲୋବାଲ୍ ଫ୍ୟାଶନ୍ ମଂଚରେ ନିଜ ଦବଦବା ଦେଖାଇଛନ୍ତି ଐଶ୍ୱର୍ଯ୍ୟା । ସେପ୍ଟେମ୍ବର ୨୮ ରେ ପ୍ୟାରିସ୍ ଫ୍ୟାଶନ୍ ୱିକ୍‌ରେ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ସାମିଲ ହୋଇଥିଲେ । ଏହି ଇଭେଂଟରୁ ତାଙ୍କର ଅନେକ ଫଟୋ ଓ ଭିଡିଓ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଛି । ଆଇଫେଲ୍ ଟାୱାର୍ ସାମ୍ନାରେ ପ୍ଲେସ୍ ଲୋପ୍ରେରେ ଆୟୋଜିତ ଏହି ଫ୍ୟାଶନ୍ ଶୋ'ରେ ସେ କେଣ୍ଡଲ୍ ଜେନର୍ ଓ ଇଭା ଲଙ୍ଗୋରିଆଙ୍କ ଭଳି ଗ୍ଲୋବାଲ୍ ଆଇକନ୍‌ଙ୍କ ସହ ରାମ୍ପ ୱାକ୍ କରିଥିଲେ । ଐଶ୍ୱର୍ଯ୍ୟା ଲୋରିଆଲ୍ ପ୍ୟାରିସ୍‌ର 'ଲେ ଡେଫିଲ୍'ର ନବମ ସଂସ୍କରଣରେ ଗ୍ଲୋବାଲ୍ ଆମ୍ବାସାଡର୍ ଭାବେ ଅଂଶଗ୍ରହଣ କରିଥିଲେ । ଏଥର ଶୋ'ର ଥିମ୍ ଥିଲା 'ୱାକ୍ ୟୋର୍ ୱର୍ଥ' । ଆତ୍ମବିଶ୍ୱାସ, ବିବିଧତା ଏବଂ ମହିଳାଙ୍କ ଏକତାକୁ ନେଇ ଏହି ଥିମ୍ ରହିଥିଲା । ଏହି ଅବସରରେ ଐଶ୍ୱର୍ଯ୍ୟା ଡିଜାଇନର୍ ଯାରା ଶ୍ରୁମାକରଙ୍କ ଡିଜାଇନ୍ କରିଥିବା ଶାନଦାର ବ୍ଲାକ୍ ଭେଲଭେଟ୍ ଗାଉନ୍ ପିନ୍ଧିଥିଲେ । ଗାଉନ୍ ସାଙ୍ଗକୁ କର୍ଲି ହେୟାର୍, ଟିଆରା, ଡ୍ୟୁଇ ମେକଅପ୍ ଏବଂ ରେଡ୍ ଲିପଷ୍ଟିକ୍ ତାଙ୍କ ଲୁକ୍‌କୁ ଆହୁରି ଆକର୍ଷଣୀୟ କରିଥିଲା । ସୋସିଆଲ୍ ମିଡିଆରେ ଫ୍ୟାନ୍ ?ମାନେ ତାଙ୍କ ଏହି ରାଜକୀୟ ଲୁକ୍‌କୁ ନେଇ ଚର୍ଚ୍ଚା କରୁଛନ୍ତି । ତେବେ ଫ୍ୟାଶନ୍ ଶୋ'ର ସବୁଠୁ ଖାସ୍ ମୁହୂର୍ତ ଥିଲା ଐଶ୍ୱର୍ଯ୍ୟା ଓ ସେଲିନ୍ ଡିଅନ୍‌ଙ୍କ ସାକ୍ଷାତ । ଦୁହେଁ ପରସ୍ପରର ହାତ ଧରିବା ସହ ଆଲିଙ୍ଗନ କରିଥିଲେ ଏବଂ କିସ୍ ମଧ୍ୟ କରିଥିଲେ । ଏହାପରେ ଷ୍ଟେଜ୍ ?ରେ ଦୁହେଁ ଅଚାନକ ଡ୍ୟାନ୍ସ କରିଥିବାର ଦୃଶ୍ୟ ମଧ୍ୟ ସାମ୍ନାକୁ ଆସିଛି । ସେଲିନ୍‌ଙ୍କ ସହ ଐଶ୍ୱର୍ଯ୍ୟାଙ୍କ ଏହି କେମେଷ୍ଟ୍ରି ଏବେ ଫ୍ୟାନ୍‌ଙ୍କ ମଧ୍ୟରେ ଖୁବ୍ ଚର୍ଚ୍ଚାରେ । ଐଶ୍ୱର୍ଯ୍ୟାଙ୍କ ସହ ଏହି ଷ୍ଟାର୍-ଷ୍ଟଡେଡ୍ ଶୋ'ରେ ସିମୋନ୍ ଆଶ୍ଲି, ଭାଓଲା ଡେଭିସ୍, ଜେନ୍ ଫୋଣ୍ଡା ଏବଂ ସେଲିନ୍ ଡିଅନ୍‌ଙ୍କ ଭଳି ଅନ୍ତର୍ଜାତୀୟ ଚେହେରା ମଧ୍ୟ ରାମ୍ପରେ ନଜର ଆସିଥିଲେ । ଏହାର ଗୋଟିଏ ଦିନ ପୂର୍ବରୁ ଐଶ୍ୱର୍ଯ୍ୟା ପ୍ୟାରିସ୍ ?ରେ ଝିଅ ଆରାଧ୍ୟା ବଚ୍ଚନଙ୍କ ସହ ନଜର ଆସିଥିଲେ । ଅଭିନୟ କଥା କହିଲେ, ତାଙ୍କ ଶେଷ ଥିଏଟ୍ରିକାଲ୍ ଫିଲ୍ମ ଥିଲା ମଣି ରତ୍ନମ୍‌ଙ୍କ 'ପୋନ୍ନିୟିନ୍ ସେଲ୍‌ଭାନ୍: ଓଓ' । ତେବେ ଏବେ ଅଭିନୟ ନୁହେଁ, ପ୍ୟାରିସ୍ ଫ୍ୟାଶନ୍ ୱିକ୍‌ରେ ନିଜ ଷ୍ଟାଇଲ୍‌ରେ ଐଶ୍ୱର୍ଯ୍ୟା ପୁଣିଥରେ ଛାଇଯାଇଛନ୍ତି ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସମ୍ପାଦକ : ଶୁଭେନ୍ଦୁ ଦାସ
Editor : Subhendu Das